ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani



ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୨୫ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 25 May 2026
Vol.No. 36 ■ No.136 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଲା
ସାଗରିକା
(ବିଷୁବସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net

# ୟୁକ୍ରେନ ରାଜଧାନୀ କିଭ୍ ଉପରେ ରୁଷର ଭୟଙ୍କର ଆକ୍ରମଣ: ଜଣଙ୍କର ମୃତ୍ୟୁ ଓ ୨୧ ଆହତ



ନୂଆଦିଲ୍ଲୀ,୨୪/୫ : ରବିବାର ରୁଷ ସେନା ପକ୍ଷରୁ ୟୁକ୍ରେନର ରାଜଧାନୀ କିଭ୍ ଉପରେ ରାତିସାରା ଅତ୍ୟାଧୁନିକ କ୍ଷେପଣାସ୍ତ୍ର ଓ ଆତ୍ମଘାତୀ ଡ୍ରୋନ ଦ୍ୱାରା ଏକ ବଡ଼ ଧରଣର ଆକ୍ରମଣ କରାଯାଇଛି, ଯାହା ସାରା ସହରରେ ବ୍ୟାପକ ଧ୍ୱଂସଲୀଳା ସୃଷ୍ଟି କରିଛି। କିଭ୍ ମେୟର ଭିଟାଲି କ୍ଲିଟ୍ସକୋଙ୍କ ସୂଚନା ଅନୁଯାୟୀ, ଏହି ଆକ୍ରମଣରେ ଅତିକମରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ୧୫ ବର୍ଷର ବାଳକ ସମେତ ୨୧ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ରୁଷର ଏହି ମିସାଇଲ୍ ମାଡ଼ ଯୋଗୁଁ ସହରର ଅନେକ ଆବାସିକ କୋଠା, ଛାତ୍ର ହଷ୍ଟେଲ, କାର୍ ସେବା କେନ୍ଦ୍ର ଓ ଏକ ବଡ଼ ସପିଂ ମଲ୍ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି ଏବଂ ବିଭିନ୍ନ ସ୍ଥାନରେ ଲାଗିଥିବା ନିଆଁକୁ ଆୟତ୍ତ କରିବା ପାଇଁ ଜରୁରୀକାଳୀନ ଦଳ ପକ୍ଷରୁ ରାତିସାରା ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା। ୟୁକ୍ରେନ ପକ୍ଷରୁ କରାଯାଇଥିବା ଡ୍ରୋନ ଆକ୍ରମଣର ପ୍ରତିଶୋଧ ନେବାକୁ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ନିର୍ଦ୍ଦେଶ ଦେବା ପରେ ଏହି ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ରୁଷର ସରକାରୀ ସଂସ୍ଥା ''ଟାସ୍'' ଦାବି କରିଥିଲା ଯେ, ଶୁକ୍ରବାର ଦିନ ୟୁକ୍ରେନ ସେନା ରୁଷ-ଅଧିକୃତ ଲୁହାନସ୍କ ଅଞ୍ଚଳର ଷ୍ଟାରୋବିଲସ୍କରେ ଥିବା ଏକ କଲେଜ ହଷ୍ଟେଲ ଉପରେ ଆକ୍ରମଣ କରି ୧୮ ଜଣ ନିରୀହ ପିଲାଙ୍କ ଜୀବନ ନେଇଛି। ଯଦିଓ ୟୁକ୍ରେନ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରି କହିଛି ଯେ ସେମାନେ କେବଳ ରୁଷର ''ରୁବିକନ ଡ୍ରୋନ ୟୁନିଟ''ର ସାମରିକ ମୁଖ୍ୟାଳୟକୁ ଟାର୍ଗେଟ କରିଥିଲେ, ତଥାପି ପୁଟିନଙ୍କ ନିର୍ଦ୍ଦେଶରେ ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ ଏହି ପ୍ରତିଶୋଧମୂଳକ ଆକ୍ରମଣ କରିଛି । ଆକ୍ରମଣ ପୂର୍ବରୁ ଆମେରିକା ଓ ୟୁରୋପୀୟ ଗୁପ୍ତଚର ସଂସ୍ଥାର ସୂଚନା ଆଧାରରେ ୟୁକ୍ରେନ ବାୟୁସେନା ଓ କିଭର ସାମରିକ ପ୍ରଶାସକ ତୈମୁର ତକାଚେଙ୍କୋ ନାଗରିକମାନଙ୍କୁ ଆଶ୍ରୟସ୍ଥଳକୁ ଯିବା ପାଇଁ ହାଇ ଆଲର୍ଟ ଜାରି କରିଥିଲେ। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କି ଏହି ଆକ୍ରମଣ ପରେ କ୍ଷୋଭ ପ୍ରକାଶ କରି ଯୁଦ୍ଧକୁ ଆହୁରି ବଢ଼ିବାରୁ ରୋକିବା ପାଇଁ ମସ୍କୋ ଉପରେ ଆନ୍ତର୍ଜାତୀୟ ଚାପ ପକାଇବାକୁ ବିଶ୍ୱ ସମୁଦାୟକୁ ଆହ୍ୱାନ ଦେଇଛନ୍ତି।


## ମହାନଦୀ ମାନସମନ୍ୱୟ: ଫିଟିଲା ମୀମାଂସା ବାଟ



ଭୁବନେଶ୍ୱର, ୨୪/୫ (ନି.ପ୍ର): ମହାନଦୀ ଉପରେ ଛତିଶଗଡ଼ ବନ୍ଧ ନିର୍ମାଣ କରିବା ଓ ଓଡ଼ିଶାର ବିଧିବଦ୍ଧ ବିରୋଧର ପ୍ରାୟ ୧୦ ବର୍ଷ ପରେ ଏବଂ ବିବାଦର ସମାଧାନ ନିମନ୍ତେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଟ୍ରିବୁନାଲ୍ ଗଠନର ୮ ବର୍ଷ ପରେ ମହାନଦୀ ଜଳକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ଚାଲିଥିବା ବିବାଦର ସମାଧାନ ପାଇଁ ଆଶା ଦେଖାଦେଇଛି । ପୁରୀରେ ଉଭୟ ରାଜ୍ୟର ବରିଷ୍ଠ ଅଧିକାରୀ ଓ ଆଇନ ପରାମର୍ଶଦାତାଙ୍କ ମାନସମନ୍ୱୟ ପରେ ରାଜ୍ୟ ସରକାର 'ସମାଧାନ' ନେଇ ଆଶାବାଦୀ ହୋଇଛନ୍ତି । ପୁରୀରେ ଉଭୟ ରାଜ୍ୟର ଉଚ୍ଚସ୍ତରୀୟ ପ୍ରତିନିଧିମାନଙ୍କ ଉପସ୍ଥିତିରେ ହୋଇଥିବା ବୈଠକ ପରେ ମହାଧିବକ୍ତା ( ଆଡଭୋକେଟ ଜେନେରାଲ) ପୀତାମ୍ବର ଆଚାର୍ଯ୍ୟ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ 'ଆଶାବାଦୀ'ବୋଲି କହିଥିବା ବେଳେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ଅନୁରୂପ ଭାବେ 'ସମାଧାନର ଆଶା ଉଜ୍ଜ୍ୱଳ' ବୋଲି କହିଛନ୍ତି । ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ବିଗତ କିଛି ବର୍ଷ ଧରି ମହାନଦୀ ପ୍ରସଙ୍ଗରେ ଉଭୟ ରାଜ୍ୟ ମଧ୍ୟରେ ଆଲୋଚନା ପ୍ରାୟ ବନ୍ଦ ରହିଥିଲା । କିନ୍ତୁ ବର୍ତ୍ତମାନ ପ୍ରଶାସନିକ ଓ ବୈଷୟିକ ସ୍ତରରେ ଆଲୋଚନା ସଫଳ ଭାବେ ଆଗକୁ ବଢୁଛି । ସେ କହିଛନ୍ତି ଯେ, ମହାନଦୀର ଜଳ ଉଭୟ ରାଜ୍ୟର ଚାଷୀଙ୍କ ଅଧିକାର ଓ ସେଚନ କ୍ଷେତ୍ରରେ କୌଣସି ରାଜ୍ୟର ଚାଷୀ ଯେପରି କ୍ଷତିଗ୍ରସ୍ତ ନ ହେବେ, ସେଥିପାଇଁ ହିସାବ-କିତାବ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଟ୍ରିବ୍ୟୁନାଲଙ୍କ ପରାମର୍ଶକ୍ରମେ ଓଡ଼ିଶା ସରକାର ପକ୍ଷରୁ ଏକ ଉଚ୍ଚସ୍ତରୀୟ ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇଛି । ଛତିଶଗଡ଼ ସରକାର ମଧ୍ୟ ଶୀଘ୍ର ଏଭଳି କମିଟି ଗଠନ କରିବେ ।

◆◆ପୃଷ୍ଠା ୭

## ଟ୍ରେନ୍ ଉପରେ ରିଲ୍ସ ସୁଟିଂ: ଛୁଇଁ ଦେଲା ୩୩ହଜାର କେଭି ତାର, ଜଳିଗଲେ ଯୁବକ




ଭୁବନେଶ୍ୱର, ୨୪/୫ (ନି.ପ୍ର): ରିଲ୍ସ ଓ ସେଲ୍ଫିର ମାୟାରେ ଯୁବପିଢ଼ି । ଶସ୍ତା ପ୍ରଚାର ଜାରିଆରେ ସାମାଜିକ ଗଣମାଧ୍ୟରେ ସବ୍ସ୍କ୍ରାଇବର ଓ ଫଲୋଅର୍ସ ବଢ଼ିବା କିମ୍ବା ଭ୍ୟୁଅରସିପ୍‌ରୁ ଟଙ୍କା ମିଳିବା ଚର୍ଚ୍ଚା ଯେତେବଢୁଛି, ଯୁବପିଢ଼ିଙ୍କ ମଧ୍ୟ ସେଲ୍ଫି ଓ ରିଲ୍ସ ନିଶାରେ ମୃତ୍ୟୁ ସଂଖ୍ୟା ମଧ୍ୟ ସେତିକି ବଢ଼ିବାରେ ଲାଗିଛି । ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ ଗତ ୧୧ ବର୍ଷ ମଧ୍ୟରେ ୨୭୧ ଜଣ ମୃତାହତ ହୋଇଛନ୍ତି । ଏହି ସଂଖ୍ୟାରେ ଆଜି ଭୁବନେଶ୍ୱରର ଆଉ ଏକ ଯୁବକଙ୍କ ନାମ ଯୋଡ଼ି ହୋଇଯାଇଛି ।

◆◆ପୃଷ୍ଠା ୭

## ଜଳୁଛି ସାରା ଓଡ଼ିଶା: ପଶ୍ଚିମରେ ଅସମ୍ଭାଳ ତାତି, ଉପକୂଳରେ ଗୁଳୁଗୁଳି



ଭୁବନେଶ୍ୱର, ୨୪/୫ (ନି.ପ୍ର): ସାରାରାଜ୍ୟକୁ କଲବଲ କରୁଛି ଅସହ୍ୟ ତାତି । ଆକାଶରୁ ଯେମିତି ନିଆଁ ବର୍ଷୁଛି । ପଶ୍ଚିମରେ ତାପମାତ୍ରା ଲଗାତାର ଭାବେ ୪୫ ଡିଗ୍ରୀ ରହୁଥିବାବେଳେ ଉପକୂଳରେ ଦହଗଞ୍ଜ କରୁଛି ଗୁଳଗୁଳି । ଆଦ୍ରତା ଅଧିକ ରହିବା କାରଣରୁ ଅନୁଭୂତ ହେଉଛି ଭୀଷଣ ଗରମ । ଶରୀରରୁ ଜଳିୟ ଅଂଶ ଶୁଖିଯିବା କାରଣରୁ ଲୋକେ ଅସୁସ୍ଥ ହେଉଛନ୍ତି । ଆହୁରି ୪ଦିନ ଏମିତି ସ୍ଥିତି ଜାରି ରହିବ, ତେଣୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ । ଡହ ଡହ ଖରା ସାଂଗକୁ ଝାଞ୍ଜି ପବନ । ଘର ବାହର ସବୁଠି ତାତିର ତାଉ । କଲବଲ ହେଉଛି ଜନଜୀବନ । ସପ୍ତାହେ ହେଲାଣି ସାରାରାଜ୍ୟରେ ଲାଗି ରହିଛି ଏମିତି ସ୍ଥିତି । ଝାରସୁଗୁଡ଼ାର ତାପମାତ୍ରା ଲଗାତାର ଭାବେ ୪୫ ଡିଗ୍ରୀ ଉପରେ ରହୁଛି । ବୁଧବାର ୪୬ ଡିଗ୍ରୀ ଛୁଇଁଥିଲା । ଆଜି ସମ୍ବଲପୁର ସବୁଠୁ ଉତ୍ତପ୍ତ ସହର ପାଲଟିଛି । ହୀରାକୁଦ, ବଲାଙ୍ଗୀର, ବରଗଡ଼ ସମେତ ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନରେ ଅଗ୍ନିବର୍ଷା ହେଉଛି । ଉପକୂଳ ଓଡ଼ିଶାର ତାପମାତ୍ରା ପଶ୍ଚିମଓଡ଼ିଶା ତୁଳନାରେ କମ୍ ରହୁଥିଲେ ବି ଅଧିକ ଆଦ୍ରତା ଯୋଗୁଁ ଚାରିପଟେ ନିଆଁ ଜଳିଲା ଭଳି ଲାଗୁଛି । ଦିନ ରାତି, ଘରେ ବାହାରେ ସବୁଠି ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି । ପାଣିପାଗ ବିଭାଗର ଆକଳନ ଅନୁସାରେ ତାତିରୁ ଏବେ ନିସ୍ତାର ମିଳିବନି । ଆହୁରି ୪ରୁ ୫ଦିନ ପର୍ଯ୍ୟନ୍ତ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିବ । ପ୍ରଚଣ୍ଡ ସୂର୍ଯ୍ୟ କିରଣ ଏବଂ ଶୁଷ୍କ ଉତ୍ତର-ପଶ୍ଚିମା ପବନ ଯୋଗୁଁ ଝାରସୁଗୁଡ଼ା, ସମ୍ବଲପୁର, ବୌଦ୍ଧ ଓ ବଲାଂଗୀରରେ ଜିଲ୍ଲାଗୁଡ଼ିକରେ ସର୍ବୋଚ୍ଚ ତାପମାତ୍ରା କ୍ରମାଗତ ଭାବେ ୪୩ଡିଗ୍ରୀରୁ ୪୫ ଡିଗ୍ରୀ ମଧ୍ୟରେ ରହିବ । ଏପଟେ ଉପକୂଳବର୍ତ୍ତୀ ଅଂଚଳ ଭୁବନେଶ୍ୱର, କଟକ ଏବଂ ପୁରୀରେ ବାୟୁମଣ୍ଡଳର ତାପମାତ୍ରା ସାମାନ୍ୟ କମ୍ ରହିଲେ ମଧ୍ୟ ଶାରୀରିକ ଅସ୍ୱାଭାବିକତା ଓ ଗୁଳୁଗୁଳି ବହୁତ ଅଧିକ ହେବ । ବଙ୍ଗୋପସାଗରରୁ ପ୍ରଚୁର ପରିମାଣରେ ଆଦ୍ରତା ପ୍ରବେଶ କରୁଥିବାରୁ ଏହା 'ରିଅଲ୍-ଫିଲ୍' ବା ଗରମର ପ୍ରକୃତ ଅନୁଭୂତିକୁ ବହୁତ ବଢ଼ାଇଦେବ । ମେ ୨୮ ପରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଧୀରେ ଧୀରେ ଦୁର୍ବଳ ହେବ । ଆଭ୍ୟନ୍ତରୀଣ ଓଡ଼ିଶାରେ ସର୍ବୋଚ୍ଚ ତାପମାତ୍ରା ପ୍ରାୟ ୨ରୁ ୪ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ, ତଥାପି ପାଗ ଗରମ ଓ ଗୁଳୁଗୁଳିପୂର୍ଣ୍ଣ ରହିବ । ଏହି ସମୟରେ କାଳବୈଶାଖୀର ପ୍ରଭାବ ବୃଦ୍ଧି ପାଇବ । ଜୁନ୍ ୭ରୁ ଜୁନ୍ ୧୧ ମଧ୍ୟରେ ଓଡ଼ିଶାର କେତେକ ଅଂଚଳକୁ ମୌସୁମୀ ପ୍ରବେଶ କରିବାର ସମ୍ଭାବନା ରହିଛି । କିନ୍ତୁ ବର୍ଷାର ପରିମାଣରେ ଅସମାନତା ରହିବ । ଏଥିସହ ଆଗକୁ ଏଲନିନୋର ପ୍ରଭାବରେ ଅଭାବୀ ବର୍ଷା ଓ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବା ନେଇ ଆଶଙ୍କା କରାଯାଉଛି । କାଳବୈଶାଖୀ ପ୍ରଭାବରେ କିଛି ଅଂଚଳରେ ବର୍ଷା ହୋଇଛି । କିନ୍ତୁ ତାତି କମାଇବାକୁ ଯଥେଷ୍ଟ ନୁହେଁ ।

## ଦନ୍ତା ହାତୀର ଗଳିତ ମୃତଦେହ ଠାବ

ଭବାନୀପାଟଣା, ୨୪/୫ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଉତର ବନଖଣ୍ଡ ନର୍ଲା ରେଞ୍ଜ ଅନ୍ତର୍ଗତ କମର୍ଦ୍ଧା ଗାଁ ଠାରୁ ପ୍ରାୟ ୧ କି.ମି. ଦୂରରେ ଏକ ଦନ୍ତା ହାତୀର ଗଳିତ ମୃତଦେହ ଠାବ ହେଇଛି । ଆଜି ସକାଳେ ଗ୍ରାମବାସୀ ଏ ସମ୍ପର୍କରେ ଜାଣିବା ପରେ ତୁରନ୍ତ ବନ ବିଭାଗକୁ ଖବର ଦେଇଥିଲେ । ବନ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଂଚିଛନ୍ତି । ତେବେ କିପରି ହାତୀଟିର ମୃତ୍ୟୁ ଘଟିଛି ତା'ର କାରଣ ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ । ସୂଚନାଯୋଗ୍ୟ, ଏହି ଅଂଚଳରେ ହାତୀପଲ ନିୟମିତ ଭାବେ ଯାତାୟାତ କରିଥାନ୍ତି ।

## ବାରାମୁଲାରେ ଆତଙ୍କବାଦୀ ଠିକଣାରୁ ବିପୁଳ ପରିମାଣର ଗୋଳାବାରୁଦ ଉଦ୍ଧାର


ନୂଆଦିଲ୍ଲୀ,୨୪/୫ : ଉତ୍ତର କାଶ୍ମୀରରେ ସୁରକ୍ଷା ବାହିନୀ ଏକ ବଡ଼ ସଫଳତା ହାସଲ କରିଛନ୍ତି । ବାରାମୁଲା ଜିଲ୍ଲାର ନିଲସର କାଣ୍ଡି ଅଞ୍ଚଳରେ ଏକ ମିଳିତ ଅପରେସନ ସମୟରେ ଏକ ସନ୍ଦିଗ୍ଧ ଆତଙ୍କବାଦୀ ଠିକଣାରୁ ବିପୁଳ ପରିମାଣର ବିସ୍ଫୋରକ ଜବତ କରାଯାଇଛି । ନିର୍ଦ୍ଦିଷ୍ଟ ଗୁଇନ୍ଦା ତଥ୍ୟ ଆଧାରରେ ବାରାମୁଲା ପୋଲିସ୍, ୫୨ ରାଷ୍ଟ୍ରୀୟ ରାଇଫଲ୍ ଏବଂ ସିଆର୍ପିଏଫ୍ ଦ୍ୱାରା ଏହି ଅଞ୍ଚଳରେ ଏକ ମିଳିତ ଅପରେସନ ଆରମ୍ଭ କରାଯାଇଥିଲା ବୋଲି ସରକାରୀ ସୂତ୍ରରୁ ପ୍ରକାଶ । ଏହି ସମୟରେ, ସୁରକ୍ଷା ବାହିନୀ ୧୪ ରାଉଣ୍ଡ ଓଜି-୭ଭି ରକେଟ

◆◆ପୃଷ୍ଠା ୭

## ୟୁପି ହାପୁରରେ ଅଦିନିଆ ରଥଯାତ୍ରା ସ୍ଥଗିତ

ଭୁବନେଶ୍ୱର, ୨୪/୫ (ନି.ପ୍ର): ୟୁପି ହାପୁରରେ ହେବାକୁ ଥିବା ଅଦିନିଆ ରଥଯାତ୍ରା ସ୍ଥଗିତ ରହିଛି । ଜୁନ୍ ୧୬ରେ ରଥଯାତ୍ରା କରିବାକୁ ହାପୁର ଜଗନ୍ନାଥ ମନ୍ଦିର ନିଷ୍ପତି ନେଇଥିଲା । ଏହା ଉଉପରେ ଅସନ୍ତୋଷ ପ୍ରକାଶ କରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ହାପୁର ଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲେ । ଏହାପରେ ହାପୁର ଜଗନ୍ନାଥ ମନ୍ଦିର ରଥଯାତ୍ରାକୁ ସ୍ଥଗିତ ରଖିବା ସହ ପୁରୀ ଶ୍ରୀଜଗନ୍ନାଥ ଧାମ ଦ୍ୱାରା ଧାର୍ଯ୍ୟ ଜୁଲାଇ ୧୬ରେ ରଥଯାତ୍ରା ପାଇଁ ନିଷ୍ପତି ନେଇଛି । ଏସମ୍ପର୍କରେ ହାପୁର ଜିଲ୍ଲାପାଳ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖି ଅବଗତ କରିଛନ୍ତି । ଏହାପରେ ହାପୁର ଜିଲ୍ଲାପାଳଙ୍କୁ ଶ୍ରୀମନ୍ଦିର ପ୍ରଶାସନ କୃତଜ୍ଞତା ଜଣାଇଛି ।

## ଆମେରିକା ଓ ଇରାନ ମଧ୍ୟରେ ବୁଝାମଣା ଅନ୍ତିମ ପର୍ଯ୍ୟାୟରେ: କଥା ଅଟକିଛି ୟୁରାନିୟମ୍‌ରେ



ନୂଆଦିଲ୍ଲୀ,୨୪/୫ : ଆମେରିକା-ଇରାନ ଯୁଦ୍ଧକୁ ନେଇ ଆସିବ କି କିଛି ବଡ଼ ଖବର? ଗୋଟିଏ ପଟେ ଟ୍ରମ୍ପ ଓ ଇରାନ ମଧ୍ୟରେ ବୁଝାମଣା ଅଙ୍କ ଛିଡୁନଥିବା ବେଳେ, ଅନ୍ୟପଟେ ଭାରତ ଗସ୍ତରେ ଥିବା ଆମେରିକାର ବୈଦେଶିକ ସଚିବ ମାର୍କ ରୁବିଓଙ୍କ ମନ୍ତବ୍ୟକୁ ନେଇ ବଢ଼ିଲା କଳ୍ପନାଜଳ୍ପନା । ଆମେରିକା ଓ ଇରାନ ମଧ୍ୟରେ ବୁଝାମଣା ଅନ୍ତିମ ପର୍ଯ୍ୟାୟରେ ଥିବା ଘୋଷଣା କରିଛନ୍ତି ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ । ଏହା ସଫଳ ହେଲେ ଯୁଦ୍ଧବିରତି ଆଉ ୬୦ ଦିନ ବଢ଼ିପାରେ । ଏଥିସହ ତୈଳ ଯୋଗାଣରେ ବିଶ୍ୱର ଜୀବନରେଖା କୁହାଯାଉଥିବା ହର୍ମୁଜ ପ୍ରଣାଳୀ ଖୋଲିବା ନେଇ ମଧ୍ୟ ମିଳିପାରେ ସବୁଜ ସଂକେତ । ଏବେ ହର୍ମୁଜ୍ ଅଚଳାବସ୍ଥା ଯୋଗୁ ଭାରତ ସମେତ ବିଭିନ୍ନ ଦେଶରେ ତେଲ ପାଇଁ ହାହାକାର ପଡ଼ିଛି । ସର୍ତ୍ତ ଅନୁସାରେ, ହର୍ମୁଜରେ ଇରାନ ଖଞ୍ଜିଥିବା ମାଇନ୍ ବା ବିସ୍ଫୋରକ ହଟାଇଲେ, ଆମେରିକା ଇରାନୀ ବନ୍ଦର ଗୁଡ଼ିକ ଉପରେ ଲଗାଇଥିବା ଘେରାବନ୍ଦୀକୁ କୋହଳ କରିବ । ଯାହା ଫଳରେ ଇରାନ ଖୋଲାଖୋଲି ତେଲ ରପ୍ତାନୀ କରିପାରିବ । ହେଲେ କଥା ଅଟକିଛି ୟୁରାନିୟମ୍‌ରେ । ଆଣବିକ କାର୍ଯ୍ୟକ୍ରମ ପାଇଁ ଇରାନ ପାଖରେ ଥିବା ୪୪୦ କିଲୋ ସମୃଦ୍ଧ ୟୁରାନିୟମକୁ ସମର୍ପଣ କରିବାକୁ ଦାବି କରୁଛି ଆମେରିକା । ହେଲେ ଇରାନ୍ ଏ ପର୍ଯ୍ୟନ୍ତ ଏଥିରେ ସହମତି ପ୍ରକାଶ କରିନାହିଁ । ଇରାନ ଓ ଆମେରିକା ମଧ୍ୟରେ ମଧ୍ୟସ୍ଥ ଜରିଆରେ ପରୋକ୍ଷ ଆଲୋଚନା ଚାଲିଛି । ପାକିସ୍ତାନ ସମେତ କିଛି ମୁସଲିମ ଦେଶ ଓ ଆରବ ଦେଶ ସହ ଆଲୋଚନା

◆◆ପୃଷ୍ଠା ୭

## ଶିଳ୍ପ ସଂସ୍ଥା ବୁଲିଲେ, ଶିଳ୍ପାୟନରେ ସହଯୋଗର ପ୍ରତିଶ୍ରୁତି ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୪/୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଖୋର୍ଦ୍ଧା ଜିଲ୍ଲାର ଦୁଇଟି ପ୍ରମୁଖ ଶିଳ୍ପ ସଂସ୍ଥା ପରିଦର୍ଶନ କରିଛନ୍ତି । ଏହି ଅବସରରେ ପୁଣିଥରେ ରାଜ୍ୟରେ ଶିଳ୍ପାୟନରେ ସରକାରଙ୍କ ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ପ୍ରଥମେ କାଳୀବେଟି ସ୍ଥିତ ଏପିକ ଗ୍ରୁପ୍‌ର ଅତ୍ୟାଧୁନିକ ବସ୍ତ୍ର ଉତ୍ପାଦନ କାରଖାନା 'ଟ୍ରାଇମେଟ୍ରୋ ଗାର୍ମେଣ୍ଟସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ' ଯାଇଥିଲେ । ପରେ ମୁଣ୍ଡାଆମ୍ବ ସ୍ଥିତ ପ୍ରତିରକ୍ଷା ଓ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ଅଗ୍ରଣୀ ସଂସ୍ଥା 'ଆନାଡ୍ରୋନ୍ ସିଷ୍ଟମ୍ସ' ପରିସର ପରିଦର୍ଶନ କରିଥିଲେ । ଉଭୟ କାରଖାନାର କର୍ମଚାରୀମାନଙ୍କ ସହ ଅତି ନିବିଡ଼ ଭାବେ ଆଲୋଚନା କରି ସେମାନଙ୍କର କାର୍ଯ୍ୟ ପ୍ରଣାଳୀ ଓ କାର୍ଯ୍ୟ ପରିବେଶ ସମ୍ପର୍କରେ ପଚାରି ବୁଝିଥିଲେ । କର୍ମଚାରୀ ମାନଙ୍କ ସହ କଥା ହୋଇ ମୁଖ୍ୟମନ୍ତ୍ରୀ ଶିଳ୍ପାଞ୍ଚଳରେ ଶ୍ରମିକ ତଥା କର୍ମଚାରୀ ମାନଙ୍କ ପାଇଁ ଆନୁଷଙ୍ଗିକ ସୁବିଧା ସୁଯୋଗର ବିକାଶ ଉପରେ ସବିଶେଷ ଗୁରୁତ୍ୱାରୋପ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶିଳ୍ପ ପ୍ରତିଷ୍ଠାନ ଗୁଡ଼ିକର ପରିଚାଳନା କର୍ତ୍ତୃପକ୍ଷଙ୍କୁ ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେବା ସହ ସ୍ଥାନୀୟ ନିଯୁକ୍ତିକୁ ସର୍ବାଧିକ ଅଗ୍ରାଧିକାର ଦେବାକୁ ପରାମର୍ଶ ଦେଇଥିଲେ । ବିଶେଷ କରି କାର୍ଯ୍ୟରତ ମହିଳା କର୍ମଚାରୀମାନଙ୍କ ସୁରକ୍ଷା ଓ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯିବ । କର୍ମଚାରୀଙ୍କ ରହିବା ନିମନ୍ତେ ଅତ୍ୟାଧୁନିକ ହଷ୍ଟେଲ ନିର୍ମାଣ କରାଯିବା ସହ ସେମାନଙ୍କ ଦୈନନ୍ଦିନ ଯାତାୟାତକୁ ସହଜ, ସୁରକ୍ଷିତ ଓ ପରିବେଶ ଅନୁକୂଳ କରିବା ପାଇଁ ଇଭି ବସ୍ ସେବା ପ୍ରଦାନ କରାଯିବ । ଆଗାମୀ ଦିନରେ ଏହି ଅଞ୍ଚଳରେ ଏଭଳି ଆହୁରି ଅନେକ ନୂତନ ଶିଳ୍ପ ୟୁନିଟ୍ ପ୍ରତିଷ୍ଠା କରାଯିବ, ଯାହା ସ୍ଥାନୀୟ ଯୁବପିଢ଼ିଙ୍କ ପାଇଁ ନୂତନ ନିଯୁକ୍ତିର ଦ୍ୱାର ଉନ୍ମୁକ୍ତ କରିବ ଏବଂ ସ୍ଥାନୀୟ ଅର୍ଥନୀତିକୁ ଅଧିକ କ୍ରିୟାଶୀଳ କରିବ । ଏହି ବୃହତ ଶିଳ୍ପଗୁଡ଼ିକୁ ଆଧାର କରି ଏଠାରେ ଏକାଧିକ ଆନୁଷଙ୍ଗିକ ଶିଳ୍ପ ମଧ୍ୟ ଗଢ଼ିଉଠିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି । ସୂଚନା ଯୋଗ୍ୟ ଯେ ଟ୍ରାଇମେଟ୍ରୋ ଗାର୍ମେଣ୍ଟସ୍ ହେଉଛି ବିଶ୍ୱସ୍ତରୀୟ ବସ୍ତ୍ର ଉତ୍ପାଦନ ସଂସ୍ଥା ଇପିକ୍ ଗ୍ରୁପ୍‌ର ଏକ କମ୍ପାନୀ ଏବଂ ପ୍ରଥମ ଥର ପାଇଁ ଭାରତରେ ତାର ଉତ୍ପାଦନ ଆରମ୍ଭ କରିଛି ।

◆◆ପୃଷ୍ଠା ୭

# ବରିଷ୍ଠ ଓକିଲ ତଥା ସେଂଟ୍ରାଲ ନୋଟାରୀ ଗୋବିନ୍ଦ ବେହେରାଙ୍କ ହୃଦ୍‌ଘାତରେ ପରଲୋକ

ବଲାଙ୍ଗୀର, ୨୪/୦୫ (ନି.ପ୍ର): ଗତକାଲି ୨୨. ୦୫. ୨୦୨୬ ରବିବାର ରାତି ପ୍ରାୟ ସାଢ଼େ ୧୧ଟା ସମୟରେ ବାଲାଙ୍ଗୀରରେ କାର୍ଯ୍ୟରତ ଆଇନଜୀବୀ ତଥା ସେଂଟ୍ରାଲ ନୋଟାରୀ ଗୋବିନ୍ଦ ବେହେରାଙ୍କ ୬୦ବର୍ଷ ବୟସରେ ହୃଦଘାତରେ ପରଲୋକ ହୋଇଯାଇଛି। ଗତକାଲି ରାତିରେ ନିଜ ହସ୍ପିଟାଲ ରୋଡ୍ ସ୍ଥିତ ବାସଭବନରେ ହଠାତ୍ ଶ୍ରୀ ବେହେରା ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ତୁରନ୍ତ ଭୀମ ଭୋଇ ମେଡିକାଲରେ ଭର୍ତି କରାଯାଇ ଥିଲା। ତେବେ ଡାକ୍ତରଙ୍କ ସମସ୍ତ ପ୍ରଚେଷ୍ଟା ସତ୍ୱେ ରାତି ସାଢ଼େ ୧୧ ଟା ସମୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ମୃତ୍ୟୁ ଶଯ୍ୟାରେ ତାଙ୍କର ପୁଅ ଓ ବିଧବା ପତ୍ନୀ ଉପସ୍ଥିତ ଥିବା ବେଳେ ବେଙ୍ଗଲୋରରେ ରହୁଥିବା ଝିଅ ଆସିଲା ପରେ ଅନ୍ତେଷ୍ଟି କ୍ରିୟା ଅନୁଷ୍ଠିତ ହେବ ବୋଲି ପରିବାର ସୂତ୍ରରୁ ପ୍ରକାଶ। ଗୋବିନ୍ଦ ବେହେରା ଜଣେ ଆମାୟିକ ଓ ଭଦ୍ର ମଣିଷ ଭାବରେ ପରିଚିତ ଥିଲେ। ୧୯୯୪ ମସିହା ଏପ୍ରିଲ ୮ତାରିଖରେ ବଲାଙ୍ଗୀର ଜିଲ୍ଲା ବାର୍ ରେ ଜଣେ ଓକିଲ ଭାବରେ ନିଜର ବୃତିଗତ ଜୀବନ ଆରମ୍ଭ କରି ଥିଲେ ଗୋବିନ୍ଦ ବେହେରା। ତତ୍କାଳୀନ ବରିଷ୍ଠ ଆଇନଜୀବୀ ଶୁଭ୍ରାଂଶୁ ଶେଖର ମିଶ୍ରଙ୍କ ଜୁନିୟର ଭାବରେ ନିଜର ଓକିଲାତି ପେଶା ଆରମ୍ଭ କରି ପରବର୍ତୀ ସମୟରେ ଶ୍ରୀ ବେହେରା ସେଂଟ୍ରାଲ ନୋଟାରୀ ଭାବରେ ସଫଳତାର ସହ କାର୍ଯ୍ୟ କରିଥିଲେ। ଜିଲ୍ଲା ଓକିଲ ସଂଘର ଯୁଗ୍ମ ସମ୍ପାଦକ ଭାବରେ ଦୁଇ ଦୁଇ ଥର ଦାୟିତ୍ୱ ସମ୍ଭାଳି ଥିବା ଶ୍ରୀ ବେହେରା ଜିଲ୍ଲା ବାରିକ ସମାଜର ଜଣେ ସକ୍ରିୟ ସଭ୍ୟ ଭାବରେ ନିଜର ସାଙ୍ଗଠନିକ ଦକ୍ଷତା ପ୍ରତିପାଦନ କରିଥିଲେ। ଶ୍ରୀ ବେହେରାଙ୍କ ଅକାଳ ବିୟୋଗରେ ଆଜି ବଲାଙ୍ଗୀର ସିଭିଲ କୋର୍ଟ ପରିସରରେ ବଲାଙ୍ଗୀର ଜିଲ୍ଲା ଓକିଲ ସଂଘ ତରଫରୁ ଏହି ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପସଭାପତି ଚିନ୍ମୟ ମିଶ୍ର, ସମ୍ପାଦକ ଅସିତ ଷଡ଼ଙ୍ଗୀଙ୍କ ସମେତ ବରିଷ୍ଠ ଆଇନଜୀବୀ ଆନନ୍ଦ ପାଣିଗ୍ରାହୀ, ରବି ବହିଦାର, ଭବାନୀ ଶଙ୍କର ଶତପଥୀ, ସତ୍ୟ ନାରାୟଣ ନାୟକ, ଦେବେନ୍ଦ୍ର ପାଣିଗ୍ରାହୀ ଜୟକୃଷ୍ଣ ସାହୁ, ପ୍ରମୋଦ ତ୍ରିପାଠୀ, ଅମରେଶ ତ୍ରିପାଠୀ, ସୁରେନ୍ଦ୍ର ମିଶ୍ର, ସଞ୍ଜୟ ବଗର୍ତୀ, ସୁଧାଂଶୁ ଦେଓ ଜିତେନ୍ଦ୍ର ପୁରୋହିତ, ଭବାନୀ ଭୋଇ ପ୍ରମୁଖ ସ୍ୱର୍ଗତଃ ଗୋବିନ୍ଦ ବେହେରାଙ୍କ ସ୍ମୃତିଚାରଣ କରିଥିଲେ।

## କଇଁଫୁଲିଆ ଛକର ନାମ ପରିବର୍ତ୍ତନ ଯୋଗୁଁ ଆସିକା ଅଞ୍ଚଳରେ ଜନ ଅସନ୍ତୋଷ

ଗଂଜାମ, ୨୪/୦୫ (ନି.ପ୍ର):ଆସିକା ବିଧାୟକ ସରୋଜ ପାଢୀନିଜକୁ ଜଣେ ମହାନ୍ ବ୍ୟକ୍ତିତ୍ୱ ବୋଲି ଜଣାଇବାକୁ ଓ ଦେଖାଇ ହେବାକୁ ଆସିକା କଇଁଫୁଲିଆ ଛକକୁ ନିଜନାମରେ ପ୍ରଶାସନ ଉପରେ ପ୍ରଭାବ ପକାଇ ସରୋଜପାଢୀ ଛକ ବୋଲି ନାମିତ କରିଥିବାରୁ ଆସିକା ତଥା ସାରା ଗଂଜାମ ଜିଲାରେ ତୀବ୍ର ଅସନ୍ତୋଷଓ ପ୍ରତିବାଦ ସୃଷ୍ଟି ହେବାରେ ଲାଗିଛି ।ଏହାର ନାମ ପରିବର୍ତ୍ତନ ନହୋଇ ପୂର୍ବ ଭଳି କଇଁଫୁଲିଆ ଛକ ରହୁ ବୋଲି ସାଧାରଣରେ ଦାବି ହେଉଛି।

# ସମ୍ବଲପୁରରେ ବିଶ୍ୱ ସଂସ୍କୃତି ଦିବସ

ସମ୍ବଲପୁର, ୨୪/୦୫ (ନି.ପ୍ର): ପରସ୍ପର ଆଦାନ ପ୍ରଦାନ ତଥା ଗ୍ରହଣୀୟତା ମଧ୍ୟରେ ସାଂସ୍କୃତିକ ଧାରା ପ୍ରବାହିତ ହେଉଥିବାରୁ ସମସ୍ତଙ୍କ ସହ ସମସ୍ତଙ୍କର ସଦା ସମନ୍ୱୟ ଏବଂ ଏକତା ରହିଆସିଛି। ଯଦି ଏଥିରେ ଅସହିଷ୍ଣୁତା ପ୍ରବେଶ କରିବ ନାହିଁ ତେବେ ପ୍ରକୃତ ମର୍ମରେ ବସୁଧୈବ କୁଟୁମ୍ବକମ୍ ସ୍ଥାପିତ ହୋଇପାରିବ ବୋଲି ମତପ୍ରକାଶ ପାଇଛି । ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଡ଼ ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଶ୍ୱ ସଂସ୍କୃତି ଦିବସ ପାଳନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ଡ଼. ବ୍ୟୋମକେଶ ତ୍ରିପାଠୀ କହିଲେ ଯେ ଗୋଟିଏ ସମୂହର ସ୍ଥାନାନ୍ତରଣ ବା ଅନ୍ୟ ସ୍ଥାନରେ ଯାଇ ବାସ କରିବା ମଧ୍ୟରେ ସଂସ୍କୃତି ମଧ୍ୟ ଦୂର ଦୂରାନ୍ତର କୁ ଯାତ୍ରା କରିଥାଏ । ଏହି ସାଂସ୍କୃତିକ ଆଦାନ ପ୍ରଦାନ ସମାଜରେ ସମନ୍ୱୟ ସ୍ଥାପନ କରେ । ଆଦାନପ୍ରଦାନ ଓ ଗ୍ରହଣିୟତା ଯେତେ ବ୍ୟାପକ ହେବ, ସାମାଜିକ ଏକତା, ପରସ୍ପର ସ୍ନେହ ଶ୍ରଦ୍ଧା, ବିଶ୍ୱାସ ଓ ସମ୍ମାନ ସେତେ ଦୃଢ ହେବ । ସାଂସ୍କୃତିକ ମହତ୍ୱ କୁ ହୃଦବୋଧ କରି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଐତିହାସିକ ଉଦ୍ଯାପନ, ସମ୍ବଲପୁରୀ ଭାଷାରେ ମାଗାଜିନ୍ ର ପ୍ରକାଶନ, ଓଡ଼ିଶା ସାଂସ୍କୃତିକ ସମାଜ ଭଳି ସଂସ୍ଥା ସହିତ ଏମଓୟୁ ସ୍ୱାକ୍ଷର କରିବା ସହିତ ଅନେକ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛି । ମୁଖ୍ୟବକ୍ତା ରୂପେ ଯୋଗଦେଇ ଦୂରଦର୍ଶନର ଅବସରପ୍ରାପ୍ତ କେନ୍ଦ୍ର ନିର୍ଦ୍ଦେଶକ ବୈକୁଣ୍ଠ ପାଣିଗ୍ରାହୀ କହିଲେ, ସାଂସ୍କୃତିକ ସମନ୍ୱୟ, ପରସ୍ପର ଗ୍ରହଣୀୟତା ରହିବା ଆବଶ୍ୟକ । ଏହାରି ଜରିଆରେ ବିଶ୍ୱଶାନ୍ତି ସ୍ଥାପିତ ହୋଇ ପାରିବ । ସେଥିପାଇଁ ୟୁଏନ ବିଶ୍ୱ ସଂସ୍କୃତି ଦିବସ ର ପରିକଳ୍ପନା କରିଛି । ଓଡ଼ିଶା ଏବଂ ପଡୋଶୀ ରାଜ୍ୟ ଗୁଡିକ ମଧ୍ୟରେ ସାଂସ୍କୃତିକ ସମାନତା ପାଇବା । ସମ୍ବାଦ, ଆଦାନ ପ୍ରଦାନ ଜରିଆରେ ଆମେ ପରସ୍ପର ମଧ୍ୟରେ ଭାବ ଓ ଏକତା ରଖିପାରିବା । ଏତଦ୍ୱାରା ଆମ ସଂସ୍କୃତି ର ଅଧିକ ପ୍ରସାରିତ ହେବ । ମାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ଧନୁପାଲି ସରସ୍ୱତୀ ବିଦ୍ୟା ମନ୍ଦିରର ଛାତ୍ର ବିଶ୍ୱ ପ୍ରସାଦ ବଳଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ଅଖିଳ ପଟ୍ଟନାୟକ ସ୍ୱାଗତ ଭାଷଣ ଏବଂ ଦିଲ୍ଲୀପ ବଘାର ଧନ୍ୟବାଦ ଅର୍ପଣ କରିଥିଲେ।

# ମୁରିବାହାଲ ହାତୀ ମୃତ୍ୟୁ ଘଟଣା : ଗିରଫ ପୂର୍ବରୁ ଚାର୍ଜସିଟ୍, ଖସିଯିବେ ଅଭିଯୁକ୍ତ

ବଲାଙ୍ଗିର, ୨୪/୦୫ (ନି.ପ୍ର): ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଞ୍ଜ ଚନୁଟମାଲ ଗ୍ରାମର ଏକ କାଜୁ ବଗିଚାରୁ ଗତ ଏପ୍ରିଲ ୩୦ ତାରିଖରେ ଏକ ଦନ୍ତା ହାତୀର ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଘଟଣାକୁ ୨୧ ଦିନ ବିତିଯାଇଥିଲେ ମଧ୍ୟ ବ୍ୟବଛେଦ ରିପୋର୍ଟ ଆସିବାରେ ବିଳମ୍ବ ଯୋଗୁଁ ତଦନ୍ତ ପ୍ରକ୍ରିୟା ଅଟକି ରହିଥିବା ବେଳେ ବନ ବିଭାଗ ଓ ବିଦ୍ୟୁତ ବିଭାଗ ମଧ୍ୟରେ ଦୋଷ ଲଦାଲଦି ଚାଲିଥିଲା। ଚାଷ ଜମିରେ ବିଦ୍ୟୁତ ତାର ବିଛାଯିବା ଯୋଗୁଁ ହାତୀର ମୃତ୍ୟୁ ଘଟିଥିବା ପ୍ରାଥମିକ ଆକଳନ କରାଯାଇଥିବା ବେଳେ ବର୍ତମାନ ଏହି ଶିକାର ମାମଲାରେ ବନ ବିଭାଗ ହାତରେ ବଡ ସୁରାକ ଲାଗିଛି। ଫରେଷ୍ଟର ଧୃବଚରଣ ବଗର୍ତୀଙ୍କ ସୂଚନାନୁସାରେ ବନ୍ୟ ପ୍ରାଣୀ ସଂରକ୍ଷଣ ଆଇନ ଅନୁଯାୟୀ ହାତୀ ମୃତ୍ୟୁ ଅଭିଯୋଗରେ ତିନି ଅଭିଯୁକ୍ତଙ୍କ ବିରୋଧ ରେ ଚାର୍ଜସିଟ୍ ପ୍ରସ୍ତୁତ କରାଯାଇଛି ଏବଂ ସେମାନଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଛି ।ଏହି ମାମଲାରେ ସମ୍ପୃକ୍ତ ଥିବା କାଜୁ ବଗିଚା ମାଲିକ ସଂଜୀବ ପୁଟେଲ, ମୁରିବାହାଲ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ଜୁନେଦ ଖାନ୍ ଏବଂ ଲାଇନମେନ ଅଜିତ ତରିଆଙ୍କ ନାମରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ସମସ୍ତ ଅଭିଯୁକ୍ତ ବର୍ତମାନ ଫେରାର୍ ଅଛନ୍ତି। ବନ ବିଭାଗ ପକ୍ଷରୁ ସେମାନଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। ତେବେ ଅଭିଯୁକ୍ତମାନେ ଫେରାର ହୋଇ ଆତ୍ମଗୋପନ କରିଥିବା ବେଳେ ସେମାନଙ୍କୁ ଗିରଫ ନକରି ବନ ବିଭାଗ ଏତେ ତରବରିଆ ଭାବେ ଚାର୍ଜସିଟ୍ ଦାଖଲ କରିବା ଆଇନଗତ ରଣନୀତି ଉପରେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାଧାରଣରେ ଚର୍ଚ୍ଚା ହେଉଛି ଯେ, ବନ ବିଭାଗ ଆଖିରେ ଧୂଳି ଦେଇ ଫେରାର ଥିବା ଏହି ଅଭିଯୁକ୍ତ ମାନଙ୍କ ପାଇଁ ଏହି ଚାର୍ଜସିଟ୍ ଆଗୁଆ ଜାମିନ ପାଇବାରେ ବ୍ରହ୍ମାସ୍ତ୍ର ସଦୃଶ ସାବ୍ୟସ୍ତ ହୋଇପାରେ। ଯାହାଦ୍ୱାରା ସେମାନେ ସହଜରେ ଜାମିନ ପାଇ ଆଇନର ଗଳାବାଟ ଦେଇ ଚାଲାକିରେ ଖସିଯିବାକୁ ସକ୍ଷମ ହେବେ। ତେବେ ଦେଖିବାକୁ ବାକି ରହିଲା କେବେ ଏହି ନିରୀହ ଗଜରାଜକୁ ଉଚିତ ନ୍ୟାୟ ମିଳୁଛି ନା ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆ ନଯାଇ ସେମାନଙ୍କୁ ସହଜରେ ଖସେଇ ଦିଆଯାଉଛି। ଏ ବିଷୟରେ ଅଧିକ ସୂଚନା ପାଇଁ ମୁରିବାହାଲ ରେଞ୍ଜର ପଦ୍ମନାଭ କୁମ୍ଭୀରଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନଥିଲେ।

# ବୁଚାମୁଣ୍ଡାରେ ନୂତନ ନଳକୂପ ଖନନ କାର୍ଯ୍ୟର ଶୁଭାରମ୍ଭ

ଝାରସୁଗୁଡ଼ା, ୨୪/୦୫ (ନି.ପ୍ର): ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ କୋଲାବିରା ବ୍ଲକ ଅନ୍ତର୍ଗତ ପରମାଣପୁର ପଂଚାୟତର ବୁଚାମୁଣ୍ଡା ଗ୍ରାମରେ ବ୍ଲକସ୍ତରୀୟ ନଳକୂପ ଖନନ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ବୁଚାମୁଣ୍ଡା ଗ୍ରାମର ବେହେରାପଡ଼ା ଭାଗବତ ଟୁଙ୍ଗି ନିକଟରେ ନୂତନ ନଳକୂପ ଖନନ କାମ ଆରମ୍ଭ ହୋଇଥିବା ବେଳେ ବିଧାୟକ ଶ୍ରୀ ତ୍ରିପାଠୀ ପୂଜାର୍ଚ୍ଚନା କରି ଏହାର ଶୁଭାରମ୍ଭ କରିଥିଲେ। ଝାରସୁଗୁଡ଼ା ଜିଲ୍ଲାରେ ବର୍ତମାନ ତୀବ୍ର ଗ୍ରୀଷ୍ମ ପ୍ରବାହ ଓ ଉଚ୍ଚ ତାପମାତ୍ରା ଯୋଗୁଁ ପାଣି ସମସ୍ୟା ଗୁରୁତର ରୂପ ନେଇଥିବାରୁ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଗ୍ରାମକୁ ପାନୀୟଜଳ ସୁବିଧା ଯୋଗାଇବାକୁ ପ୍ରାଥମିକତା ଦିଆଯାଇଥିବା ବିଧାୟକ କହିଥିଲେ। ସେ କହିଥିଲେ ଯେ, ନିଜ ନିର୍ବାଚନମଣ୍ଡଳୀର ୪ଟି ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ଅତ୍ୟାବଶ୍ୟକ ଥିବା ଗ୍ରାମଗୁଡ଼ିକରେ ୧୧୦ଟି ନଳକୂପ ଖନନ ପାଇଁ ପଦକ୍ଷେପ ନିଆଯାଇଛି। ସେଥିରୁ କୋଲାବିରା ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୨୫ଟି ନଳକୂପ ଖୋଳାଯିବା ସହ ଆଗାମୀ ଦିନରେ ଆହୁରି ନଳକୂପ ଖନନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଗ୍ରାମ୍ୟ ଜଳଯୋଗାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଜ୍ୟୋସ୍ନାମୟୀ ମାରାଣ୍ଡି, କୋଲାବିରା ସହାୟକ ଯନ୍ତ୍ରୀ ରଞ୍ଜିତାବାଳା ଦାସ, ସରପଂଚ ଜାହ୍ନବୀ ପ୍ରଧାନ, ବିଧାୟକ ପ୍ରତିନିଧି ରାଜେଶ ଦାଶ, ସାଂସଦ ପ୍ରତିନିଧି ସମରେନ୍ଦ୍ର ରାୟ ଓ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଗରଦପୁର ବଜାରରେ ପଥଚାରୀଙ୍କୁ ଜଳ ସେବା

କେନ୍ଦ୍ରାପଡ଼ା, ୨୪/୦୫ (ନି.ପ୍ର): ଅସହ୍ୟ ଗରମ ଗୁଳୁଗୁଳି ଲାଗି ରହିଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ଥିବା ମହେଶ କର ଫାଉଣ୍ଡେସନ ଲଗାତାର ଜଳ ସେବା ଯୋଗାଇଆସୁଛି। ଦୀର୍ଘ ଦେଢ଼ ମାସରୁ ଉର୍ଦ୍ଧ୍ୱ ହେବ ଜିଲ୍ଲାର ବିଭିନ୍ନ ସ୍ଥାନରେ ପଥଚାରୀ ଙ୍କୁ ଶୋଷ ମେଣ୍ଟାଇବା ନିମନ୍ତେ ଦହି ସରବତ ଏବଂ ଗ୍ଲୁକୋଜ ପାଣି ବଂଟନ କାର୍ଯ୍ୟକ୍ରମ କରୁଛନ୍ତି। ଶୁକ୍ରବାର ଏହି କାର୍ଯ୍ୟକ୍ରମ ଗରଦପୁର ବଜାର ମଧ୍ୟରେ ଫାଉଣ୍ଡେସନ ପକ୍ଷରୁ ଆୟୋଜନ ହୋଇଥିଲା। ଏଥିରେ ଫାଉଣ୍ଡେସନର ଉପଦେଷ୍ଟା ପ୍ରଦୀପ ମହାନ୍ତି, ସମାଜସେବୀ ଭାଗିରଥି ଜେନା, ଗୋଲେଖ ଚନ୍ଦ୍ର ପଢ଼ିହାରି, ସାମ୍ବାଦିକ ଦେବଦତ ଦାଶ, ଦେବେନ୍ଦ୍ର କୁମାର ଦାସ, ରାକେଶ ମହାନ୍ତି, ମୁକ୍ତେଶ୍ୱର ସ୍ୱାଇଁ, ପବିତ୍ର ପାଣି, ସ୍ମୃତି ରଞ୍ଜନ ଦାସ, ଗୋପାଳ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ଭାଳି ଥିଲେ।

# ଇବ ଥର୍ମାଲର ୟୁନିଟ୍-୧ର ବୃହତ୍ ନବୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ: ୨୦୪୧ ପର୍ଯ୍ୟନ୍ତ ବୃଦ୍ଧି ପାଇଲା ପିପିଏ ଚୁକ୍ତି

ଝାରସୁଗୁଡା, ୨୪/୦୫ (ନି.ପ୍ର): ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ୍ (ଓପିଜିସି) ପକ୍ଷରୁ ଇବ ଥର୍ମାଲ ପାୱାର ଷ୍ଟେସନର ଷ୍ଟେଜ୍-୧ ଅଧୀନ ୟୁନିଟ୍-୧ର ବୃହତ୍ ରିନୋଭେସନ ଓ ମଡର୍ନାଇଜେସନ୍ (ଆର୍ ଏଣ୍ଡ ଏମ୍) କାର୍ଯ୍ୟ ସଫଳତାର ସହ ସମ୍ପୂର୍ଣ୍ଣ ହୋଇଛି। କମ୍ପାନୀ ସୂତ୍ରରୁ ପ୍ରକାଶ, ବ୍ୟାପକ ନବୀକରଣ କାର୍ଯ୍ୟ ପରେ ୨୦୨୬ ମଇ ୧ ତାରିଖରେ ୨୧୦ ମେଗାୱାଟ୍ କ୍ଷମତାସମ୍ପନ୍ନ ୟୁନିଟ୍-୧ ସଫଳତାର ସହ ପାୱାର ଗ୍ରିଡ୍ ସହ ସିଙ୍କ୍ରୋନାଇଜ୍ କରାଯାଇଥିଲା। ବର୍ତମାନ ଏହି ୟୁନିଟ୍ ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟ କରୁଥିବା ସହ ଏହାର କାର୍ଯ୍ୟଦକ୍ଷତାରେ ଲକ୍ଷଣୀୟ ସୁଧାର ଆସିଛି। ଏହା ପୂର୍ବରୁ ୨୦୨୫ ମାର୍ଚ୍ଚ ମାସରେ ୟୁନିଟ୍-୨ର ଆର୍ ଏଣ୍ଡ ଏମ୍ କାର୍ଯ୍ୟ ମଧ୍ୟ ସମାପ୍ତ ହୋଇଥିଲା। ଷ୍ଟେଜ୍-୧ ପ୍ଲାଣ୍ଟରେ ୧୯୯୪ ଓ ୧୯୯୬ ମସିହାରେ କମିଶନ୍ ହୋଇଥିବା ଦୁଇଟି ୨୧୦ ମେଗାୱାଟ୍ ୟୁନିଟ୍ ରହିଛି। ତିନି ଦଶକରୁ ଅଧିକ ସମୟ ଧରି ଅବିରତ ସେବା ପରେ ଏହି ୟୁନିଟ୍ ଗୁଡ଼ିକର କାର୍ଯ୍ୟକୁଶଳତା, ନିର୍ଭରଯୋଗ୍ୟତା ଓ ଦୀର୍ଘମିଆଦି ସ୍ଥାୟୀତ୍ୱ ବୃଦ୍ଧି ପାଇଁ ଆବଶ୍ୟକ ଇଞ୍ଜିନିୟରିଂ ହସ୍ତକ୍ଷେପ କରାଯାଇଥିଲା। ଓଡ଼ିଶା ବିଦ୍ୟୁତ୍ ନିୟନ୍ତ୍ରଣ ଆୟୋଗ (ଓଇଆରସି) ଏବଂ ବିଦ୍ୟୁତ୍ କ୍ରେତାଙ୍କ ଅନୁମୋଦନ ପରେ ଏହି ଆଧୁନିକୀକରଣ କାର୍ଯ୍ୟ କରାଯାଇଥିଲା। ଏହାର ଅଧୀନରେ ହାଇ ପ୍ରେସର ଓ ଇଂଟରମିଡିଏଟ୍ ପ୍ରେସର ଟର୍ବାଇନ୍ ମଡ୍ୟୁଲ୍ ପରିବର୍ତନ, ଲୋ ପ୍ରେସର ଟର୍ବାଇନ୍ ବ୍ଲେଡ୍ ପରିବର୍ତନ, ଏୟାର ପ୍ରି-ହିଟର ପୁନସ୍ଥାପନ, ବଏଲରର ବ୍ୟାପକ ମରାମତି, ଇଲେକ୍ଟ୍ରିକାଲ୍ ଓ କଂଟ୍ରୋଲ୍ ସିଷ୍ଟମ ଅପଗ୍ରେଡ୍ ସହ ଇଲେକ୍ଟ୍ରୋଷ୍ଟାଟିକ୍ ପ୍ରିସିପିଟେଟର ଓ ଫ୍ଲୁ ଗ୍ୟାସ୍ ଡକ୍ଟର ମୁଖ୍ୟ ହାର୍ଡୱେର୍ ପରିବର୍ତନ କରାଯାଇଛି। ଏହା ସହ ଷ୍ଟେଜ୍-୧ ୟୁନିଟ୍ ଗୁଡ଼ିକ ପାଇଁ ପାୱାର ପର୍ଚେଜ୍ ଏଗ୍ରିମେଂଟ (ପିପିଏ)କୁ ଆଉ ୧୫ ବର୍ଷ ପାଇଁ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ଚୁକ୍ତି ୨୦୨୬ ଜୁନ୍ ୩୦ ରେ ସମାପ୍ତ ହେବାକୁ ଥିବାବେଳେ ବର୍ତମାନ ଏହା ୨୦୪୧ ଜୁନ୍ ୩୦ ପର୍ଯ୍ୟନ୍ତ ବୈଧ ରହିବ। ଏହି ସମୟ ବୃଦ୍ଧି ଦ୍ୱାରା ରାଜ୍ୟରେ ଦୀର୍ଘମିଆଦି ଗ୍ରିଡ୍ ସ୍ଥିରତା ଓ ନିରବିଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ ହେବ ବୋଲି ଆଶା କରାଯାଉଛି। ବର୍ତମାନ ଓପିଜିସିର ସମୁଦାୟ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ୧,୭୪୦ ମେଗାୱାଟ୍ ରହିଥିବାବେଳେ ସଂସ୍ଥା ରାଜ୍ୟର ପ୍ରାୟ ଏକ-ତୃତୀୟାଂଶ ବିଦ୍ୟୁତ୍ ଚାହିଦା ପୂରଣ କରୁଛି।

# ଠକେଇ ମାମଲାରେ ଜଣେ ଗିରଫ

ଜୟପୁର, ୨୪/୦୫ (ନି.ପ୍ର): ଠକେଇ ମାମଲା ରେ ଜଣେ ଅଭିଯୁକ୍ତ କୁ ଗିରଫ କଲା ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲେ ଲକ୍ଷ୍ମୀ କାନ୍ତ ପଣ୍ଡା । ଏନେଇ ଆଜି ଜୟପୁର ଟାଉନ ଥାନା ରେ ସାମ୍ବାଦିକ ସମ୍ମିଳନୀ କରି ଏସଡ଼ିପିଓ ଅର୍ଚିତା ମିତଲ ସୂଚନା ଦେଇଛନ୍ତି । ସୂଚନା ଅନୁଯାଇ ୨୦୨୬ ମସିହା ମେ ୧୧ ତାରିଖ ଦିନ, ଜୟପୁରର ନୂଆ ସାହିର ବାସିନ୍ଦାମାନେ ଅଭିଯୋଗ କରିଥିଲେ ଯେ ସେମାନଙ୍କ ଗଳିରେ ରହୁଥିବା ଲକ୍ଷ୍ମୀକାନ୍ତ ପଣ୍ଡା ନାମକ ଜଣେ ବ୍ୟକ୍ତି ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ନାମରେ ବ୍ୟାଙ୍କ ଖାତା ଖୋଲିବା, ରିହାତି ଦରରେ ଋଣ ଯୋଗାଇବା, ଶୀଘ୍ର ଋଣ ବଂଟନ କରିବା ଆଦି ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ କଥାରେ ବିଶ୍ୱାସ କରି ଓ ଆଶ୍ୱାସନା ପାଇ ଲୋକମାନେ ତାଙ୍କୁ ନଗଦ ଟଙ୍କା ଓ ଅଳଙ୍କାର ଦେଇଥିଲେ। କିନ୍ତୁ ଦିନେ ସେମାନେ ଦେଖିଲେ ଯେ ଲକ୍ଷ୍ମୀକାନ୍ତ ପଣ୍ଡାଙ୍କ ଫୋନ୍ ସ୍ୱିଚ୍ ଅଫ୍ ଅଛି ଏବଂ ସେ ଅଂଚଳରୁ ଫେରାର ହୋଇଯାଇଛନ୍ତି। ଏହି ମାମଲାକୁ ଗୁରୁତର ସହ ନେଇ ପୋଲିସ ମାମଲା ରୁଜୁ କରି ମାମଲାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୋଲିସ ଜାଣିବାକୁ ପାଇଲା ଯେ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ କଟକ, ପୁରୀ, ଯାଜପୁର, ବାଲେଶ୍ୱର ଓ ଭଦ୍ରକ ଭଳି ଜିଲ୍ଲାରେ ଅନେକ ଅଭିଯୋଗ ଦାଖଲ ହୋଇଛି। ସେ ଜଣେ ଫେରାର ଅଭିଯୁକ୍ତ ଥିଲେ ଏବଂ ବାଲେଶ୍ୱର ଜିଲ୍ଲାରେ ତାଙ୍କ ବିରୋଧରେ ଏନବିଡବ୍ଲୁ ପାଇଁ ମଧ୍ୟ ପ୍ରାର୍ଥନା କରାଯାଇଥିଲା।

ବିଶ୍ୱସ୍ତ ଗୁଇନ୍ଦା ସୂଚନା ଏବଂ ସାଇବର ସେଲରୁ ତଥ୍ୟ ଆଧାରରେ ଟିମ୍ ଅଭିଯୁକ୍ତ ଜଣକ ରାଉରକେଲାରେ ଥିବା ଜାଣିବାକୁ ପାଇଥିଲା ।ସୂଚନା ଆଧାରରେ ଏକ ଟିମ ଅଭିଯୁକ୍ତ କୁ ଗିରଫ ପାଇଁ ରାଉରକେଲା ଯାଇ ଗିରଫ କରିଥିଲା । ଅଭିଯୁକ୍ତ ଠାରୁ ପୋଲିସ ମୋଟ ୨୦ ଲକ୍ଷ ଟଙ୍କାର ମୂଲ୍ୟବାନ ସାମଗ୍ରୀ ଜବତ କରାଯାଇଥିଲା, ଯେଉଁଥିରେ ୩.୯୨ ଲକ୍ଷ ଟଙ୍କା ନଗଦ, ୧୩ ଲକ୍ଷ ଟଙ୍କାର ସୁନା ଓ ରୂପା ଅଳଙ୍କାର, ଗୋଟିଏ ହେରା ଗ୍ଲାମର ମୋଟରସାଇକେଲ, ଏବଂ ଅପରାଧରୁ ଅର୍ଜିତ ଟଙ୍କାରେ କିଣାଯାଇଥିବା ଅନ୍ୟାନ୍ୟ ସାମଗ୍ରୀ ଯେପରିକି ଏସି , ଫର୍ଣ୍ଣିଚର, କମ୍ପ୍ୟୁଟର ଆଦି ରହିଛି । ଏହା ସହିତ ୧୭ ଟି ଥିବା ଆଇଏମଇ ଆଇ ୯ ଟି ମୋବାଇଲ୍ ହ୍ୟାଣ୍ଡସେଟ୍ ଏବଂ ୭ ଟି ସିମ୍ କାର୍ଡ ମଧ୍ୟ ଜବତ କରାଯାଇଥିଲା। ପୋଲିସ ତାଙ୍କ ଘରୁ ୩୧ ଟି ଅତିରିକ୍ତ ସିମ୍ କାର୍ଡ ସହିତ ୩ ଟି ମେମୋରୀ କାର୍ଡ ମଧ୍ୟ ପାଇଥିଲା। ପ୍ରମାଣ ଆଧାରରେ ପୋଲିସ ଟିମ୍ ଅଭିଯୁକ୍ତ ଲକ୍ଷ୍ମୀକାନ୍ତ ପଣ୍ଡାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କୁ ବିଏନଏସ ଧାରା ୩୧୬/୩୧୮/୧୧୧ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଥିଲା । ଆର୍ଥିକ ଅପରାଧର ଗମ୍ଭୀରତା ଏବଂ ଅଭିଯୁକ୍ତଙ୍କ ବାରମ୍ବାର ଅପରାଧ କରିବାର ଅଭ୍ୟାସକୁ ଦୃଷ୍ଟିରେ ରଖି ୧୧୧(୨)(ବି) ଧାରା ମଧ୍ୟ ଯୋଡାଯାଇଛି। ଏଥିସହିତ ଯେତେବେଳେ କେହି ଆପଣଙ୍କୁ ଶୀଘ୍ର ଲାଭ କିମ୍ବା ରିହାତି ସୁଧରେ ଋଣ ଦେବାର ପ୍ରତିଶ୍ରୁତି ଦିଅନ୍ତି, ସଚେତନ ରୁହନ୍ତୁ, କାରଣ ଏହା ସମ୍ଭବତଃ ଏକ ଠକେଇ,. କେବେବି କାହାକୁ ଓଟିପି ସେୟାର କରନ୍ତୁ ନାହିଁ, ଡିଜିଟାଲ ମାଧ୍ୟମରେ ପେମେଂଟ କରନ୍ତୁ, କାରଣ ଏହା ଟ୍ରେସ୍ କରିବାରେ ସାହାଯ୍ୟ କରେ ଏବଂ ଏକ ପ୍ରମାଣ ଭାବରେ ମଧ୍ୟ କାର୍ଯ୍ୟ କରେ, କେବଳ ପ୍ଲେ ଷ୍ଟୋର କିମ୍ବା ଆପ୍ସ ଷ୍ଟୋର୍ରେ ମାଧ୍ୟମରେ ହିଁ ଅଧିକୃତ ଟଟଓ ଆପ୍ ଡାଉନଲୋଡ୍ କରନ୍ତୁ, କୌଣସି ଲିଙ୍କ୍ / ଏପିକେ ଫାଇଲ୍ ମାଧ୍ୟମରେ ନୁହେଁ, କାରଣ ସେଗୁଡ଼ିକ ମୋଟେ ସୁରକ୍ଷିତ ନୁହେଁ ବୋଲି ଏସଡ଼ିପିଓ ସଚେତନତା କରିଛନ୍ତି ।

# ସ୍ୱାସ୍ଥ୍ୟ ସଚେତନତା ପୁସ୍ତିକା ମମତା ଦିବସ ବିଷୟରେ କିଛି ଜାଣିବା କଥାର ଶୁଭ ଉନ୍ମୋଚନ

କେନ୍ଦ୍ରାପଡ଼ା, ୨୪/୦୫ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ଓ ଯୁଗ୍ମ ବୈଠକରେ ସ୍ୱାସ୍ଥ୍ୟ ସଚେତନତା ଭିତିକ ପୁସ୍ତିକା "ମମତା ଦିବସ ବିଷୟରେ କିଛି ଜାଣିବା କଥା"ର ଶୁଭ ଉନ୍ମୋଚନ କରାଯାଇଛି। ଏହି ପୁସ୍ତିକାକୁ ଜିଲ୍ଲାପାଳ ରଘୁରାମ ଆର୍. ଆୟର ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ। ଏହି ପୁସ୍ତିକାର ରଚୟିତା କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଡେପୁଟି ମ୍ୟାନେଜର(ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ) ଡ଼. ସୁକାନ୍ତ କୁମାର ପ୍ରଧାନ ହୋଇଥିବାବେଳେ, ଏହାର ପ୍ରକାଶକ ହେଲେ ମହାକାଳପଡ଼ା ଓ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସକ ଡ଼. ନିରଞ୍ଜନ କର ।ଏହି ପୁସ୍ତିକାଟି ଗୋଷ୍ଠୀ ସ୍ତରରେ କାର୍ଯ୍ୟରତ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଆଶା କର୍ମୀ ଓ ଅଙ୍ଗନୱାଡ଼ି କର୍ମୀମାନଙ୍କ ପାଇଁ ଗୁଣାତ୍ମକ ମମତା ଦିବସ ପରିଚାଳନା ସହ ଫଳପ୍ରଦ ପରାମର୍ଶ ସେବା ପ୍ରଦାନରେ ସହାୟକ ହେବ ଏବଂ ଏହା ସ୍ୱାସ୍ଥ୍ୟ ସେବାର କ୍ଷେତ୍ରସ୍ତରୀୟ କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବ ବୋଲି ଡ଼. ମନୋରଞ୍ଜନ ରାଉତ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ(ଇନ୍-ଚାର୍ଜ) ଡ଼. ସଚ୍ଚିଦାନନ୍ଦ ମିଶ୍ର, ଏଡିଏମଓ(ମେଡିକାଲ) ତଥା ଓମ୍ସାର ରାଜ୍ୟ ସଭାପତି ଡ଼. କିଶୋର ଚନ୍ଦ୍ର ମିଶ୍ର, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ଗୌରାଙ୍ଗ ଚରଣ ଗିରି, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ଶ୍ୟାମ ସୁନ୍ଦର ଟୁଡ୍ଡୁ, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ଫାଇନାନ୍ସିଆଲ୍ ଅଧିକାରୀ ଶ୍ରୀ ଆଶୁତୋଷ ତ୍ରିପାଠୀ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଡ଼. ମନୋରଞ୍ଜନ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି, ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତିରଞ୍ଜନ ପରିଡ଼ାଙ୍କ ସହ ସମସ୍ତ ମେଡିକାଲ ଅଫିସର-ଇନ୍-ଚାର୍ଜ, ସିଡିପିଓ, ବ୍ଲକ ଶିକ୍ଷା ଅଧିକାରୀ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ଓ ବ୍ଲକ ସ୍ତରୀୟ କର୍ମକର୍ତାମାନେ ଉପସ୍ଥିତ ଥିଲେ।

# ସିଟି ଷ୍ଟେସନରେ ଇଂଟରସିଟି ରହଣି ପାଇଁ ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ଦାବି

ସମ୍ବଲପୁର, ୨୪/୦୫ (ନି.ପ୍ର): ପ୍ରୋଗ୍ରେସିଭ ସମ୍ବଲପୁରର ଏକ ପ୍ରତିନିଧି ଦଳ ଆବାହକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ବିଭିନ୍ନ ସଂଗଠନର ପ୍ରତିନିଧି ଦଳ ଆଜି ସମ୍ବଲପୁର ଡିଆରଏମଙ୍କୁ ଭେଟି ସମ୍ବଲପୁର ଓ ପାଖ ପାଖି ଅଂଚଳର ରେଳ ଯାତ୍ରୀମାନଙ୍କ ସୁବିଧା ପାଇଁ ସମ୍ବଲପୁର-ପୁରୀ ଇଂଟରସିଟି ଏକ୍ସପ୍ରେସ (୧୮୩୦୩) ଓ ପୁରୀ-ସମ୍ବଲପୁର ଇଂଟରସିଟି ଏକ୍ସପ୍ରେସର (୧୮୩୦୪) ସମ୍ବଲପୁର ଲୋକଙ୍କ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ସେ ଦିଗରେ ଆଲୋକପାତ କରିଥିଲେ । ଏହି ଟ୍ରେନ ସମ୍ବଲପୁର ଓ ପଶ୍ଚିମ ଓଡ଼ିଶାକୁ ରାଜଧାନୀ ଭୁବନେଶ୍ୱର ସହ ଯୋଡ଼ିଥିବା ଏକ ପ୍ରମୁଖ ଯାତ୍ରୀବାହୀ ଟ୍ରେନ ହୋଇଥିବା ବେଳେ ହଜାର ହଜାର ସରକାରୀ ଓ ଘରୋଇ କର୍ମଚାରୀ, ଛାତ୍ରଛାତ୍ରୀ, ଉଚ୍ଚ ଚିକିତ୍ସା ଯାଉଥିବା ରୋଗୀ, ବ୍ୟବସାୟୀ ଓ ସାଧାରଣ ଲୋକ ଏହା ଉପରେ ନିର୍ଭର କରିଥାନ୍ତି । ପୁରୀ-ସମ୍ବଲପୁର ଇଂଟରସିଟି ଟ୍ରେନର ନିୟମିତ ବିଳମ୍ବ ଯୋଗୁଁ ଅନେକ ସମୟରେ ଟ୍ରେନ ରାତି ୧୨ଟା ପରେ ସମ୍ବଲପୁର ପହଂଚୁଥିବାରୁ ଯାତ୍ରୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ମହିଳା, ବୟସ୍କ, ରୋଗୀ ଓ ଦୈନିକ ଯାତ୍ରୀମାନଙ୍କ ପାଇଁ ଏହା ଗୁରୁତର ସମସ୍ୟା ସୃଷ୍ଟି କରୁଛି । ସେହିପରି ସମ୍ବଲପୁର ରେଳ ଷ୍ଟେସନର ୫ ଓ ୬ ନମ୍ବର ପ୍ଲାଟଫର୍ମରୁ ଇଂଟରସିଟି ଟ୍ରେନ ଚଳାଚଳ ଯୋଗୁଁ ସାଧାରଣ ତଥା ସମସ୍ତ ବର୍ଗର ଯାତ୍ରୀଙ୍କୁ ହେଉଥିବା ଅସୁବିଧା ସମ୍ପର୍କରେ ମଧ୍ୟ ଡିଆରଏମଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ପ୍ରୋଗ୍ରେସିବ ସମ୍ବଲପୁର ପକ୍ଷରୁ ସମ୍ବଲପୁର ସିଟି ଷ୍ଟେସନରେ ସମ୍ବଲପୁର-ପୁରୀ ଇଂଟରସିଟି ଟ୍ରେନର ରହଣି ପ୍ରଦାନ ପାଇଁ ଦୃଢ ଦାବି କରାଯାଇଥିଲା ବିଶେଷ ଭାବରେ ଫାଟକ ଷ୍ଟେସନ( ସମ୍ବଲପୁର ରୋଡ଼ ଷ୍ଟେସନ ) ବନ୍ଦ ହୋଇଯାଇଥିବାରୁ ସହରର ଅନ୍ୟ ଅଂଚଳର ବହୁ ସଂଖ୍ୟକ ଯାତ୍ରୀ ସିଟି ଷ୍ଟେସନରେ ରହଣି ଦାବି କରୁଛନ୍ତି । ଡିଆରଏମ ପ୍ରତିନିଧି ଦଳକୁ ଆଶ୍ୱାସନ ଦେଇ କହିଥିଲେ ଯେ, ଉଠାଯାଇଥିବା ଦାବିଗୁଡ଼ିକୁ ରେଳ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ସହ ବିଚାର କରାଯାଉଛି। ଯାତ୍ରୀମାନଙ୍କ ସୁବିଧା ପାଇଁ ଲିଫ୍ଟ ଓ ଏସ୍କାଲେଟର ବ୍ୟବସ୍ଥା କରାଯିବ, ସମ୍ବଲପୁର ସିଟି ଷ୍ଟେସନର କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରାଯିବ, ଏବଂ ସମ୍ବଲପୁର ସିଟି ଷ୍ଟେସନରେ ଇଂଟରସିଟି ଟ୍ରେନର ହଲ୍ଟ ପ୍ରଦାନ ପ୍ରସ୍ତାବ ଉପରେ ପଦକ୍ଷେପ ନେବା ପାଇଁ ସୂଚନା ଦେଇଥିଲେ ।

## ମଟର ସାଇକେଲ ସମେତ ୭ କିଲୋ ଗଞ୍ଜେଇ ଜବତ: ଜଣେ ଗିରଫ

ଭୁବନ, ୨୪/୦୫ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ଅବକାରୀ ବିଭାଗ ଆଜି ଶନିବାର ମୋଟର ସାଇକେଲ ସମେତ ୭ କିଲୋ ଗଞ୍ଜେଇ ଜବତ କରିବା ସହିତ ଆସାମୀ କୁ ଗିରଫ କରିବାରେ ସକ୍ଷମ ହୋଇଥିବା ସୂଚନା ମିଳିଛି। ପ୍ରାପ୍ତ ସୂଚନାନୁଯାୟୀ ଅବକାରୀ ନିରୀକ୍ଷକ ଶ୍ରୀଯୁକ ବୁଲୁ ପାତ୍ର ଶନିବାର ସକାଳ ୮.୩୦ ମିନିଟ୍ ସମୟରେ ସଦଳ ବଳେ ପାଟ୍ରୋଲିଂ ରେ ଯାଇଥିବା ବେଳେ ନିହଲ ପ୍ରସାଦ ଥାନା ଅନ୍ତର୍ଗତ ପିଙ୍ଗୁଆ ଗ୍ରାମର ଟଙ୍କଧର ସାହୁଙ୍କ ଠାରୁ ନୀଳକଣ୍ଠପୁରସ୍ଥ ବାଜି ରାଉତ ପ୍ରତିମୂର୍ତି ନିକଟରେ ତାଙ୍କ ଓଡ଼ି ୦୬ ସି ୪୦୪୧ ନମ୍ବର ବିଶିଷ୍ଟ ହିରୋ ଗ୍ଲାମର ମୋଟର ସାଇକେଲ ସମେତ ୭ କିଲୋ ଗଞ୍ଜେଇ ଜବତ କରି ତାଙ୍କୁ ଗିରଫ କରିଥିଲେ।

# ନୂଆପଡାରେ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ


ନୂଆପଡା, ୨୪/୦୫ (ନି.ପ୍ର): ନୂଆପଡା ଜିଲ୍ଲାର ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଯାଇଛି। ବୈଠକର ପ୍ରାରମ୍ଭରେ ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା ରଶ୍ମିରଞ୍ଜନ ପାତ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସହକାରୀ ନିର୍ଦ୍ଦେଶକ ମୃତିକା ସଂରକ୍ଷଣ ଅଧିକାରୀ ସ୍ୱୟଂ ପ୍ରଭା ସିଂହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ କୃଷି ସିଂଚାୟୀ ଯୋଜନା, ବୃଷ୍ଟିପୃଷ୍ଟ ଅଂଚଳ ବିକାଶ ଯୋଜନା, ଜଳଧାରା ଯୋଜନା, ମନରେଗା ଓ କୃଷିବନୀକରଣ ଯୋଜନାର ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। କୃଷିବନୀକରଣ ଯୋଜନା ଅଧୀନରେ ୬୩ ହେକ୍ଟର ଜମିରେ ଚାରାରୋପଣ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ସମସ୍ତ ଯୋଜନାର ବର୍ତମାନ ପ୍ରଗତି ସମ୍ପର୍କରେ ମଧ୍ୟ ସେ ଅବଗତ କରାଇଥିଲେ। ସମୀକ୍ଷା ବୈଠକରେ ଜିଲ୍ଲାପାଳ ଜଳଧାରା ଯୋଜନା ଅଧୀନରେ ଚାଲିଥିବା ୨୧୯ଟି ପୋଖରୀ ଖନନ କାର୍ଯ୍ୟକୁ ଆସନ୍ତା ଜୁନ ୧୫ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ସେହିପରି ମନରେଗା ଯୋଜନାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକଳ୍ପକୁ ଆସନ୍ତା ସପ୍ତାହ ଶେଷ ସୁଦ୍ଧା ସମାପ୍ତ କରିବାକୁ ମଧ୍ୟ କହିଥିଲେ। ଏହି ଅବସରରେ ଜିଲ୍ଲାର ପାଂଚଟି ବ୍ଲକର ପାଂଚ ଜଣ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା।

# ଡାଲଚିନିର୍ ଅଦ୍ଭୁତ ଫାଇଦା; ଏମିତି କରନ୍ତୁ ବ୍ୟବହାର, ରାତିକ ଭିତରେ ଟିକ୍ ଟିକ୍ କରିବ ମୁହଁ !

ରୋଷେଇ ଘରେ ଥିବା ଡାଲଚିନି ରାତାରାତି ଚର୍ମରେ ଆଣିବ ଚମକ । ଏହାକୁ କେବଳ ଅନ୍ୟ କିଛି ଜିନିଷ ସହିତ ମିଶ୍ରଣ କରି ପ୍ରୟୋଗ କରିବାକୁ ପଡ଼ିବ। ତେବେ ଆସନ୍ତୁ ଏ ନେଇ କିଛି ଟିପ୍ସ ବିଷୟରେ ଜାଣିବା।

ଘରୁ ବାହାରେ ରହିବା ବା ଦିନସାରା ଧାଁ-ଧପଡ ଭିତରେ ଚର୍ମରେ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। ପ୍ରଦୂଷଣ ଏବଂ ସୂର୍ଯ୍ୟକିରଣ ଚେହେରାରେ ଟ୍ୟାନିଂ ସୃଷ୍ଟିକରେ, ଯେଉଁ କାରଣରୁ ଚେହେରାର ଚମକ କମିଯାଏ ଏବଂ ଏହା ନିର୍ଜୀବ ଦେଖାଯିବା ଆରମ୍ଭ କରେ। ଏହାକୁ ଠିକ୍ କରିବା ପାଇଁ, ଅନେକ ଘରୋଇ ଉପଚାର ରହିଛି ଯାହାର ସାହାଯ୍ୟ ନିଆଯାଇପାରେ।

ଭାରତୀୟ ରୋଷେଇ ଘରେ ଡାଲଚିନି ଏକ ଅତି ପରିଚିତ ମସଲା। ଏହା ଫେସ୍ ପ୍ୟାକ୍ ଭାବରେ ମଧ୍ୟ ବ୍ୟବହୃତ ହୁଏ। ରୋଷେଇ ଘରେ ଥିବା ଏହି ଡାଲଚିନି ରାତାରାତି ଚର୍ମରେ ଚମକ ଆଣିପାରିବ। ଏହାକୁ



କେବଳ ଅନ୍ୟ କିଛି ଜିନିଷ ସହିତ ମିଶ୍ରଣ କରି ପ୍ରୟୋଗ କରିବାକୁ ପଡିବ। ତେବେ ଆସନ୍ତୁ ଏ ନେଇ କିଛି ଟିପ୍ସ ବିଷୟରେ ଜାଣିବା।

ଡାଲଚିନି-ମହୁ : ଡାଲଚିନି ପାଉଡରକୁ ମହୁ ସହିତ ମିଶ୍ରଣ କରି ଆପଣ ମୁହଁରେ ଲଗାଇ ପାରିବେ। ଏହାର ମିଶ୍ରଣ ଚର୍ମକୁ ମଶ୍ଚରାଇଜ୍ କରିଥାଏ ଏବଂ ମୁହଁରେ ପଡୁଥିବା କୁଞ୍ଚନକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଏହି ପ୍ୟାକ୍‌କୁ ମୁହଁ ସହିତ ବେକରେ ମଧ୍ୟ ଲଗାଇବାକୁ ଭୁଲନ୍ତୁ ନାହିଁ।



ଡାଲଚିନି-ଲେମ୍ବୁ ରସ :ଲେମ୍ବୁ ରସକୁ ଡାଲଚିନି ପାଉଡର ସହିତ ମିଶାଇ ଫେସ୍ ପେଷ୍ଟ୍ ପ୍ରସ୍ତୁତ କରନ୍ତୁ। ଚର୍ମକୁ ଚକ୍‌ଚକ୍ କରିବାରେ ଏହି ପେଷ୍ଟ ବହୁତ ସାହାଯ୍ୟକାରୀ। କେବଳ ଏତିକି ନୁହେଁ, ଏହା ଚର୍ମରୁ କଳା ଦାଗ ମଧ୍ୟ ଦୂର କରିଥାଏ।

ଡାଲଚିନି-ଗୋଲାପ ଜଳ : ଡାଲଚିନି ପାଉଡରକୁ ଗୋଲାପ ଜଳରେ ମିଶାଇ ଚର୍ମରେ ଲଗାଇ ପାରିବେ। ଗୋଲାପ ଜଳ ଚର୍ମର ପିଏଚ୍ ସ୍ତରକୁ ସ୍ୱାଭାବିକ କରିଥାଏ। ଏହା ବ୍ୟତୀତ ଏହାର ମିଶ୍ରଣ ଚର୍ମକୁ ଥଣ୍ଡା କରିଥାଏ ଏବଂ ଚାପକୁ ମଧ୍ୟ ହ୍ରାସ କରିଥାଏ।

ଡାଲଚିନି-ଘିଁକୁଆରୀ : ଚର୍ମ ପାଇଁ ଘିଁକୁଆରୀ ରସ ବହୁତ ଲାଭଦାୟକ। ପ୍ରତ୍ୟେକ ଚର୍ମ ସମସ୍ୟାରେ ଏହା ଉପଯୋଗୀ। ମୁହଁରୁ ବ୍ରଣ ଏବଂ ଟ୍ୟାନିଂ ଦୂର କରିବା ପାଇଁ ଏହା ଘରୋଇ ଉପଚାରରେ ବ୍ୟବହୃତ ହୁଏ। ଯଦି ଚର୍ମ ଶୁଖିଲା ପଡିଯାଉଛି, ତେବେ ଘିଁକୁଆରୀ ଏବଂ





ଡାଲଚିନିର ମିଶ୍ରଣ ପ୍ରୟୋଗ କରିହେବ। ଏହା ଚର୍ମକୁ ହାଇଡ୍ରେଟ୍ କରିଥାଏ ଏବଂ ଜ୍ୱଳନରୁ ମୁକ୍ତି ଦେଇଥାଏ।

ଡାଲଚିନି-ଚନ୍ଦନ : ଡାଲଚିନି ଏବଂ ଚନ୍ଦନ ପାଉଡର ମିଶ୍ରଣ କରି ଏହାର ପେଷ୍ଟକୁ ମୁହଁରେ ବ୍ୟବହାର କଲେ ଅନେକ ଫାଇଦା ମିଳେ। ଏହାର ପେଷ୍ଟ ଚର୍ମକୁ ଥଣ୍ଡା କରିଥାଏ ଏବଂ ଏହାକୁ ଚିକ୍କଣ କରିଥାଏ।





# ଗ୍ରୀଷ୍ମ ଋତୁରେ ସପ୍ତାହରେ କେତେ ଥର କେଶ ଧୋଇବା ଉଚିତ ?

**ଗ୍ରୀଷ୍ମ ଋତୁରେ କେଶର ଯତ୍ନ ନେବା ଏକ ବଡ଼ ସମସ୍ୟା । ପ୍ରଚଣ୍ଡ ଖରା, ଝାଞ୍ଜି ପବନ ଏବଂ ଅତ୍ୟଧିକ ଝାଳ ଯୋଗୁଁ କେଶ ଶୁଷ୍କ ଓ ନିଷ୍ପ୍ରଭ ହୋଇଯାଏ । ଅନେକ ସମୟରେ ଆମେ ଦ୍ୱନ୍ଦ୍ୱରେ ଥାଉ ଯେ ଖରାଦିନେ ସପ୍ତାହକୁ କେତେଥର କେଶ ଧୋଇବା ଉଚିତ । ଯଦି ଆପଣ ସଠିକ୍ ନିୟମ ପାଳନ ନକରନ୍ତି, ତେବେ କେଶ ଝଡ଼ିବା ସମସ୍ୟା ବଢ଼ିପାରେ। ତେଣୁ ଉଭୟ ପୁଅ ଓ ଝିଅମାନେ କେଶର ପ୍ରକାର ଅନୁଯାୟୀ ଏହି ନିୟମଗୁଡ଼ିକୁ ଜାଣିବା ଜରୁରୀ।**



ଗ୍ରୀଷ୍ମ ଋତୁରେ କେତେଥର କେଶ ଧୋଇବେ ?

ସାଧାରଣତଃ ଗ୍ରୀଷ୍ମ ଋତୁରେ ସପ୍ତାହକୁ ୨ ରୁ ୩ ଥର କେଶ ଧୋଇବା ଯଥେଷ୍ଟ । କିନ୍ତୁ ଏହା ସମସ୍ତଙ୍କ ପାଇଁ ସମାନ ନୁହେଁ। ଆପଣଙ୍କ କେଶ କିପରି, ତାହା ଉପରେ ଏହାର ବାରମ୍ବାରତା ନିର୍ଭର କରେ।

ତେଲିଆ କେଶ

ଯଦି ଆପଣଙ୍କ କେଶ ଓ ମୁଣ୍ଡର ତ୍ୱଚା ଶୀଘ୍ର ତେଲିଆ ହୋଇଯାଉଛି, ତେବେ ଆପଣଙ୍କୁ ସପ୍ତାହକୁ ୩ ରୁ ୪ ଥର ଶାମ୍ପୁ କରିବାକୁ ପଡ଼ିପାରେ। ଖରାଦିନେ ଝାଳ ଯୋଗୁଁ ତେଲିଆ କେଶରେ ଅଧିକ ମଇଳା ଜମିଯାଏ, ଯାହା ଫଳରେ କେଶର ମୂଳ ଦୁର୍ବଳ ହୋଇଯାଏ।

ଶୁଷ୍କ କେଶ

ଯେଉଁମାନଙ୍କ କେଶ ପ୍ରାକୃତିକ ଭାବେ ଶୁଷ୍କ, ସେମାନେ ସପ୍ତାହକୁ ମାତ୍ର ୧ ରୁ ୨ ଥର କେଶ ଧୋଇବା ଉଚିତ । ବାରମ୍ବାର କେଶ ଧୋଇବା ଦ୍ୱାରା କେଶର ପ୍ରାକୃତିକ ତେଲ ନଷ୍ଟ ହୋଇଯାଏ, ଯାହା କେଶକୁ ଆହୁରି ଶୁଷ୍କ ଓ ଦୁର୍ବଳ କରିଦିଏ।

ସାଧାରଣ କେଶ

ସାଧାରଣ କେଶ ଥିବା ବ୍ୟକ୍ତି ସପ୍ତାହକୁ ୨ ରୁ ୩ ଥର କେଶ ଧୋଇପାରିବେ। ଏହା କେଶର ଆଦ୍ରତା ବଜାୟ ରଖିବା ସହ ପରିଷ୍କାର ରଖିବାରେ ସାହାଯ୍ୟ କରେ।

ପୁଅଙ୍କ ପାଇଁ: ପୁଅମାନେ ଅଧିକାଂଶ ସମୟ ବାହାରେ ରହୁଥିବାରୁ ଏବଂ ହେଲମେଟ୍ ପିନ୍ଧୁଥିବାରୁ ମୁଣ୍ଡରେ ଅଧିକ ଝାଳ ଜମେ। ତେଣୁ ସେମାନେ ପ୍ରତିଦିନ ସାଧାରଣ ପାଣିରେ କେଶ ଧୋଇପାରିବେ, କିନ୍ତୁ ଶାମ୍ପୁ ସପ୍ତାହକୁ ୨-୩ ଥରରୁ ଅଧିକ ବ୍ୟବହାର କରିବା ଅନୁଚିତ।

ଝିଅଙ୍କ ପାଇଁ: ଝିଅମାନେ ଖରାଦିନେ କେଶକୁ ସର୍ବଦା ବାନ୍ଧି ରଖିବା ଉଚିତ। ଅଧିକ ଗରମ ହେଲେ କେଶକୁ ହାଲୁକା ଭାବେ ବାନ୍ଧନ୍ତୁ ଯେପରି ମୂଳରେ ବାୟୁ ଚଳାଚଳ କରିପାରିବ। ଶାମ୍ପୁ କରିବା ପରେ କଣ୍ଡିସନର ବ୍ୟବହାର କରିବାକୁ ଭୁଲନ୍ତୁ ନାହିଁ।

ପ୍ରତିଦିନ ଶାମ୍ପୁ କଲେ କ'ଣ ହୁଏ ?

ଅନେକ ଲୋକ ଗରମରୁ ରକ୍ଷା ପାଇବା ପାଇଁ ପ୍ରତିଦିନ ଶାମ୍ପୁ କରନ୍ତି। ଏହା ସମ୍ପୂର୍ଣ୍ଣ ଭୁଲ। ପ୍ରତିଦିନ ଶାମ୍ପୁ କଲେ ମୁଣ୍ଡର ଚର୍ମରୁ ସିବମ୍ ନାମକ ପ୍ରାକୃତିକ ତେଲ ଶୁଖିଯାଏ। ଫଳରେ କେଶ ରୁକ୍ଷ ହୋଇଯାଏ ଏବଂ ମଝିରୁ ଭାଙ୍ଗିବା ଆରମ୍ଭ କରେ। ଏହାକୁ 'ହେୟାରଫଲ୍'ର ମୁଖ୍ୟ କାରଣ ବୋଲି କୁହାଯାଏ।

ଗ୍ରୀଷ୍ମ ଋତୁରେ କେଶର ଯତ୍ନ ପାଇଁ କିଛି ଟିପ୍ସ:

୧. ମାଇଲ୍ଡ ଶାମ୍ପୁ ବ୍ୟବହାର କରନ୍ତୁ: ଯେତିକି ସମ୍ଭବ କମ୍ କେମିକାଲ୍ ଥିବା ବା ହର୍ବାଲ୍ ଶାମ୍ପୁ ବ୍ୟବହାର କରନ୍ତୁ।

୨. ଖରାରୁ ରକ୍ଷା: ବାହାରକୁ ଯିବା ସମୟରେ କେଶକୁ ସ୍କାର୍ଫ କିମ୍ବା ଓଢ଼ଣୀରେ ଢାଙ୍କି ରଖନ୍ତୁ। ସୂର୍ଯ୍ୟଙ୍କ ଟଠ ରଶ୍ମି କେଶକୁ ଖରାପ କରିଦିଏ।

୩. ହାଇଡ୍ରେସନ୍: ଶରୀରରେ ପାଣିର ଅଭାବ ହେଲେ କେଶ ଝଡ଼ିଥାଏ। ତେଣୁ ପ୍ରଚୁର ପରିମାଣରେ ପାଣି, ଫଳ ରସ ଓ ଦହି ପିଅନ୍ତୁ।

୪. ଥଣ୍ଡା ପାଣିରେ ଧୁଅନ୍ତୁ: କେଶ ଧୋଇବା ପାଇଁ କେବେବି ଗରମ ପାଣି ବ୍ୟବହାର କରନ୍ତୁ ନାହିଁ। ଉଷୁମ ବା ଥଣ୍ଡା ପାଣି କେଶ ପାଇଁ ଭଲ।

୫. ହେୟାର ମାସ୍କ: ସପ୍ତାହକୁ ଥରେ ଦହି କିମ୍ବା ଆଲୋଭେରା ଜେଲ୍‌ରେ ପ୍ରସ୍ତୁତ ଘରୋଇ ହେୟାର ମାସ୍କ ଲଗାନ୍ତୁ, ଯାହା କେଶକୁ ପୁଷ୍ଟି ପ୍ରଦାନ କରିବ।

ସଠିକ୍ ସମୟରେ ଏବଂ ସଠିକ୍ ପଦ୍ଧତିରେ କେଶ ଧୋଇଲେ ଆପଣଙ୍କ କେଶ ଏହି ପ୍ରବଳ ଖରାରେ ମଧ୍ୟ ସୁସ୍ଥ ଓ ଚମକଦାର ରହିପାରିବ।

# ଆପଣ କ୍ଷୀର ପିଇବାକୁ ନାପସନ୍ଦ କରନ୍ତି କି ? : ଏହି ୭ ଖାଦ୍ୟରୁ ପାଆନ୍ତୁ କ୍ୟାଲସିୟମ୍




କିଛି ଲୋକ ଅଛନ୍ତି ଯେଉଁମାନେ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ। ଏପରି ପରିସ୍ଥିତିରେ, ଯଦି ଆପଣ ଚାହାଁନ୍ତି, ଆପଣଙ୍କ ନିଜ ଖାଦ୍ୟରେ ଏମିତି କିଛି ଖାଦ୍ୟ ପଦାର୍ଥ (କ୍ୟାଲ୍‌ସିୟମ୍ ରିଚ୍ ଡାଏଟ୍) ଅନ୍ତର୍ଭୁକ୍ତ କରି କ୍ୟାଲ୍‌ସିୟମ୍ ଅଭାବ ପୂରଣ କରିପାରିବେ। ଆସନ୍ତୁ ଏହିସବୁ ଖାଦ୍ୟ ବିଷୟରେ ଜାଣିବା।

କ୍ଷୀର ପିଇବା ସ୍ୱାସ୍ଥ୍ୟ ପାଇଁ ବହୁ ଲାଭଦାୟକ। କାରଣ କ୍ଷୀରରେ ପ୍ରୋଟିନ୍ ଏବଂ କ୍ୟାଲସିୟମ୍ ସହିତ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ଭରପୂର ପରିମାଣରେ ଥାଏ। ଏହା ଶରୀରକୁ ଶକ୍ତିଶାଳୀ ଏବଂ ଉର୍ଜାବାନ କରିଥାଏ। ସେଥିପାଇଁ ପୋଷକ ବିଜ୍ଞାନୀ ବା ଡାକ୍ତରମାନେ ପିଲାମାନଙ୍କୁ କ୍ଷୀର ପିଇବା ପାଇଁ ପରାମର୍ଶ ଦିଅନ୍ତି।

କିନ୍ତୁ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ। ଏପରି ପରିସ୍ଥିତିରେ, ଯଦି ଆପଣ ଚାହାଁନ୍ତି, ଆପଣଙ୍କ ନିଜ ଖାଦ୍ୟରେ ଏମିତି କିଛି ଖାଦ୍ୟ ପଦାର୍ଥ (କ୍ୟାଲ୍‌ସିୟମ୍ ରିଚ୍ ଡାଏଟ୍) ଅନ୍ତର୍ଭୁକ୍ତ କରି କ୍ୟାଲ୍‌ସିୟମ୍ ଅଭାବ ପୂରଣ କରିପାରିବେ। ଆସନ୍ତୁ ଏହିସବୁ ଖାଦ୍ୟ ବିଷୟରେ ଜାଣିବା।

କନ୍ଦମୂଳ: କନ୍ଦମୂଳରେ ପ୍ରଚୁର ପରିମାଣରେ କ୍ୟାଲ୍‌ସିୟମ୍ ଥାଏ। ଗୋଟିଏ ବଡ଼ ଆକାରର କନ୍ଦମୂଳରେ ପ୍ରାୟ ୬୮ ମିଲିଗ୍ରାମ କ୍ୟାଲ୍‌ସିୟମ୍ ଥାଏ। ଏହା ସହିତ ଭିଟାମିନ୍ ଏ, ଭିଟାମିନ୍ ବି ଏବଂ ପୋଟାସିୟମର ପରିମାଣ ମଧ୍ୟ ଯଥେଷ୍ଟ ଥାଏ। ଏପରି ପରିସ୍ଥିତିରେ, ଯଦି ଆପଣ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ, ତେବେ ଆପଣ କନ୍ଦମୂଳକୁ ଆପଣଙ୍କ ଖାଦ୍ୟର ଏକ ଅଂଶ କରିପାରିବେ।

ନାଣ୍ଡି ବଗୁଲି: ଦୁଇ ଚାମଚ ନାଣ୍ଡି ବଗୁଲିରେ ପ୍ରାୟ ୧୭୯ ମିଗ୍ରା କ୍ୟାଲସିୟମ୍ ଥାଏ। ଆପଣ କ୍ଷୀର ବଦଳରେ ନାଣ୍ଡି ବଗୁଲି ଖାଇପାରିବେ। ଏହା ସହିତ ନାଣ୍ଡି ବଗୁଲିରେ ବୋରନ୍ ମଧ୍ୟ ରହିଥାଏ, ଯାହା ଶରୀରକୁ କ୍ୟାଲ୍‌ସିୟମ୍ ଯୋଗାଇବା ସହିତ ଫସ୍‌ଫରସ୍ ଏବଂ ମ୍ୟାଗ୍ନେସିୟମ୍ ମେଟାବୋଲିଜିଂ କରି ହାଡ ଏବଂ ମାଂସପେଶୀର ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରିଥାଏ।

ସୋୟା କ୍ଷୀର: ଆପଣ କ୍ଷୀର ବଦଳରେ ସୋୟା କ୍ଷୀର ମଧ୍ୟ ପିଇପାରିବେ। ସୋୟା କ୍ଷୀରରୁ ଗାଈ କ୍ଷୀର ପରି କ୍ୟାଲସିୟମ୍ ମିଳିଥାଏ। କେବଳ ଏତିକି ନୁହେଁ, ସୋୟା କ୍ଷୀରରେ ଭଲ ପରିମାଣରେ କ୍ୟାଲ୍‌ସିୟମ୍ କାର୍ବୋନେଟ୍ ଏବଂ ଭିଟାମିନ୍ ଡ ମଧ୍ୟ ଥାଏ। ଏହା ସହିତ ସୋୟା କ୍ଷୀରରେ ସନ୍ତୁଳିତ ଚର୍ବିର ପରିମାଣ କ୍ଷୀର ତୁଳନାରେ ବହୁତ କମ୍ ଥାଏ। ଯେଉଁ କାରଣରୁ ସୋୟା କ୍ଷୀର ଗାଈ କ୍ଷୀର ଅପେକ୍ଷା ସ୍ୱାସ୍ଥ୍ୟକର ବୋଲି ବିବେଚନା କରାଯାଏ।

ସୋୟା ପନିର: ସୋୟା ପନିରକୁ କ୍ୟାଲସିୟମର ଏକ ଉତ୍କୃଷ୍ଟ ଉତ୍ସ ଭାବରେ ବିବେଚନା କରାଯାଏ। କିନ୍ତୁ ଏଥିପାଇଁ ସୋୟା ପନିର୍ ଗୁଣ ପ୍ରତି ଧ୍ୟାନ ଦେବା ଜରୁରୀ କାରଣ ଏଥିରେ ଥିବା କ୍ୟାଲସିୟମର ପରିମାଣ ଏହାର ଗୁଣ ଉପରେ ନିର୍ଭର କରେ। ସାଧାରଣତଃ ଅଧା କପ୍ ସୋୟା ପନିରରେ ୨୭୫ ରୁ ୯୬୧ ମିଗ୍ରା କ୍ୟାଲ୍‌ସିୟମ୍ ରହିପାରେ।

କମଳା: ଆପଣ କ୍ୟାଲସିୟମ ପାଇଁ କମଳା ମଧ୍ୟ ଖାଇପାରିବେ। କମଳା ଭିଟାମିନ୍ ସି ଏବଂ କ୍ୟାଲ୍‌ସିୟମର ଏକ ପ୍ରମୁଖ ଉତ୍ସ। ଆପଣ ଏକ ବଡ଼ ଆକାରର କମଳାରୁ ପ୍ରାୟ ୭୪ ମିଗ୍ରା କ୍ୟାଲ୍‌ସିୟମ୍ ପାଇପାରିବେ। ତେଣୁ ଯଦି ଆମେ ଏକ ଗ୍ଲାସ୍ କମଳା ରସ ବିଷୟରେ କହିବା, ଏଥିରେ ଥିବା କ୍ୟାଲସିୟମ୍ ପରିମାଣ ୩୦୦ ମିଗ୍ରା ପର୍ଯ୍ୟନ୍ତ ହୋଇପାରେ।

ପେଶି: କ୍ୟାଲ୍‌ସିୟମ୍ ପାଇଁ ଆପଣ ନିଜ ଖାଦ୍ୟରେ ପେଶି ମଧ୍ୟ ଅନ୍ତର୍ଭୁକ୍ତ କରିପାରିବେ। ଗୋଟିଏ ଚାମଚ ପେଶିରେ ପ୍ରାୟ ୮୮ ମିଗ୍ରା କ୍ୟାଲସିୟମ ମିଳିଥାଏ। ଏହା ସହିତ ଏହା ଜିଙ୍କ୍ ଏବଂ କପରରେ ମଧ୍ୟ ଭରପୂର। ଏଭଳି ପରିସ୍ଥିତିରେ ଆପଣ ନିଜ ଖାଦ୍ୟରେ ପେଶିକୁ ଯେକୌଣସି ପ୍ରକାରେ ସାମିଲ କରିପାରିବେ ଏବଂ ଶରୀରରେ କ୍ୟାଲ୍‌ସିୟମ୍‌ର ଅଭାବ ପୂରଣ କରିପାରିବେ।

# କ୍ୟାନସର ପାଇଁ କେମୋ-ଥେରାପିର ବିକଳ୍ପ




ବୈଜ୍ଞାନିକଙ୍କୁ ଏକ ବଡ଼ ଉପଲବ୍ଧି ହାସଲ ହୋଇଛି । କ୍ୟାନସର୍ ଚିକିତ୍ସାରେ କେମୋଥେରାପିର ବିକଳ୍ପ ସଂଧାନ କରିଛନ୍ତି ବୈଜ୍ଞାନିକ । ପ୍ରଥମେ ମୂଷାଙ୍କ ଉପରେ ଏହାର ସଫଳତା ପ୍ରୟୋଗ କରାଯାଇଛି । ତେବେ ମାନବ ଶରୀରରେ ଏହାର ପ୍ରୟୋଗ ପାଇଁ ଆଉ କିଛି ବର୍ଷ ସମୟ ଲାଗିବ । ୧୧ଜଣ ବୈଜ୍ଞାନିକଙ୍କ ଦଳ ଆମେରିକାର କ୍ଲେଭଲ୍ୟାଣ୍ଡ କ୍ଲିନିକରେ ଏହି ସଫଳତା ହାସଲ କରିଛନ୍ତି । ଗବେଷଣା ଦଳର ମୁଖ୍ୟ ବୈଜ୍ଞାନିକ ଡ. ୟଙ୍ଗ ଲି କହିଛନ୍ତି କ୍ୟାନସର୍ ସେଲ୍ ଦୀର୍ଘଦିନ ଶରୀରରେ ରହିବା ପରେ ଟ୍ୟୁମର୍ ରୂପ ଧାରଣ କରିଥାଏ । ଶରୀରରୁ ଟ୍ୟୁମର୍ ନଷ୍ଟ କରିବା ପାଇଁ କେମୋଥେରାପି ବ୍ୟବହାର କରାଯାଏ । କିନ୍ତୁ ଏ ସମୟରେ କ୍ୟାନସର୍ ସେଲ୍ ସାଂଗକୁ ପାଖରେ ଥିବା ଭଲ ସେଲ୍ ଉପରେ ମଧ୍ୟ ଏହାର ନକରାତ୍ମକ ପ୍ରଭାବ ପଡ଼ିଥାଏ ଏବଂ ରୋଗୀକୁ ପ୍ରବଳ ଯନ୍ତ୍ରଣା ହୋଇଥାଏ । ତେବେ ଗବେଷଣା ମାଧ୍ୟମରେ ଜଣାପଡ଼ିଛି ମାଇକ୍ରୋ ଆରଏନଏ ଅର୍ଥାତ ଏମଆଇଆର -୨୧ ନର୍ମାଲ ସେଲ୍ସକୁ ନଷ୍ଟ କରିଦେଇଥାଏ । ଯଦ୍ୱାରା କ୍ୟାନସର୍ ସେଲ ଗୁଡ଼ିକ ଆହୁରି ପ୍ରଭାବଶାଳୀ ହୋଇଥାଏ । ତେଣୁ ଏମ୍ଆଇଆର-୨୧କୁ ପ୍ରଭାବହୀନ କରିବାକୁ ଏକ ଆଣ୍ଟି ସେଲ୍ ତିଆରି କରି ତାକୁ ମୂଷାଂକ ଉପରେ ପ୍ରୟୋଗ କରାଯାଇଥିଲା । ଦେଖିବାକୁ ମିଳିଲା ମୂଷାଂକ ଶରୀରରୁ ଟ୍ୟୁମର ଧୀରେଧୀରେ ଛୋଟ ଆକାର ହେବା ସହ ସଂପୂର୍ଣ୍ଣ ଭାବେ ଭଲ ହୋଇଯାଇଥିଲା । ଦୀର୍ଘ ବର୍ଷ ଧରି ଏହି ଗବେଷଣା କ୍ଲେଭଲ୍ୟାଣ୍ଡ କ୍ଲିନିକରେ ଚାଲିଥିଲା । ମାନବ ଶରୀରରେ ଏହାର ପ୍ରୟୋଗ ପାଇଁ ଆଉ ଦଶବର୍ଷ ସମୟ ଲାଗିବ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି ।

# ଆମେରିକାର ନୂଆ ଗ୍ରୀନ୍ କାର୍ଡ ନିୟମ

ଆମେରିକା ଯାଇ ନିଜର ଭବିଷ୍ୟତ ଗଢ଼ିବା ଏବଂ ସେଠାରେ ସ୍ଥାୟୀ ବାସିନ୍ଦା ଭାବରେ ସ୍ୱୀକୃତି ପାଇବା ଅନେକ ଭାରତୀୟଙ୍କ ପାଇଁ ଏକ ଦୀର୍ଘଦିନର ସ୍ୱପ୍ନ ହୋଇ ରହିଆସିଛି । ଉଚ୍ଚଶିକ୍ଷା, ଉନ୍ନତ ଜୀବନଶୈଳୀ ଏବଂ ବୃହତ୍ତର କର୍ମସଂସ୍ଥାନର ସୁଯୋଗ ଆଶାରେ ପ୍ରତିବର୍ଷ ହଜାର ହଜାର ଭାରତୀୟ ଆମେରିକା ଯାତ୍ରା କରିଥାନ୍ତି। କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ଆମେରିକାରେ ଗ୍ରୀନ୍ କାର୍ଡ ବା ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ହାସଲ କରିବା ଭାରତୀୟଙ୍କ ପାଇଁ ଏକ ଅତ୍ୟନ୍ତ କଠିନ ଏବଂ ପ୍ରାୟତଃ ଅସମ୍ଭବ ସଂଘର୍ଷରେ ପରିଣତ ହେବାକୁ ଯାଉଛି । ନିକଟରେ ଆମେରିକୀୟ ନାଗରିକତ୍ୱ ଏବଂ ଇମିଗ୍ରେସନ୍ ସର୍ଭିସେସ୍ ବା ୟୁଏସସିଆଇଏସ ପକ୍ଷରୁ ଘୋଷଣା କରାଯାଇଥିବା ନୂତନ ନିୟମ ଭାରତୀୟ ପେସାଦାର, ଛାତ୍ର ଏବଂ ସେଠାରେ ବହୁ ବର୍ଷ ଧରି ବସବାସ କରୁଥିବା ପ୍ରବାସୀଙ୍କ ପାଇଁ ଏକ ବଡ଼ ଝଟକା ସଦୃଶ ହୋଇଛି । ଏହି ନୂତନ ନିୟମ ଅନୁଯାୟୀ, ଗ୍ରୀନ୍ କାର୍ଡ ଆଶାୟୀମାନଙ୍କୁ ଏବେ ଆମେରିକା ଭିତରେ ରହି ଆବେଦନ କରିବାର ସୁଯୋଗ ମିଳିବ ନାହିଁ । ବରଂ ସେମାନଙ୍କୁ ବାଧ୍ୟତାମୂଳକ ଭାବେ ଆମେରିକା ଛାଡ଼ି ନିଜ ଦେଶରେ ଥିବା ଆମେରିକୀୟ ଦୂତାବାସ କିମ୍ବା କନସୁଲେଟ୍‌ରୁ ଏଥିପାଇଁ ଆବେଦନ କରିବାକୁ ପଡ଼ିବ, ଯାହାକୁ କେବଳ କିଛି ଅସାଧାରଣ ପରିସ୍ଥିତିରେ ଛାଡ଼ କରାଯାଇପାରେ । ଏହି ଗୋଟିଏ ପଦକ୍ଷେପ ଆମେରିକାରେ ବର୍ଷ ବର୍ଷ ଧରି କାମ କରୁଥିବା ଏବଂ ନିଜର ସମସ୍ତ ଯୌବନ ଦେଶର ବିକାଶରେ ବିତାଇଥିବା ଲକ୍ଷ ଲକ୍ଷ ଭାରତୀୟଙ୍କ ଭବିଷ୍ୟତକୁ ଘୋର ଅନ୍ଧକାର ଆଡ଼କୁ ଠେଲିଦେଇଛି । ବିଶେଷଜ୍ଞମାନଙ୍କ ମତରେ ଏହି ନିଷ୍ପତ୍ତି ଆମେରିକାର ଇମିଗ୍ରେସନ୍ ଇତିହାସରେ ସବୁଠାରୁ କଠୋର ପଦକ୍ଷେପ ମଧ୍ୟରୁ ଗୋଟିଏ ଅଟେ ।

ଏହି ନିୟମର ସବୁଠାରୁ ବଡ଼ ଏବଂ ପ୍ରତ୍ୟକ୍ଷ ପ୍ରଭାବ ଏଚ୍-୧ବି ଭିସାଧାରୀଙ୍କ ଉପରେ ପଡ଼ିବ ବୋଲି ଆଶଙ୍କା କରାଯାଉଛି । ଉପଲବ୍ଧ ତଥ୍ୟ ଅନୁଯାୟୀ, ବର୍ତ୍ତମାନ ଆମେରିକାରେ ଥିବା ସମୁଦାୟ ଏଚ୍-୧ବି ଭିସାଧାରୀଙ୍କ ମଧ୍ୟରୁ ଏକସ୍ତରୀ ପ୍ରତିଶତ କେବଳ ଭାରତୀୟ ଅଟନ୍ତି, ଯାହାଙ୍କ ସଂଖ୍ୟା ପ୍ରାୟ ଛଅ ଲକ୍ଷରୁ ଅଧିକ ହେବ । ପୂର୍ବରୁ ଏହି ଉଚ୍ଚ-ଦକ୍ଷତା ସମ୍ପନ୍ନ ପେସାଦାରମାନେ ଆମେରିକାରେ ନିଜର ଚାକିରି ଜାରି ରଖିବା ସହିତ ଫର୍ମ ଆଇ-୪୮୫ ପୂରଣ କରି ଗ୍ରୀନ୍ କାର୍ଡ ପାଇଁ ଆବେଦନ କରିପାରୁଥିଲେ, ଯାହାକୁ ଆଇନଗତ ଭାଷାରେ ଆଡଜଷ୍ଟମେଣ୍ଟ ଅଫ୍ ଷ୍ଟାଟସ୍ କୁହାଯାଏ । କିନ୍ତୁ ନୂଆ ନିୟମ ଲାଗୁ ହେବା ଫଳରେ ସେମାନଙ୍କୁ ଗ୍ରୀନ୍ କାର୍ଡ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ବାଧ୍ୟତାମୂଳକ ଭାବେ ଆମେରିକା ଛାଡ଼ିବାକୁ ପଡ଼ିବ। ଏହା କେବଳ ଏକ ଭୌଗୋଳିକ ସ୍ଥାନାନ୍ତର ନୁହେଁ, ବରଂ ଏହା ସହିତ ସେମାନଙ୍କର ରୋଜଗାର, ପରିବାରର ସ୍ଥିରତା ଏବଂ କ୍ୟାରିୟର ମଧ୍ୟ ସିଧାସଳଖ ଜଡ଼ିତ । ଯେତେବେଳେ ଜଣେ ଏଚ୍-୧ବି ଭିସାଧାରୀ କର୍ମଚାରୀ ଆମେରିକା ଛାଡ଼ନ୍ତି, ସେତେବେଳେ ତାଙ୍କ ଭିସାର ବୈଧତା ଏବଂ ଆମେରିକାରେ ରହିବାର ଆଇନଗତ ଅଧିକାର ସଙ୍କଟରେ ପଡ଼ିଯାଏ । ଗ୍ରୀନ୍ କାର୍ଡ ଆବେଦନ ପ୍ରକ୍ରିୟା ଶେଷ ହେବା ପାଇଁ କନସୁଲାର୍ ସ୍ତରରେ ତିନିରୁ ଛଅ ମାସ କିମ୍ବା ତା'ଠାରୁ ଅଧିକ ସମୟ ଲାଗିପାରେ। ବର୍ତ୍ତମାନର ପ୍ରତିଯୋଗିତାମୂଳକ ବ୍ୟବସାୟିକ ପରିବେଶରେ ଏତେ ଲମ୍ବା ସମୟ ଧରି କୌଣସି ଆମେରିକୀୟ କମ୍ପାନୀ ନିଜ କର୍ମଚାରୀଙ୍କ ପାଇଁ ପଦବୀ ଖାଲି ରଖିବାକୁ କଦାପି ପ୍ରସ୍ତୁତ ହେବେ ନାହିଁ । ଫଳସ୍ୱରୂପ, ବ୍ୟାପକ ମାତ୍ରାରେ ଚାକିରି ହରାଇବାର ଆଶଙ୍କା ସୃଷ୍ଟି ହୋଇଛି, ଯାହା ଭାରତୀୟ ଆଇଟି ପେସାଦାରମାନଙ୍କ ପାଇଁ ଏକ ଭୟଙ୍କର ଆର୍ଥିକ ସଙ୍କଟ ସୃଷ୍ଟି କରିବ । ଆମେରିକାରେ ଗ୍ରୀନ୍ କାର୍ଡ ପାଇଁ ଆବେଦନ କରୁଥିବା ମୋଟ ଆଶାୟୀଙ୍କ ମଧ୍ୟରୁ ପଞ୍ଚସ୍ତରୀ ପ୍ରତିଶତ କେବଳ ଭାରତୀୟ ଅଟନ୍ତି। କିନ୍ତୁ ଆମେରିକାର ବର୍ତ୍ତମାନର ଇମିଗ୍ରେସନ୍ ଆଇନ ଅନୁଯାୟୀ ପ୍ରତ୍ୟେକ ଦେଶ ପାଇଁ ସର୍ବାଧିକ ସାତ ପ୍ରତିଶତ ଗ୍ରୀନ୍ କାର୍ଡ ପ୍ରଦାନ କରିବାର ଏକ ସୀମା ବା କଣ୍ଟ୍ରି କ୍ୟାପ୍ ରହିଛି । ଏହି ନୀତି କାରଣରୁ ପ୍ରାୟ ଏଗାର ଲକ୍ଷରୁ ଅଧିକ ଭାରତୀୟ ବର୍ତ୍ତମାନ ଆମେରିକାରେ ଗ୍ରୀନ୍ କାର୍ଡ ଅପେକ୍ଷାରେ ଅଛନ୍ତି ଏବଂ ନୂଆ ଆବେଦନକାରୀଙ୍କ ପାଇଁ ଏହି ଅପେକ୍ଷା ସମୟ ପଚାଶ ରୁ ଶହେ ବର୍ଷରୁ ମଧ୍ୟ ଅଧିକ ହୋଇପାରେ ବୋଲି ବିଭିନ୍ନ ଆକଳନରୁ ଜଣାପଡିଛି। ଏହାର ସରଳ ଅର୍ଥ ହେଉଛି ଯେ ଜଣେ ବ୍ୟକ୍ତି ନିଜର ସମ୍ପୂର୍ଣ୍ଣ କର୍ମମୟ ଜୀବନକାଳ ମଧ୍ୟରେ ଗ୍ରୀନ୍ କାର୍ଡ ପାଇବାର ସମ୍ଭାବନା ଅତ୍ୟନ୍ତ କ୍ଷୀଣ । ପ୍ରତିଷ୍ଠିତ ଇମିଗ୍ରେସନ୍ ଆଇନଜୀବୀମାନେ ମଧ୍ୟ ଏହି ପଦକ୍ଷେପକୁ ଅଯୌକ୍ତିକ, ଅବାସ୍ତବ, ନିଷ୍ଠୁର ବୋଲି ବର୍ଣ୍ଣନା କରିଛନ୍ତି । ଯେଉଁମାନେ ଦଶନ୍ଧି ଦଶନ୍ଧି ଧରି ଆମେରିକାର ଅର୍ଥନୀତିରେ ନିଜର ରକ୍ତ ଏବଂ ଝାଳ ବୁହାଇଛନ୍ତି, ସେମାନଙ୍କୁ ହଠାତ୍ ଦେଶ ଛାଡ଼ିବାକୁ ବାଧ୍ୟ କରାଯାଉଛି । ଏହା ସେହି ପରିବାରଗୁଡ଼ିକୁ ମଧ୍ୟ ଛିନ୍ନଭିନ୍ନ କରିଦେବ ଯେଉଁମାନେ ନିଜ ପିଲାମାନଙ୍କୁ ଆମେରିକୀୟ ପରିବେଶରେ ବଡ଼ କରିଛନ୍ତି ଏବଂ ଯେଉଁମାନଙ୍କ ପାଇଁ ଭାରତକୁ ଫେରିବା ଏକ ଅଚିହ୍ନା ଦୁନିଆରେ ପାଦ ଦେବା ସହ ସମାନ। ଏହି ନିୟମ କେବଳ ଏଚ୍-୧ବି ଭିସାଧାରୀଙ୍କୁ ନୁହେଁ, ବରଂ ଛାତ୍ର ଭିସାରେ ଯାଇ ଗ୍ରୀନ୍ କାର୍ଡ ଅପେକ୍ଷାରେ ଥିବା ଲକ୍ଷ ଲକ୍ଷ ଯୁବବର୍ଗଙ୍କୁ ମଧ୍ୟ ଗଭୀର ଭାବରେ ପ୍ରଭାବିତ କରିବ । ସଦ୍ୟତମ ରିପୋର୍ଟ ଅନୁଯାୟୀ, ଆମେରିକାର ସମୁଦାୟ ଜନସଂଖ୍ୟାର ମାତ୍ର ଦେଢ଼ ପ୍ରତିଶତ ଭାରତୀୟ ହୋଇଥିବା ବେଳେ, ସେମାନେ ଦେଶର ସମୁଦାୟ ଆୟକରର ପ୍ରାୟ ଛଅ ପ୍ରତିଶତ ପ୍ରଦାନ କରିଥାନ୍ତି । ଏହି ନୂତନ ପ୍ରବାସୀ ନୀତି ଏହି ମେଧାବୀ ଗୋଷ୍ଠୀଙ୍କୁ ଦେଶରୁ ବିତାଡ଼ିତ କରିବା ପାଇଁ ଏକ ଯୋଜନାବଦ୍ଧ ପ୍ରୟାସ ଭଳି ପ୍ରତୀୟମାନ ହେଉଛି । ବେଆଇନ ପ୍ରବାସୀଙ୍କୁ ରୋକିବା ନାମରେ ବୈଧ ଏବଂ ଉଚ୍ଚ-ଦକ୍ଷତା ସମ୍ପନ୍ନ କର୍ମଚାରୀଙ୍କୁ ହଇରାଣ କରିବା ଆମେରିକାର ନିଜସ୍ୱ ଅର୍ଥନୈତିକ ସ୍ୱାର୍ଥ ପାଇଁ ଭବିଷ୍ୟତରେ ଅତ୍ୟନ୍ତ କ୍ଷତିକାରକ ସାବ୍ୟସ୍ତ ହୋଇପାରେ ବୋଲି ଅର୍ଥନୀତିଜ୍ଞମାନେ ଚେତାବନୀ ଦେଉଛନ୍ତି। ଯଦି ଆମେରିକା ନିଜର ଆଭ୍ୟନ୍ତରୀଣ ନୀତିକୁ କୋହଳ ନକରେ, ତେବେ ବିଶ୍ୱର ଶ୍ରେଷ୍ଠ ମେଧାବୀମାନେ କାନାଡ଼ା, ଅଷ୍ଟ୍ରେଲିଆ କିମ୍ବା ୟୁରୋପୀୟ ଦେଶଗୁଡ଼ିକ ଆଡ଼କୁ ମୁହାଁଇବେ । ସିଲିକନ୍ ଭ୍ୟାଲିର ଅନେକ ପ୍ରତିଷ୍ଠିତ ବ୍ୟକ୍ତି ମଧ୍ୟ ଏହି ନିୟମକୁ ନେଇ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି, କାରଣ ଏହାଦ୍ୱାରା ଆମେରିକାର ବୈଷୟିକ କମ୍ପାନୀଗୁଡ଼ିକ ପ୍ରତିଭା ଅଭାବର ସମ୍ମୁଖୀନ ହେବେ ।

ଅନ୍ୟପକ୍ଷରେ, ଭାରତ ଦୃଷ୍ଟିକୋଣରୁ ଏହି ପରିସ୍ଥିତିର ଦୁଇଟି ଭିନ୍ନ ଦିଗ ରହିଛି। ଆମେରିକାରେ ଥିବା ପ୍ରବାସୀ ଭାରତୀୟମାନେ ଦେଶକୁ ବିପୁଳ ପରିମାଣର ବିଦେଶୀ ମୁଦ୍ରା ପଠାଇଥାନ୍ତି । ତଥ୍ୟ ଅନୁଯାୟୀ, ପ୍ରତିବର୍ଷ ଭାରତକୁ ଆସୁଥିବା ସମୁଦାୟ ରେମିଟାନ୍ସ ମଧ୍ୟରୁ ଆମେରିକାର ଅବଦାନ ସର୍ବାଧିକ ରହିଥାଏ, ଯାହା ଦେଶର ବିଦେଶୀ ମୁଦ୍ରା ଭଣ୍ଡାରକୁ ସମୃଦ୍ଧ କରିଥାଏ । ଯଦି ବହୁ ସଂଖ୍ୟାରେ ଭାରତୀୟ ଚାକିରି ହରାଇ ଆମେରିକା ଛାଡ଼ିବାକୁ ବାଧ୍ୟ ହୁଅନ୍ତି, ତେବେ ଏହି ଆର୍ଥିକ ପ୍ରବାହ ଉପରେ ଏକ ବଡ଼ ଧରଣର ନକାରାତ୍ମକ ପ୍ରଭାବ ପଡ଼ିବ । ତଥାପି, ଏହି ସଙ୍କଟକୁ ଭାରତ ଏକ ସୁଯୋଗ ଭାବରେ ମଧ୍ୟ ଗ୍ରହଣ କରିପାରିବ। ଯଦି ହଜାର ହଜାର ଉଚ୍ଚ-ଦକ୍ଷତା ସମ୍ପନ୍ନ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞ, ଅଭିଜ୍ଞ ବୈଜ୍ଞାନିକ ଏବଂ ଇଞ୍ଜିନିୟର ଭାରତ ଫେରିଆସନ୍ତି, ତେବେ ଭାରତ ସରକାର ଏହି ବ୍ରେନ୍ ଡ୍ରେନ୍ ପ୍ରକ୍ରିୟାକୁ ବ୍ରେନ୍ ଗେନ୍ ବା ମେଧା ଲାଭରେ ପରିଣତ କରିପାରିବେ । ଭାରତର ଆଇଟି ସେକ୍ଟର, ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଏବଂ ନୂତନ ଭାବେ ଗଢ଼ି ଉଠୁଥିବା ସେମିକଣ୍ଡକ୍ଟର ଶିଳ୍ପ ଏହି ବିଶ୍ୱସ୍ତରୀୟ ଅଭିଜ୍ଞ ପେସାଦାରମାନଙ୍କ ଦ୍ୱାରା ବହୁଳ ଭାବରେ ଲାଭବାନ ହୋଇପାରିବ । ତେବେ ଏଥିପାଇଁ ଭାରତ ସରକାରଙ୍କୁ ନିଜର ଭିତ୍ତିଭୂମି, ଗବେଷଣା ସୁବିଧା ଏବଂ ନିଯୁକ୍ତି ସୁଯୋଗକୁ ବିଶ୍ୱସ୍ତରୀୟ କରିବାକୁ ପଡ଼ିବ, ଯାହାଦ୍ୱାରା ଫେରୁଥିବା ପ୍ରତିଭାମାନେ ନିଜ ଦେଶରେ ଉପଯୁକ୍ତ ପରିବେଶ ପାଇପାରିବେ ଏବଂ ନିଜର ଦକ୍ଷତାର ସଠିକ୍ ଉପଯୋଗ କରିପାରିବେ । ଆମେରିକାରେ ଅର୍ଜନ କରିଥିବା ଜ୍ଞାନ ଏବଂ କୌଶଳକୁ ଯଦି ଭାରତର ବିକାଶରେ ବିନିଯୋଗ କରାଯାଏ, ତେବେ ଏହା ଆମ ଦେଶ ପାଇଁ ଏକ ବରଦାନ ସାବ୍ୟସ୍ତ ହୋଇପାରେ ।

ଯେଉଁ ଆମେରିକା ଦିନେ ସମଗ୍ର ବିଶ୍ୱର ପ୍ରବାସୀମାନଙ୍କ ପାଇଁ ସ୍ୱପ୍ନର ଦେଶ ଥିଲା ଏବଂ ଯାହାର ବିକାଶରେ ବିଭିନ୍ନ ଦେଶରୁ ଆସିଥିବା ଲୋକଙ୍କର ରକ୍ତ ଝାଳ ମିଶିଥିଲା, ତାହା ଆଜି ନିଜର ଆଭ୍ୟନ୍ତରୀଣ ରାଜନୈତିକ ସ୍ୱାର୍ଥ ପାଇଁ ସେହି ପ୍ରବାସୀମାନଙ୍କ ପାଇଁ ଏକ ଅସ୍ୱାଭାବିକ ଏବଂ ଅସୁରକ୍ଷିତ ସ୍ଥାନରେ ପରିଣତ ହୋଇଛି। ଆମେରିକାର ନୀତି ନିର୍ଦ୍ଧାରକମାନେ ଏହା ବୁଝିବା ଉଚିତ୍ ଯେ ମେଧାବୀମାନଙ୍କୁ ତଡ଼ିଦେଇ କୌଣସି ଦେଶ ନିଜର ବୈଷୟିକ ଶ୍ରେଷ୍ଠତା ବଜାୟ ରଖିପାରିବ ନାହିଁ । ଏହି ନିଷ୍ପତ୍ତି କେବଳ ଭାରତୀୟମାନଙ୍କ ପାଇଁ ଏକ ଦୁଃସମ୍ବାଦ ନୁହେଁ, ବରଂ ନିଜେ ଆମେରିକାର ଭବିଷ୍ୟତ ବିକାଶ ଏବଂ ଅର୍ଥନୈତିକ ସମୃଦ୍ଧି ପାଇଁ ମଧ୍ୟ ଏକ ଆତ୍ମଘାତୀ ପଦକ୍ଷେପ ସାବ୍ୟସ୍ତ ହେବ। ଏହି ପରିସ୍ଥିତିରେ ଭାରତୀୟ ପେସାଦାରମାନଙ୍କୁ ନିଜର ବିକଳ୍ପ ଖୋଜିବା ସହିତ ନିଜ ମାତୃଭୂମିର ବିକାଶରେ କିପରି ଅଧିକ ଯୋଗଦାନ ଦେଇହେବ, ସେ ଦିଗରେ ଚିନ୍ତା କରିବାର ସମୟ ଆସିଯାଇଛି ।

# ଭ୍ରଷ୍ଟାଚାର ଓ ଶୋଷଣମୁକ୍ତ ସମାଜର ଆବଶ୍ୟକତା ଓ ଉପାଦେୟତା



## ଇଂ. ବିଜୟ ମିଶ୍ର

ଆଜିକାଲି ଖବରକାଗଜ, ଟି.ଭି ଓ ଗଣମାଧ୍ୟମରେ ଭାରତ ଦେଶର ବିଭିନ୍ନ ରାଜ୍ୟରେ ଓ ସ୍ଥାନରେ ପ୍ରତ୍ୟେକ ଦିନ ସରକାରୀ ଚାକିରିଆଙ୍କ ଘରେ ଭିଜିଲାନ୍ସ ବିଭାଗ, କେନ୍ଦ୍ର ଓ ରାଜ୍ୟ ଗୁଇନ୍ଦା ସଂସ୍ଥା, ଏନଫୋର୍ସମେଣ୍ଟ ଡାଇରେକ୍ଟରେଟ ବିଭାଗ, ଆୟକର ବିଭାଗ ଏବଂ ଅନ୍ୟ ଟ୍ୟାକ୍ସ ବିଭାଗ ଛାପା ମାରିବାର ଖବର ମିଳିଥାଏ। ଏହି ଛାପା ମାରିବା ସମୟରେ ଭ୍ରଷ୍ଟାଚାର ଓ ଆର୍ଥିକ ଅପରାଧରେ ସଂପୃକ୍ତ ଥିବା କର୍ମଚାରୀମାନଙ୍କ ଘରୁ ତଥା ସେମାନଙ୍କର ଅନ୍ୟାନ୍ୟ ଠିକଣାରୁ ଜବତ ହୋଇଥିବା ଅର୍ଥ ରାଶି, ବିପୁଳ ସ୍ଥାବର ଓ ଅସ୍ଥାବର ସଂପତ୍ତିର ଆକଳନ ସମସ୍ତଙ୍କୁ ଚକିତ କରିଥାଏ । ଅନେକ ସମୟରେ କିଛି ରାଜନେତା ବି ଭ୍ରଷ୍ଟାଚାରରେ ଲିପ୍ତ ଥିବା ଖବର ପଢ଼ିବାକୁ ଓ ଶୁଣିବାକୁ ମିଳିଥାଏ।

ପ୍ରତ୍ୟେକ ମନୁଷ୍ୟକୁ ତା' ନିଜର ତଥା ନିଜ ପରିବାରବର୍ଗଙ୍କ ଜୀବନଯାପନ ପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହ, ଶିକ୍ଷା, ସ୍ୱାସ୍ଥ୍ୟସେବା, ଭବିଷ୍ୟତ ପାଇଁ କିଛି ଜମା ରାଶି ତଥା ଅନ୍ୟ ଆବଶ୍ୟକତା ପୂରଣ କରିବା ସକାଶେ ଅର୍ଥ ଉପାର୍ଜନ କରିବା ଅପରିହାର୍ଯ୍ୟ ହୋଇଥାଏ । ଶାରୀରିକ ତଥା ମାନସିକ ସ୍ତରରେ ସକ୍ଷମ ସମସ୍ତ ବ୍ୟକ୍ତି ନିଜ ନିଜର ଜ୍ଞାନ, ବଳ ଓ କୌଶଳର ଉପଯୋଗକରି ସରକାରୀ ଓ ଘରୋଇ ଚାକିରି, କୃଷି, ନିଜସ୍ୱ ବୃତ୍ତି ଓ ବ୍ୟବସାୟ, କୌଳିକ ବୃତ୍ତି, ମଜୁରି ଇତ୍ୟାଦି ଭଳି କାର୍ଯ୍ୟରୁ ରୋଜଗାର କରି ନିଜର ତଥା ପରିବାରବର୍ଗଙ୍କ ଦୈନନ୍ଦିନ ଜୀବନର ଆବଶ୍ୟକତାକୁ ପୂରଣ କରିଥାନ୍ତି ।

ଭାରତ ଦେଶରେ ସରକାରୀ ଚାକିରି କରିବା ଏକ ସମ୍ମାନଜନକ ରୋଜଗାର ପନ୍ଥା ବୋଲି ସଭିଏଁ ସାଧାରଣତଃ ବିଶ୍ୱାସ କରିଥାନ୍ତି । ଭାରତରେ ସରକାରୀ ଚାକିରିର ଚାହିଦା ଅଧିକ। ଏହାର ମୁଖ୍ୟ କାରଣ ହେଲା ଯେ ଏଠାରେ ସରକାରୀ ଚାକିରିଟି ଅନ୍ୟ ସବୁ ଚାକିରି ଅପେକ୍ଷା ବହୁତ ସୁରକ୍ଷିତ । କିଛି ସରକାରୀ କର୍ମଚାରୀ ଭ୍ରଷ୍ଟାଚାର ତଥା ଆସାଧୁ କାର୍ଯ୍ୟରେ ଲିପ୍ତ ରହି ନିଜ ଦରମା ବାହାରେ ବହୁତ ଅର୍ଥ ଉପାର୍ଜନ ବି କରିଥାଆନ୍ତି । ଭ୍ରଷ୍ଟାଚାର, କାର୍ଯ୍ୟରେ ଅବହେଳା, ପ୍ରିୟାପ୍ରୀତି ପୋଷଣ ଇତ୍ୟାଦି କାର୍ଯ୍ୟରେ ଲିପ୍ତ ରହି ବି ସରକାରୀ ଚାକିରିଟି ଚାଲିଯିବାର ଭୟ ସାଧାରଣତଃ ନଥାଏ। ଭ୍ରଷ୍ଟାଚାର ଲିପ୍ତ ବ୍ୟକ୍ତି ବିଶେଷମାନେ ନିଜ ବିଭାଗର ଅନେକ ଲୋକଙ୍କୁ ନିଜ ଅସାଧୁ କାର୍ଯ୍ୟକଳାପରେ ଭାଗିଦାରୀ ବି କରନ୍ତି ଏବଂ କାର୍ଯ୍ୟ କ୍ଷେତ୍ରରେ ରାଜନୀତି ତଥା ପ୍ରିୟାପ୍ରୀତି ପୋଷଣ କାର୍ଯ୍ୟରେ ଲିପ୍ତ ରହନ୍ତି । ଏହା ବି ଦେଖାଯାଏ ଯେ ପ୍ରିୟାପ୍ରୀତି ପୋଷଣ ଓ ଗୋଡ଼ ଟଣାଟଣି ଫଳରେ ଅନେକ କମ ଦକ୍ଷତା ସଂପନ୍ନ ବ୍ୟକ୍ତି ଶୀଘ୍ର ପଦୋନ୍ନତି ପାଆନ୍ତି ଏବଂ ଅନେକ ସମୟରେ ସେମାନେ ଉଚ୍ଚରୁ ଉଚ୍ଚତମ ପଦ ମଧ୍ୟ ଅକ୍ତିଆର କରିପାରିଥାନ୍ତି, ଆଉ ଉଚ୍ଚ ଦକ୍ଷତା ସଂପନ୍ନ ଅନେକ ବ୍ୟକ୍ତି ବିଶେଷ ଏହି ପ୍ରିୟାପ୍ରୀତି ପୋଷଣ ତଥା ଘୁଷଖୋର ବ୍ୟବସ୍ଥାର ଶିକାର ହୋଇ ନିଜର ଦକ୍ଷତା, ଜ୍ଞାନ, କୌଶଳର ଉପଯୋଗ କରିବାରୁ ବଞ୍ଚିତ ହୋଇଥାନ୍ତି । ଯାହାଫଳରେ ଦେଶର ସର୍ବାଙ୍ଗୀନ ବିକାଶ ବାଧାପ୍ରାପ୍ତ ହୋଇଥାଏ ଏବଂ ଦେଶର ସମସ୍ତ ନାଗରିକ ଏହାର କୁଫଳର ଶିକାର ହୋଇଥାନ୍ତି । ବିଶ୍ୱ ଭ୍ରଷ୍ଟାଚାର ସୂଚୀରେ ୧୮୨ ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୯୧ ରହିଛି ଯାହା କି ଦେଶରେ ଥିବା ଅତ୍ୟଧିକ ଭ୍ରଷ୍ଟାଚାର ମାତ୍ରାକୁ ଦର୍ଶାଇଥାଏ।

ବିକଶିତ କିମ୍ବା ବିକାଶଶୀଳ ଦେଶମାନଙ୍କରେ ଚାକିରି ଓ ବ୍ୟବସାୟ କ୍ଷେତ୍ରରେ ଆର୍ଥିକ ଅନିୟମିତତା, ଭ୍ରଷ୍ଟାଚାର, ଅସାଧୁ ଉପାର୍ଜନ ଓ ପ୍ରିୟାପ୍ରୀତି ପୋଷଣ ବହୁତ କମ ଦେଖାଯାଏ । ଅନେକ ବିକଶିତ ଦେଶରେ ସରକାରୀ ଚାକିରିଆ ମାନେ ଭ୍ରଷ୍ଟାଚାର ଓ ଅନୈତିକ କାର୍ଯ୍ୟରେ ଲିପ୍ତ ରହି ଧରା ପଡ଼ିଲେ ସେମାନଙ୍କ ପାଇଁ କଠୋର ଦଣ୍ଡ ବିଧାନର ବ୍ୟବସ୍ଥା ବି ରହିଛି । ଅସାଧୁ ବ୍ୟବସାୟୀ, କଳାବଜାରୀ ଓ ଆର୍ଥିକ ଅପରାଧରେ ଲିପ୍ତ ବ୍ୟବସାୟୀଙ୍କ ପାଇଁ ବି କଠୋର ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି । ଏପରିକି କିଛି ଦେଶରେ ଘୋର ଆର୍ଥିକ ଅନିୟମିତତା, ଭ୍ରଷ୍ଟାଚାର ଓ ଅସାଧୁ ଉପାର୍ଜନରେ ଲିପ୍ତ ଥିବା ବ୍ୟକ୍ତିଙ୍କୁ ମୃତ୍ୟୁଦଣ୍ଡ ଦେବାର ବ୍ୟବସ୍ଥା ବି ରହିଛି।

ଏହା ଜାଣି ରଖିବା ଉଚିତ ଯେ କୌଣସି ବ୍ୟକ୍ତି ନିଜ ଚାକିରିରୁ ଅସାଧୁ ଓ ଅନୈତିକ ଉପାୟରେ ଉପାର୍ଜନ କରି ନିଜେ ମାନସିକ ଶାନ୍ତି ପାଏନା । ସେଭଳି କିସମର ବ୍ୟକ୍ତିମାନେ ଜୀବନର ପ୍ରତି କ୍ଷଣ ଧରା ପଡ଼ିବାର ଆଶଙ୍କାରେ ରହିଥାନ୍ତି । ଭୟ, ଉଦ୍‌ବେଗ ଓ ମାନସିକ ଅଶାନ୍ତିର ଶିକାର ହୋଇ ବହୁତ କମ୍ ବୟସରୁ ସେମାନେ ଉଚ୍ଚ ରକ୍ତଚାପ, ମଧୁମେହ ( ଡାଇବେଟିସ), ନିଦ୍ରାହୀନତା, ମାନସିକ ରୋଗ ଇତ୍ୟାଦିରେ ପୀଡିତ ହୋଇଥାନ୍ତି । ଅତ୍ୟଧିକ ଆସାଧୁ ଉପାର୍ଜନ ତଥା ଅନେକ ଅସାଧୁ ଲୋକଙ୍କ ସଂସର୍ଗରେ ରହି ବହୁତ ଖରାପ ଅଭ୍ୟାସ ଓ ଜୀବନଶୈଳୀ ଦ୍ୱାରା ସେମାନଙ୍କର ସ୍ୱାସ୍ଥ୍ୟର ଅବସ୍ଥା ବି ସଙ୍କଟାପର୍ଣ୍ଣ ହୋଇଥାଏ।

ପ୍ରକୃତରେ ଦେଖିବାକୁ ଗଲେ ଯେଉଁ ସରକାରୀ କର୍ମଚାରୀମାନେ ଭ୍ରଷ୍ଟାଚାର ଓ ଅସତ୍ ରାସ୍ତା ଅବଲମ୍ବନ କରି ନିଜର ପୁତ୍ର ଓ ପୌତ୍ରାଦିଙ୍କ ପାଇଁ ଧନସମ୍ପତ୍ତି ଠୁଳ କରିଥାଆନ୍ତି ସେମାନେ ଲୋଭ, ମୋହ ଓ ହୀନମନ୍ୟତାର ଶିକାର ହୋଇ ନିଜର ହିଁ ପରିବାରବର୍ଗଙ୍କ ମାନ, ସମ୍ମାନ, ମାନସିକ ସ୍ୱାସ୍ଥ୍ୟ, ଭବିଷ୍ୟତ, ସଂସ୍କାର ତଥା ସମାଜିକ ଓ ମାନବିକ ମୂଲ୍ୟବୋଧ ନଷ୍ଟ କରିଥାନ୍ତି । ଯେଉଁଦିନ ଭ୍ରଷ୍ଟାଚାର ଓ ଅନୈତିକ କାର୍ଯ୍ୟରେ ଲିପ୍ତ କର୍ମଚାରୀଟି ପୋଲିସ, ଭିଜିଲାନ୍ସ କିମ୍ବା ଅନ୍ୟ ସରକାରୀ ସଂସ୍ଥା ଦ୍ୱାରା ଧରା ପଡ଼େ ସେତେବେଳେ ସେ ଲୋକର ନିଜର ତଥା ପରିବାରବର୍ଗଙ୍କ ମାନସିକ ଅବସ୍ଥା ଅତି ଦୟନୀୟ ହୋଇଯାଏ । ଏହିପରି ଭ୍ରଷ୍ଟ ଓ ଅସାଧୁ ବ୍ୟକ୍ତିମାନେ ନିଜର ପରିବାର ତଥା ସମାଜର ହିତ ଓ ସ୍ୱାର୍ଥ ପାଇଁ ବିପଦପୂର୍ଣ୍ଣ ହୋଇଥାନ୍ତି ।

ଏକ ସୁସ୍ଥ, ସୁନ୍ଦର, ବିକଶିତ ଓ ଶୃଙ୍ଖଳିତ ସମାଜରେ ଭ୍ରଷ୍ଟାଚାର, ଶୋଷଣ, ପ୍ରିୟାପ୍ରୀତି ପୋଷଣ, କାର୍ଯ୍ୟରେ ଅବହେଳା ଅନେକ ମାତ୍ରାରେ କମ ଥାଏ । ଏକ ସୁସ୍ଥ ସମାଜରେ ସର୍ବସାଧାରଣଙ୍କ ଜୀବନ ସହଜ, ସୁବିଧା ଯୁକ୍ତ, ସଦଭାବନା ଭରା ତଥା ସୁଖମୟ ଓ ଆନନ୍ଦମୟ ହୋଇଥାଏ। ଡେନମାର୍କ, ଫିନଲ୍ୟାଣ୍ଡ, ନରଓ୍ୱେ, ସୁଇଡେନ, ସୁଇଜରଲ୍ୟାଣ୍ଡ, ସିଙ୍ଗାପୁର, ନିଉଜଲ୍ୟାଣ୍ଡ ଇତ୍ୟାଦି ଦେଶରେ ଭ୍ରଷ୍ଟାଚାରର ମାତ୍ରା ବହୁତ କମ ଏବଂ ସେହି ସବୁ ଦେଶ ଖୁସି ରାଷ୍ଟ୍ର ସୂଚକାଙ୍କ ରେ ବହୁତ ଉପର ସ୍ଥାନରେ ଅଛନ୍ତି ଓ ବହୁତ ଖୁସି ରାଷ୍ଟ୍ର ଭାବେ ପରିଗଣିତ ହୋଇଆସୁଛନ୍ତି । ଖୁସି ରାଷ୍ଟ୍ର ସୂଚକାଙ୍କରେ ଭାରତର ସ୍ଥାନ ୧୪୭ ଟି ଦେଶର ତାଲିକା ଭିତରେ ୧୧୬ ସ୍ଥାନରେ ଅଛି ଏବଂ ଭାରତ ଦେଶ ଏକ ଦୁଃଖି ରାଷ୍ଟ୍ର ଭାବେ ପରିଗଣିତ ହୋଇଛି।

ଯଦି କୌଣସି ଦେଶର ଆଭ୍ୟନ୍ତରୀଣ ବ୍ୟବସ୍ଥା ତଥା ଶାସନକଳରେ ଭ୍ରଷ୍ଟାଚାର ଓ ପ୍ରିୟାପ୍ରୀତି ପୋଷଣ, ଆସାଧୁ କାର୍ଯ୍ୟ, ବିଶୃଙ୍ଖଳା, କର୍ମଚାରୀଙ୍କ ଆଳସ୍ୟପଣ ତଥା ନିଜର କାର୍ଯ୍ୟ ପ୍ରତି ଅବହେଳା, କାର୍ଯ୍ୟ କ୍ଷେତ୍ରରେ ଦକ୍ଷତାର ଅଭାବ ଇତ୍ୟାଦି ଭରି ରହେ ତାହାହେଲେ ସେ ଦେଶର ସର୍ବାଙ୍ଗୀନ ବିକାଶ ବାଧାପ୍ରାପ୍ତ ହେବା ସହ ସେଠାର ସମସ୍ତ ନାଗରିକ ଅନେକ ଅସୁବିଧା ଓ ଅତ୍ୟାଚାରର ସମ୍ମୁଖୀନ ହୋଇଥାନ୍ତି। ଭ୍ରଷ୍ଟାଚାର ଓ ଦୁର୍ନୀତି ଭରା ସମାଜରେ ସଂଖ୍ୟାଧିକ ଜନତା ଦୁଃଖ, ଦୁର୍ଦ୍ଦଶା ଓ ମାନସିକ ଅଶାନ୍ତିରେ ଜୀବନ ଯାପନ କରିଥାନ୍ତି । ଏପରି କି ଅସାଧୁ ଉପାର୍ଜନ, ପ୍ରୀୟାପ୍ରୀତି ପୋଷଣ, ଶୋଷଣ ଓ ଅତ୍ୟାଚାରରେ ଲିପ୍ତ ଥିବା ବ୍ୟକ୍ତି ବିଶେଷମାନେ ବି ନିଜେ ଓ ସେମାନଙ୍କର ନିଜ ପରିବାରବର୍ଗ ଦିନେ ନା ଦିନେ ଏହି ବିଶୃଙ୍ଖଳିତ ଓ ବିପର୍ଯ୍ୟସ୍ତ ବ୍ୟବସ୍ଥାର ଶିକାର ହୋଇଥାନ୍ତି ।

ଯଦି କେହି ଇଂଜିନିୟର ଲାଞ୍ଚ ନେଇ ନିମ୍ନ ମାନର ପୋଲ, ରାସ୍ତା କିମ୍ବା ଅଫିସ ଅଥବା ସାଧାରଣ ଜନତାଙ୍କର ବ୍ୟବହାର ପାଇଁ ଉଦ୍ଦିଷ୍ଟ ଘର କିମ୍ବା ସମ୍ମିଳନୀ କକ୍ଷ ତିଆରି କରେ ତେବେ ତାହା ନିମ୍ନ ମାନର ନିର୍ମାଣ ହୋଇଥିବାରୁ କିଛି ଦିନ ପରେ ଭାଙ୍ଗିଯିବାର ସମ୍ଭାବନା ଥାଏ ଯାହାଫଳରେ ଅନେକ ଧନଜୀବନ କ୍ଷୟକ୍ଷତି ହୋଇଥାଏ । ଏପିରିକି ସେ ଇଂଜିନିୟରଙ୍କ ନିଜ ପରିବାରବର୍ଗ ଓ ବନ୍ଧୁବାନ୍ଧବ ବି ସେଥିରେ ରହିବା ଓ ଯିବା ଆସିବା ସମୟରେ ଦୁର୍ଘଟଣାର ଶିକାର ହେବାର ସମ୍ଭାବନା ରହିଥାଏ । ଠିକ୍ ସେହିପରି ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ର, ପ୍ରଶାସନ ବ୍ୟବସ୍ଥା, ଆଇନ, କାନୁନ ଓ ନ୍ୟାୟ ବ୍ୟବସ୍ଥାରେ କାର୍ଯ୍ୟରତ ଭ୍ରଷ୍ଟାଚାରୀ, ଶୋଷଣକାରୀ, ବିଶୃଙ୍ଖଳିତ ଓ କାର୍ଯ୍ୟରେ ଅବହେଳା କରୁଥିବା ଡାକ୍ତର, ଅଫିସର ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କର ପରିବାରବର୍ଗ ଓ ବନ୍ଧୁବାନ୍ଧବ ବି କେବେ ନା କେବେ ସେମାନଙ୍କ ଦ୍ୱାରା ହିଁ ସୃଷ୍ଟି କରାଯାଇଥିବା ଭ୍ରଷ୍ଟାଚାର, ଅତ୍ୟାଚାର ଓ ଶୋଷଣର ଶିକାର ହୋଇଥାନ୍ତି ।

ସାଧାରଣତଃ ଏହା ଦେଖାଯାଇଥାଏ ଯେ ଏକ ଶୃଙ୍ଖଳିତ ତଥା ଭ୍ରଷ୍ଟାଚାର ଓ ଦୁର୍ନୀତି ମୁକ୍ତ ସମାଜ ସର୍ବଦା ବିକଶିତ, ପ୍ରଗତିଶୀଳ ଓ ସୁଖି ସମାଜଟିଏ ହୋଇଥାଏ। ସେଭଳି ଦେଶ ଓ ସମାଜର ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା, ଅର୍ଥନୀତି, ରାଜନୈତିକ ପରିସ୍ଥିତି, ନାଗରିକ କଲ୍ୟାଣ ବ୍ୟବସ୍ଥା, ନିର୍ମାଣ ଭିତ୍ତିଭୂମି ଇତ୍ୟାଦି ଉଚ୍ଚମାନର ହୋଇଥାଏ । ଭ୍ରଷ୍ଟାଚାର, ଦୁର୍ନୀତି ମୁକ୍ତ ତଥା ଶୃଙ୍ଖଳିତ ସମାଜରେ ନାଗରିକଙ୍କ ଜୀବନ ସହଜ, ସରଳ, ସୁରକ୍ଷିତ ଓ ସୁଖମୟ ହେବା ସହିତ ସେଠାର ସମସ୍ତ ବର୍ଗର ବ୍ୟକ୍ତିଙ୍କ ମଧ୍ୟରେ ଶାନ୍ତି, ମୈତ୍ରୀ ଓ ସଦଭାବନା ବି ପରିଲକ୍ଷିତ ହୋଇଥାଏ।

ଏଣୁ ଭ୍ରଷ୍ଟାଚାର, ଅସାଧୁ କାର୍ଯ୍ୟକଳାପ, ପ୍ରୀୟାପ୍ରୀତି ପୋଷଣ, ଜନତାଙ୍କ ଶୋଷଣ, ନିଜ କାର୍ଯ୍ୟ କ୍ଷେତ୍ରରେ ଅବହେଳା ଓ ବିଶୃଙ୍ଖଳା ଇତ୍ୟାଦିରେ ଲିପ୍ତ ଥିବା ସରକାରୀ କର୍ମଚାରୀ, ବ୍ୟବସାୟୀ ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷମାନେ ନିଜର ହୀନ ଓ ଅସାଧୁ କାର୍ଯ୍ୟକଳାପରୁ ନିବୃତ୍ତ ରହିବା ସହିତ, ସେବା ମନୋବୃତ୍ତି ସଂପନ୍ନ ହୋଇ ଦେଶ ତଥା ଦେଶର ଜନତାଙ୍କ ପ୍ରତି ନିଜର କର୍ତ୍ତବ୍ୟ ପାଳନ କରି ନିଜ ଦେଶରେ ଓ ସମାଜରେ ସଭିଙ୍କ ପାଇଁ ଏକ ସୁନ୍ଦର ଓ ହସଖୁସି ଭରା ପରିବେଶ ସୃଷ୍ଟି କରିବା ସକାଶେ ସର୍ବଦା ପ୍ରଯତ୍ନଶୀଳ ହେବା ନିତାନ୍ତ ଆବଶ୍ୟକ।

ଆଇନଜୀବୀ,
ଫ୍ଲାଟ ନମ୍ବର- ୩୦୫,
ନନ୍ଦିଘୋଷ ଆପାର୍ଟମେଣ୍ଟ,
କମାପଲ୍ଲୀ-ଗୋଇଲୁଣ୍ଡି ରୋଡ଼,
ବ୍ରହ୍ମପୁର - ୭୬୦୦୦୪
ଗଞ୍ଜାମ, (ଓଡ଼ିଶା)
ମୋ: ୯୪୩୯୯୭୯୯୬୬

# ଭାରତ ସରକାର ସୁପ୍ରିମକୋର୍ଟଙ୍କ ମତାମତକୁ ସମ୍ମାନ ଦେବେ କି?



## ସୁବ୍ରତ କର

ସୁପ୍ରିମ କୋର୍ଟ ଗତ ୨୨ ମେ' ୨୦୨୬ରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ଏବଂ ଏଥିରେ କ୍ରିମି ଲେୟର ପିଲାଙ୍କ ସଂରକ୍ଷଣ ହଟେଇବା ଉପରେ ଜୋର ଦେଇଛନ୍ତି, କିନ୍ତୁ ଏହା ଉପରେ ପୂର୍ବରୁ ଏହି ସୁପ୍ରିମ କୋର୍ଟ ଦୁଇ ଦୁଇଥର ମତ ଦେଇଛନ୍ତି। ଥରେ ୨୦୨୪ ଅଗଷ୍ଟରେ ପ୍ରଞ୍ଜାବ ରାଜ୍ୟ ବନାମ ଦାବିନ୍ଦର ସିଂ ମାମଲାରେ ୭ ଜଣିଆ ପିଠ କହିଥିଲେ ସ୍ୱଚ୍ଛଳ ବର୍ଗକୁ ଅନୁସୂଚିତ ଜାତି ଓ ଜନଜାତି କୋଟାରୁ ବାଦ ଦେବା ପାଇଁ କିନ୍ତୁ ଏହା ଉପରେ ଭାରତ ସରକାର ଚୁପଚାପ ରହିଥିଲେ । ପୁଣି ଆଉଥରେ ୨୦୨୫ ଜାନୁଆରୀରେ ଏକ ମାମଲାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗରୁ ଆଇ.ଏ.ଏସ୍ ଏବଂ ଆଇ.ପି.ଏସ୍ ଅଫିସର ହୋଇଥିଲେ ସେମାନଙ୍କ ପିଲାମାନଙ୍କୁ ବାଦ ଦେବା ପାଇଁ ହୋଇଥିବା ଆବେଦନ ଉପରେ ହସ୍ତକ୍ଷେପ କରିବାକୁ ମନା କରିଥିଲେ । କିନ୍ତୁ ୨୨ ମେ ୨୦୨୬ (ଗତକାଲି) ରାୟରେ କ୍ରିମି ଲେୟର ପିଲାଙ୍କ ସଂରକ୍ଷଣ ହଟେଇବା ପାଇଁ ଜୋର ଦେଇଛନ୍ତି । ସୁପ୍ରିମ କୋର୍ଟଙ୍କ କହିବା କଥା ହେଲା ଆର୍ଥିକ ତଥା ଶିକ୍ଷାଗତ ଭାବେ ଉନ୍ନତ ପରିବାର ଗୁଡ଼ିକର ପିଲାମାନଙ୍କୁ ସଂରକ୍ଷଣ ସୁବିଧା ଜାରି ରଖିବା ଠିକ୍ ନୁହଁ। ଛାତ୍ରଛାତ୍ରୀଙ୍କ ମା' ବାପା ଭଲ ଦରମାରେ ଚାକିରି କରିଥିଲେ ସେମାନଙ୍କ ପିଲାମାନଙ୍କୁ ସଂରକ୍ଷଣରୁ ବାଦ୍ ଦେବା ପାଇଁ ମତ ରଖିଛନ୍ତି । ଯଦି ମା' ବାପା ଉଭୟ ଆଇ.ଏ.ଏସ୍ ଅଫିସର ହୋଇଥିବେ ସେମାନଙ୍କ ପିଲାଙ୍କୁ ସଂରକ୍ଷଣ ସୁବିଧା ଦିଆଯିବା ଉଚିତ ନୁହଁ। କୋର୍ଟ ଆହୁରି କହିଛନ୍ତି ଆର୍ଥିକ ଏବଂ ଶିକ୍ଷାଗତ କ୍ଷେତ୍ରରେ ଆଗୁଆ ଥିବା ପରିବାରର ପିଲାଙ୍କ ପାଇଁ କୋଟା ରହିବା ଉଚିତ ନୁହଁ ଏବଂ ଏହି କୋଟାକୁ ପରିବାର ଲୋକେ ବାରମ୍ବାର ବ୍ୟବହାର କରିବା ମଧ୍ୟ ଉଚିତ ହେବ ନାହିଁ । ଥରେ ଯଦି ମାତାପିତା ସଂରକ୍ଷଣ ସୁବିଧା ଦେଇ ଉଚ୍ଚ ସ୍ତରରେ ପହଞ୍ଚି ଯାଇଛନ୍ତି ତେବେ ସେହି ପରିବାର ଆଉଥରେ ଏହାର ସୁଯୋଗ ନେବା ଠିକ୍ ନୁହଁ । କୋର୍ଟ ଏହା ପାଇଁ ଏକ ଉଦାହରଣ ରଖି କହିଛନ୍ତି ଜଣେ ବ୍ୟକ୍ତି ଆସିଷ୍ଟାଣ୍ଟ ଇଂଜିନିୟର ଭାବେ ନିଯୁକ୍ତି ପାଇଁ ଚୟନ ହୋଇଥିଲେ, ତେବେ ସେ କ୍ରିମି ଲେୟରରେ ଆସୁଥିବାରୁ ତାଙ୍କୁ ଜାତିଗତ ବୈଧତାର ପ୍ରମାଣ ପତ୍ର ମିଳି ନଥିଲା । କାରଣ ସେ ପିଲାର ମା, ବାପା ଉଭୟେ ସରକାରୀ କର୍ମଚାରୀ ଥିଲେ ଏବଂ ସେମାନଙ୍କ ଆୟ ପ୍ରାୟ ୮ ଲକ୍ଷ ଠାରୁ ଅଧିକ । ଶେଷରେ କୋର୍ଟ ଚାକିରୀରେ ସଂରକ୍ଷଣ ବ୍ୟବସ୍ଥାକୁ ଲାଗୁ କରିବା ପାଇଁ ମନା କରିଦେଇଥିଲେ ।

ଏବେ ମୂଳ କଥା ହେଲା ଏହି ସଂରକ୍ଷଣ ବ୍ୟବସ୍ଥା ଆମ ଦେଶରେ କେତେଦିନ ଚାଲିବ ? ଲକ୍ଷଲକ୍ଷ ଉଚ୍ଚବର୍ଗର ମେଧାବି ଛାତ୍ର ଏହି ବ୍ୟବସ୍ଥା ପାଇଁ ବଳି ପଡୁଛନ୍ତି ଏବଂ ଚାକିରି ପାଇବାରେ ବିଫଳ ହେଉଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକେ ଗରିବ ଶ୍ରେଣୀର ହୋଇଥିବେ । ସରକାରଙ୍କୁ ଅନୁରୋଧ ଏହି କୋଟା ପ୍ରଥାକୁ ଉଠାଇ ମେରିଟକୁ ଅଗ୍ରାଧିକାର ଦିଅନ୍ତୁ। ଏହାଦ୍ୱାରା ସମସ୍ତଙ୍କୁ ନ୍ୟାୟ ମିଳିବ ଏବଂ ସୁପ୍ରିମ କୋଟଙ୍କ ମତକୁ ଯଥାଚିତ୍ ସମ୍ମାନ ଦେଇ କୋଟାକୁ ଉଠାଇ ଦିଅନ୍ତୁ ।

କବିତା କୋଣାର୍କ

## ମଉସୁମୀ ଆସ ଫେରି

### ଜୟନ୍ତ କୁମାର ମଲ୍ଲିକ୍

ନକରି ଜମାରୁ ଡେରି
ମଉସୁମୀ ଆସ ଫେରି -
ତୁମକୁ ସ୍ୱାଗତ କରିବୁ ସଭିଏଁ
ବଜାଇ ଖୁସିର ଭେରୀ।

ଆକାଶେ ମେଘକୁ ଧରି
ଆସ ତୁମେ ଅବତରି -
ତୁମ ପରଶରେ ଫଟା ମାଟିରେ ତ
ଶିହରଣ ଯିବ ଭରି।

ଶୁଣି ଘଡଘଡି ରଡ଼ି
ପଡ଼ିବନି ଭୟେ ଗଡ଼ି -
ନହେଲେ ଚଗଲା ପବନ ତୁମକୁ
ବହୁ ଦୂରେ ଦେବ ତଡ଼ି।

ସବୁଜ ହୋଇବ ଖେତ
ଉଡ଼ିବ ପ୍ରୀତିର ନେତ -
ମଉସୁମୀ ତୁମେ ହୋଇଲେ ସକ୍ରିୟ
ଆଶା ହେବେ ସମବେତ।

+ଶୂରଡିହ,ନନ୍ଦିପୁର,
ଦଶରଥପୁର,ଯାଜପୁର
ମୋ:୯୪୩୭୮୬୫୭୨୭

## ମନର ମାନସୀ ପାଇଁ

### ନୀଳମଣି ଚାନ୍ଦ

'ଭଲ ପାଏ' ବୋଲି ଏ କଥା ପଦକ
କହିଛ ଅନେକ ଥର
'ମୁଁ ତୁମ ମନର ମଣିଷ' ବୋଲିରେ
କହିବାକୁ କିଆଁ ଡର ।

ତୁମ କଥା ଲାଗେ ସବୁବେଳେ ନୂଆ
ନବପଲ୍ଲବର ପରି
ମନ ପାଦପରେ ଆଶାର କଳି ଯେ
ସତେ ଦେଇଥାଏ ଭରି
ତୁମ କଥାଟିରେ ସତେ ମହୁବୋଳା
ମୂଳଟି ନାଇଁରେ ଯାର ।

ତୁମ କଥା ଲାଗେ ବୀଣାର ଝଙ୍କାର
ଅବା ସିଏ ପିକ ତାନ
ସତେ କିବା ଜହ୍ନ ରାତିରେ ମୁଁ କରେ
ଜୋଛନା- ଅମୃତ ପାନ
ଗରବେ କହିବ ମନର ମାନସୀ
ପରି ପ୍ରିୟା ଅଛି କି କା'ର।

+ମନ୍ତ୍ରମାନୋର,ଗୋଠପାଟଣା
ଭୁବନେଶ୍ୱର
ମୋ:୯୫୮୩୨୦୨୩୫୬

## ମାତୃଭାଷା

### ଜଗନ୍ନାଥ ନାୟକ



ନିଜ ମାତୃଭାଷା ସବୁଠାରୁ ବଡ଼
ମାଆର ମମତା ପରି,
ତାହା ପାଇଁ ତୁମେ ବଡ଼ ହେବ ଦିନେ
ଅନ୍ତରେ ପାରିଲେ ଧରି ।

ଯେତେ ଭାଷା ଅଛି ସାରା ଜଗତରେ
ଶିଖିବାକୁ ମନା ନାହିଁ,
ନିଜ ଭାଷା ପରା ଆଗରେ ଆସୁଛି
ତାହା ପରି ମିଠା କାହିଁ ?

ଦେଶ ମାତୃକାର ସେବା କରିବାକୁ
ବଦଳାଅ ପରିଭାଷା,
ସବୁଠୁ ଆଗରେ ରଖିବାକୁ ହେବ
ମାତୃଭୂମି ମାତୃଭାଷା ।

ତେବେ ଯାଇ ତୁମେ ବୁଝି ତ ପାରିବ
ଦେଶପ୍ରେମେ କେତେ ଲାଭ,
ଦେଶ ବିକାଶରେ ତୁମର ଉନ୍ନତି
ଆପେ ଛାଡ଼ିଯିବ ଲୋଭ ।

ବିଜ୍ଞାନ ଓ ପ୍ରଯୁକ୍ତି ଆଗେଇ ଚାଲିବ
ପ୍ରତିଷ୍ଠା ହୋଇବ ଶାନ୍ତି,
ଉତ୍ତର ପିଢ଼ି ତ ଶିଖିବେ ସଂସ୍କୃତି
ମନରେ ନ ଥିବ ଭ୍ରାନ୍ତି ।

+ସରିଫ୍ ପୁର,ଭଦ୍ରକ
ମୋ :୯୯୩୭୯୨୨୬୨୫

# ମୋକ୍ଷପ୍ରାପ୍ତି



ସୌରଭ ପାଣିଗ୍ରାହୀ



ଖବରକାଗଜ ଓ ନ୍ୟୁଜ୍ ଚ୍ୟାନେଲ ଗୁଡ଼ିକ ମାଧ୍ୟମରେ ଜଣେ ଖ୍ୟାତିସମ୍ପନ୍ନ ବାବାଙ୍କ ଅପକର୍ମ ସମ୍ପର୍କିତ ଖବର ଗୋଟିଏ ଦିନ ମଧ୍ୟରେ ସହରଠାରୁ ଆରମ୍ଭ କରି ରାଜ୍ୟର କୋଣ-ଅନୁକୋଣରେ ବ୍ୟାପିଗଲା। କୁତ୍ସିତ କାର୍ଯ୍ୟରେ ଲିପ୍ତ ଥିବା ସେହି ବାବାଙ୍କୁ କାରାଗାର ମଧ୍ୟରେ ବନ୍ଦ କରିଦିଆଗଲା। ତାଙ୍କ ସହିତ ଆଉ ପାଞ୍ଚଜଣ ଶିଷ୍ୟଙ୍କୁ ମଧ୍ୟ ପୋଲିସ ଗିରଫ କଲା।

ସାଧାରଣତଃ ବାବାମାନଙ୍କ ପର୍ଦ୍ଦା ଆଢୁଆଳର ବୀଭତ୍ସ ତଥା ଘୃଣାସ୍ପଦ କାର୍ଯ୍ୟକଳାପ ଲୋକଲୋଚନକୁ ଆସିବା ପରେ ମଧ୍ୟ, ସେମାନଙ୍କର ଅନ୍ତରଙ୍ଗ ଶିଷ୍ୟ ଓ ବିଶ୍ୱସ୍ତ ଅନୁଗାମୀମାନେ ସେମାନଙ୍କୁ ନିଷ୍କଳଙ୍କ ଏବଂ ପୂଜନୀୟ ପ୍ରମାଣିତ କରିବା ପାଇଁ ପ୍ରାଣପଣେ ଉଦ୍ୟମ କରିଥାନ୍ତି। ମାତ୍ର ଏ କ୍ଷେତ୍ରରେ ବାବା ଓ ସେହି ପାଞ୍ଚ ଜଣଙ୍କ ବ୍ୟତୀତ ଅନ୍ୟ କୌଣସି ସହଚର ସଂଶ୍ଳିଷ୍ଟ ହୋଇନଥିବାରୁ ଏବଂ ସମସ୍ତ ଗୋପନୀୟ ତଥ୍ୟ ନିଃସନ୍ଦେହରେ ସତ୍ୟ ବୋଲି ପ୍ରତୀୟମାନ ହେଉଥିବାରୁ, ସେ ଉଦ୍ରିକ୍ତ ଜନସମାଜର ପ୍ରବଳ ଘୃଣା, ନିନ୍ଦା ଓ ଅପବାଦର ଶିକାର ହେଲେ।

ଏହି ସମସ୍ତ ଘଟଣାବଳୀ ଯୋଗୁଁ ଲୋକମାନେ କ୍ରୁଦ୍ଧିତ ହୋଇ ବାବାଙ୍କର କୁଶପୁତ୍ତଳିକା ତିଆରି କରି ସେଥିରେ ଚପଲ ମାଳ ପିନ୍ଧାଇ ସ୍ଥାନେ ସ୍ଥାନେ ଦାହ କରିବାକୁ ଲାଗିଲେ। ବାବାଙ୍କୁ କାରଗାରରୁ ଅଦାଲତକୁ ନିଆଯାଉଥିବା ବେଳେ ଅନ୍ୟ କିଛିଲୋକ ଜୋତା-ଚପଲ ଇତ୍ୟାଦି ତାଙ୍କ ପାର୍ଶ୍ୱକୁ ଫିଙ୍ଗି ଅଶାଳୀନ ଭାଷା ପ୍ରୟୋଗ କରି ପ୍ରଚଣ୍ଡ ଗାଳି ବର୍ଷଣ ମଧ୍ୟ କଲେ।

ଜନସମାଜଦ୍ୱାରା ଶାପଗ୍ରସ୍ତ ଏବଂ ଅପବାଦିତ ବାବା ଜେଲ୍ ମଧ୍ୟରେ ବସି ପ୍ରମାଦ ଗଣୁଥାନ୍ତି। ଠିକ୍ ଏହି ମୁହୂର୍ତ୍ତରେ ଜଣେ ବ୍ୟକ୍ତି ପୋଲିସର ସହାୟତା ନେଇ ତାଙ୍କ ସହ ସାକ୍ଷାତ କରିବା ଉଦ୍ଦେଶ୍ୟରେ ଆସିଲା। ବ୍ୟକ୍ତି ଜଣକ ବାବାଙ୍କ ଦର୍ଶନ କରିବା ମାତ୍ରେ ସ୍ମିତହାସ୍ୟ ପ୍ରକାଶ କରି ଆଭୂମ ପ୍ରଣାମ କଲା। ବ୍ୟକ୍ତିଟିର ଲମ୍ବା ଶ୍ମଶ୍ରୁ, ବେଢଙ୍ଗ ଓ ଅପରିଚ୍ଛନ୍ନ ପୋଷାକ ପରିଚ୍ଛଦ, ହାସ୍ୟାସ୍ପଦ ଆଚରଣ ଏବଂ ଅପ୍ରତ୍ୟାଶିତ ଆବିର୍ଭାବ ଯୋଗୁଁ ଉପସ୍ଥିତ ପୋଲିସ, ବାବା ଏବଂ ଅନ୍ୟ ବନ୍ଦୀମାନଙ୍କ ମନରେ ସଂଶୟ ଜାତ ହେଲା ଯେ ବ୍ୟକ୍ତିଟି ସମ୍ଭବତଃ ପାଗଳ।

ବ୍ୟକ୍ତିଟି ପ୍ରଣିପାତ କରିବା ସତ୍ତ୍ୱେ ବାବା ଜଣକ ସନ୍ଦେହ କଲେ ଯେ, ସେ ତାଙ୍କ ସମୀପକୁ ଆସିବାର ତାତ୍ପର୍ଯ୍ୟ ହେଲା ତାଙ୍କୁ ଅଶାଳୀନ ଭାଷା ବ୍ୟବହାର କରି ନିନ୍ଦା-ଅପବାଦ କରିବା। ତେଣୁ ସେ ଆକ୍ରୋଶିତ ହୋଇ କହିଲେ, 'ଏ ଦୁନିଆର ଆବାଳବୃଦ୍ଧବନିତାଙ୍କ ଦ୍ୱାରା ମୁଁ ଅଭିଶପ୍ତ ହେବାପରେ ତୁମେ ଏଠାକୁ ଆସିବାର ଅଭିପ୍ରାୟ କ'ଣ? ମାରିବାକୁ ଆସିଛ ନା ଗାଳି କରିବାକୁ?' ଏହି ପ୍ରଶ୍ନଦ୍ୱୟ ସେ ସ୍ଥିରମନସ୍କ ହୋଇ ଶୁଣିଲା, ତଥାପି ତା' ମୁଖମଣ୍ଡଳରେ ପୁନଃ ଉଦ୍ଭାସିତ ହୋଇଉଠିଲା ଆନନ୍ଦର ଉଜ୍ଜ୍ୱଳତା।

ସେ ପ୍ରତ୍ୟୁତ୍ତର ଦେଲା, 'ମହାଶୟ, ମୁଁ ଜଣେ ଭୟଙ୍କର ଗୁଣ୍ଡା ଏବଂ ଅନାଥ। ମୋ ଶିରା-ପ୍ରଶିରାରେ ଝଡ଼ତୋଫାନ ଭଳି ନୃଶଂସତା ଏବଂ ନିର୍ଦ୍ଦୟତାର ରକ୍ତ ତୀବ୍ର ଗତିରେ ପ୍ରବାହିତ ହୋଇଆସୁଛି; କାରଣ ପିଲାଟି ଦିନରୁ ମୁଁ କେବଳ ମାରପିଟ୍, ଲୁଟ୍ ଓ ଗୁଣ୍ଡାଗିରି ହିଁ ଶିଖିଆସିଛି। ଦୈବାତ୍ ଦିନେ ମୁଁ ମୋ ମାଲିକଙ୍କଦ୍ୱାରା ନିର୍ଦ୍ଦେଶିତ ହେଲି, ଆପଣଙ୍କ ପ୍ରବଚନ ଶୁଣୁଥିବା ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କ ସମ୍ବନ୍ଧରେ ବିସ୍ତୃତ ତଥ୍ୟ ସଂଗ୍ରହ କରିବା ପାଇଁ। ପ୍ରଦତ୍ତ ସେହି ଭାରାକ୍ରାନ୍ତ କାର୍ଯ୍ୟର ସମ୍ପାଦନ ନିମିତ୍ତ, ପ୍ରତ୍ୟହ ଆପଣଙ୍କ ପ୍ରବଚନ ସ୍ଥଳକୁ ଯାଇ ସମବେତ ଭକ୍ତମଣ୍ଡଳୀଙ୍କ ସହ ଯୋଗଦେବାକୁ ପଡ଼ିଲା।

ପୂଜାସ୍ପଦ ମହାଶୟ, ମୋର ସମଗ୍ର ହୃଦୟ ଅଜ୍ଞାନ ରୂପକ ଅଳନ୍ଧୁରେ ଆଚ୍ଛାଦିତ ହୋଇଯାଇଥିଲା। ସୌଭାଗ୍ୟବଶତଃ ଆପଣଙ୍କ ଦିବ୍ୟବାଣୀ ଯୋଗୁଁ ମୋ ମଧ୍ୟରେ ବ୍ରହ୍ମଚେତନାର ସ୍ଫୁରଣ ଘଟିଲା। ଯାହାଦ୍ୱାରା ମୋ ମଧ୍ୟରେ ଅନ୍ତର୍ନିହିତ ସେହି ଅଦୃଶ୍ୟ ଗୁଣ୍ଡାଟିର ବିନାଶ ଘଟିଲା ଏବଂ ଆବିର୍ଭାବ ହେଲା ଆଧ୍ୟାତ୍ମିକତା ଏବଂ ଐଶ୍ୱରିକତାରେ ପରିପୂର୍ଣ୍ଣ ଏକ ନୂତନ ଜୀବନର ସତ୍ତା। ପୂର୍ବରୁ ମୁଁ ଜଣେ ଦାନବ ଥିଲି, ମାତ୍ର ବର୍ତ୍ତମାନ ମୁଁ ମାନବରେ ପରିଣତ ହୋଇପାରିଛି। ତେଣୁ ମୁଁ ସଂପୂର୍ଣ୍ଣ ପ୍ରସ୍ତୁତ ହୋଇ ଚାଲିଯାଉଛି ହିମାଳୟର ଉନ୍ମୁକ୍ତ କ୍ରୋଡ଼କୁ, ଯେଉଁଠାରେ ସର୍ବଦା ତପସ୍ୟାରତ ରହି ମାନବ ଜୀବନକୁ ସାର୍ଥକ କରିବି।'

ନିଜର ଭାବ ବ୍ୟକ୍ତ କରିବା ପରେ, ବାବାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ନିମନ୍ତେ ବ୍ୟକ୍ତିଟି ପୁନର୍ବାର ଭୂମିଷ୍ଠ ପ୍ରଣାମ କରିବା ପାଇଁ ଉଦ୍ୟତ ହୁଅନ୍ତେ ବାବା କହିଲେ, 'ତୁମେ ମୋତେ ପ୍ରଣାମ କରୁଛ କାହିଁକି? ସମଗ୍ର ସମାଜ ମୋ ଉପରେ ଛେପ ପକାଉଛି ମୋ ପାପକାର୍ଯ୍ୟ ପାଇଁ।' ବ୍ୟକ୍ତିଟି ଉତ୍ତର ଦେଲା, 'ଏ ଦୁନିଆ ପାଇଁ ଆପଣ ଜଣେ ପାପୀ ହୋଇପାରନ୍ତି, ମାତ୍ର ମୋ ପାଇଁ ଜଣେ ପ୍ରଜ୍ଞାଶୀଳ ଗୁରୁ। ଆପଣଙ୍କ ପାଇଁ ହିଁ ମୁଁ ମୁକ୍ତିର ମାର୍ଗ ଅନୁସନ୍ଧାନ କରିପାରିଲି। ମାନବ ଓ ଦାନବ ମଧ୍ୟରେ ଥିବା ବିଷମତାକୁ ପରଖି ପାରିଲି। ଦିବ୍ୟଜ୍ଞାନ ପାଇପାରିଲି। ଆପଣଙ୍କ ଋଣ ମୁଁ ଜନ୍ମ-ଜନ୍ମାନ୍ତର ପର୍ଯ୍ୟନ୍ତ ସୁଝିପାରିବି ନାହିଁ।'

ଏତିକି କହି ସେ ପ୍ରଣାମ କଲା। ବିଦାୟ ନେବା ପୂର୍ବରୁ ବାବାଙ୍କ ସମ୍ମୁଖରେ ଶେଷ ପଦକ କଥା ରଖିଲା, 'ସାଗର ବକ୍ଷରେ କ୍ଷୁଦ୍ର ଟେକାଟିଏ ପଡ଼ିଲେ ସୃଷ୍ଟି ହେଉଥିବା ଜଳତରଙ୍ଗ ସଦୃଶ, ମୋ ଭାବନାର ଶୂନ୍ୟାକାଶରେ, ଶ୍ରୋତାମାନଙ୍କ ସାମ୍ନାରେ ଆପଣଙ୍କଦ୍ୱାରା ଉଚ୍ଚାରିତ ହୋଇଥିବା ଶ୍ଳୋକଟିଏ ବାରବାର ପ୍ରତିଧ୍ୱନିତ ହେଉଅଛି;

ଯାଦୃଶଂ କୁରୁତେ କର୍ମ
ତାଦୃଶଂ ଫଳମାପ୍ନୁୟାତ୍ ।
ଅବଶ୍ୟମେବ ଭୋକ୍ତବ୍ୟଂ
କୃତଂ କର୍ମ ଶୁଭାଶୁଭମ୍।

ଏତିକି କହିବା ପରେ ସେ ମୋକ୍ଷପ୍ରାପ୍ତିର ପଥରେ ଅଗ୍ରସର ହେଲା।

ପରିଶେଷରେ ବ୍ୟକ୍ତିଟିର କଥା ଶୁଣି ବାବା କାଷ୍ଠ ପିତୁଳା ପରି ନିଷ୍କଳ ହୋଇଗଲେ। ତାଙ୍କ ଭିତରେ ଅନ୍ତର୍ନିହିତ ଜ୍ଞାନର ଦେବତା ତାଙ୍କୁ କହିଲା, 'ତୁ ସମଗ୍ର ଦିବ୍ୟଜ୍ଞାନ ପାନ କରିବା ସତ୍ତ୍ୱେ ତୋର କିଞ୍ଚିତ୍ ମୋହମାୟା ଯୋଗୁଁ ଏକ ବୃହତ୍କାୟ ଦାନବ ତୋ ମଧ୍ୟରେ ସୃଷ୍ଟି ହେଲା। ସେହି ଦାନବ ନିଜ ମାୟାଶକ୍ତିରେ ମୋତେ ପରାସ୍ତ କରିଦେଲା; ମାତ୍ର ଉକ୍ତ ଗୁଣ୍ଡାଟି କେବଳ ଦୁଇ-ତିନି ମାସ ପ୍ରବଚନ ଶୁଣି ମହାନ ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିଲା !"

+ବାଲିଯୋରୀ, ବରଗଡ଼
ମୋ: ୯୭୭୮୦୭୭୫୫୧


# ସହରୀ ଟୋକା

ତ୍ରିନାଥ ନନ୍ଦୀ

ଦ୍ୱିପହରିଆ ଖରାରେ ସେଦିନ ମାଟିକୁ ଅଗ୍ନି ସବୁ ଯେମିତି ସମ୍ପର୍କର ସେତୁ ନିର୍ମାଣ କରିଦେଇଛି। ଗାଁର ପୋଖରୀ ପାଖରେ ଥିବା ବଡ଼ ବଟଗଛ ତଳେ କେତେଜଣ ଲାଲ୍ ପାଟ ଶାଢ଼ୀ ପିନ୍ଧି ଓଢଣି ଟାଣି ଗପସପ ହେଉଥାନ୍ତି । ଆଉ କିଛି ଜଣ ବିବାହିତ ନାରୀ ସେଇ ବରଗଛ ମୂଳକୁ ଆଉଜି ରହି, ଧୂପର ଗନ୍ଧ, ଆମ୍ବ ନଡ଼ିଆ କଦଳୀର ସୁଗନ୍ଧ ଓ ଶଙ୍ଖଧ୍ୱନିରେ ସାରା ପରିବେଶକୁ ଏକରକମର ପବିତ୍ରତାରେ ଭରିଦେଇଥିଲେ । ହାତରେ ପୂଜା ଥାଳି ଥିଲା, କିନ୍ତୁ ମନରେ କେତେ ଗୁଡିଏ କେଁ। ଆଖିର ପତା ଏତେ ମାତ୍ରାରେ ତିବ୍ର ଯେ ଘଣ୍ଟାଏ ହେଲାଣି ଆଖି ଆଗରୁ ଗାଁ ରାସ୍ତାର ନଜର ହଟିନାହି। ଯେପରି ସେ କାହାରି ଅପେକ୍ଷା କରିଛି । ହଁ, ସେ ଅପେକ୍ଷା କରୁଥିବ । ସତ୍ୟବାନ ଛଡ଼ା ଆଉ କିଏ ।

ଅର୍ଣ୍ଣବ ଏହି ଗାଁର ପୁଅ ନୁହେଁ, ବୋଧ ହୁଏ ଜ୍ୱାଇଁ । କଥାରେ ଥିଲା ଗଭୀରତା, ଚକ୍ଷୁରେ ଥିଲା ଶାନ୍ତ ସମୁଦ୍ର ପରି ସ୍ୱଚ୍ଛତା । ସେଦିନ ବର୍ଷା ପଡୁଥିଲା । ଛତା ବିନା ଭିଜୁଥିବା ପୁରୁଷକୁ ଦେଖି କିଏ ଜଣେ ନିଜ ଛତାଟା ଆଗକୁ ବଢ଼ାଇବ ଏକଥା ଥିଲା ଏକ ଅବିଶ୍ୱସନୀୟ ଘଟଣା । ସମ୍ପର୍କର ଆରମ୍ଭ । ଖାଲି ଚଞ୍ଚଳତା । ଏକ ପବିତ୍ର ନିଶ୍ଚୟ ବୋଧର ଆଶା । ଯୋଡା ମନ ଧୀରେ ଧୀରେ ଏକାପରକୁ ବିଶ୍ୱାସ କରିବା ଶିଖୁଥିଲେ ।

ସହରୀଆ ପୁଅମାନଙ୍କୁ ଭରସା କରିହେବ ନାହିଁ । ଭବିଷ୍ୟତ ନଷ୍ଟ । ସବୁ ଶୁଣି ମଧ୍ୟ ନିରବ। ସେ ଚକ୍ଷୁରେ କେବେ ମିଥ୍ୟା ଦେଖାଯାଇ ନାହିଁ । ସେଦିନ ସନ୍ଧ୍ୟାବେଳେ ନଦୀପଠାରେ ବସିଛି କିଏ ଜଣେ ... ? ବିସ୍ମୟ! ହଠାତ୍ କହିଲେ, "ମୁଁ ତୁମକୁ ଭଲପାଏ ! ମୁଁ ଚାହେଁ ତୁମକୁ ସାରାଜୀବନ ସମ୍ମାନ ଦେବାକୁ।" ସେହି ଶବ୍ଦ କେତେ ଖଣ୍ଡ ମନରେ ଏମିତି ଗଭୀର ଛାପ



ଛାଡ଼ିଥିଲା ଯେ, ସେ ରାତି ସେ ଘୁମେଇ ପାରିନଥିଲା।

ଦିନ ପରେ ଦିନ କଟୁଥାଏ। ସେହି ସାକ୍ଷାତରେ କୌଣସି ଅତିରିକ୍ତ ଆଡ଼ମ୍ବର ନଥିଲା। କେବେ ନଦୀପାରେ ବସି ଆକାଶ ଦେଖୁଥିଲେ, କେବେ ଗାଁର ପଥରେ ଚାଲିବା ସମୟରେ ନିରବ ହସକୁ ଭାଗ କରୁଥିଲେ। ପ୍ରିୟତମା ପାଇଁ ଯେ ପ୍ରୀତିର ଅର୍ଥ ସବୁବେଳେ ହାତ ଧରି ଚାଲିବା ତାହା କାଇଁ ଠିକ୍ ଠାକ୍ ନୁହେଁ; କେବେ କେବେ ଏକାପରର ନିରବତାକୁ ବୁଝିବା ମଧ୍ୟ ପ୍ରେମ ।

ଘରେ ବିବାହ କଥା ! ଆରମ୍ଭ ହେଲା । ତାର ବାପା ଏକାନ୍ତ ଚିନ୍ତାଧାରା ସେ ଜଣେ ଖ୍ୟାତି ସମ୍ପନ୍ନ ପରିବାରରେ ବିବାହ କରୁ । କିଛି ଶବ୍ଦର ତରଙ୍ଗରେ ବାପାଙ୍କର ହଠାତ୍ ବହୁତ ରାଗିଗଲେ। "ଜଣେ ମାଷ୍ଟର କେତେ ଦିନ ତୁମକୁ ସୁଖ ଦେଇପାରିବ ?" ସତରେ .... ସୁଖ କ'ଣ କେବଳ ଧନରେ ମିଳେ ? ଯେଉଁ ମଣିଷ ମନକୁ ସମ୍ମାନ ଦେଇପାରେ, ତାଠାରୁ ବଡ଼ ଧନ କଣ ଅଛି ? ସାହାନାଇର ଶବ୍ଦରେ ହଠାତ୍ ସବୁ ଚଳଚଞ୍ଚଳ ଓ ଅସ୍ଥିର।

ଅର୍ଣ୍ଣବଙ୍କ ମା' ଅସୁସ୍ଥ । ତାଙ୍କୁ ସହରକୁ ନେଇଯିବାକୁ ହବ । ସନ୍ଧ୍ୟାର ଅନ୍ଧକାର ଯେମିତି ଆକାଶରୁ ମାଡ଼ି ଆସୁଥିଲା । ବଟଗଛ ତଳେ ବାସ୍ ଏତିକି କଥା , "ମୁଁ ଫେରିଆସିବି। ତୁମକୁ ଛାଡ଼ି ମୋ ଜୀବନ ଅଧୂରା।" ଅନନ୍ୟା ନିରବ । ନିଜ ହାତରୁ ଲାଲ୍ ସୂତା ଖୋଲି ତାଙ୍କ ହାତରେ ବାନ୍ଧିଦେଇଥିଲା, କାଇଁ କେଜାଣି ଏଇ ସମୟରେ ଆଖି ଭିଜିଯାଇଥିଲା ।

ଅର୍ଣ୍ଣବଙ୍କ ଚିଠି । ସହରର ଭିଡ଼, ହସ୍ପିଟାଲର ଗନ୍ଧ, ମା'ର ଅସୁସ୍ଥତା ଓ ଅନନ୍ୟାକୁ ନେଇ ତାଙ୍କ ଚିନ୍ତା ଅନେକ ଚିନ୍ତା । ପ୍ରତ୍ୟେକ ସପ୍ତାହର ଚିଠିକୁ ନିଜ ଆଲମାରିରେ ସଂଗ୍ରହ କରି ରଖିବାଟା ଗୋଟାଏ ଅଭ୍ୟାସ । ଚିଠି ପଢ଼ିବା ସମୟରେ ଅନୁପସ୍ଥିତିର ସ୍ୱର ଶୁଣିପାରୁଥିଲା । କିନ୍ତୁ ଧୀରେ ଧୀରେ ଚିଠିର ଆସିବା କମିଗଲା । ଦିନେ ଚିଠି ସମ୍ପୂର୍ଣ୍ଣ ବନ୍ଦ, ଭୟ ଜନ୍ମନେଲା।

ସାବିତ୍ରୀ ବ୍ରତ, ପ୍ରଥମଥର ପାଇଁ ପ୍ରଥମ ନିଷ୍ପତ୍ତି । ଆଶ୍ଚର୍ଯ୍ୟ କିଏ ଜଣେ ବେଶ୍ କୈତୁହଳ ହୋଇ ପଚାରିଲେ, "ଏଯାଏଁ ବିବାହ ହୋଇନି, ତୁ ସାବିତ୍ରୀ ବ୍ରତ କାହିଁକି କରୁଛୁ ?", "ସବୁ ସମ୍ପର୍କ ସିନ୍ଦୂରରେ ନୁହେଁ , କେତେକ ସମ୍ପର୍କ ଆତ୍ମାରେ ଗଢ଼ିଉଠେ ।"

ସକାଳୁଠାରୁ ଉପବାସ । ବଟଗଛ ପାଖରେ ଦୀପ ଜଳାଇ ସାବିତ୍ରୀ ସତ୍ୟବାନ କଥା ଶୁଣିବା ଗୋଟିଏ ସିନେମା ପରି ଲାଗେ ଏ ନବ ପଢିଙ୍କୁ । ସତ୍ୟବାନଙ୍କ ପାଇଁ ସାବିତ୍ରୀଙ୍କ ଅଦମ୍ୟ ସଂଘର୍ଷ ତାର ମନକୁ ଗଭୀର ଭାବରେ ଛୁଇଁଯାଉଥିଲା । ଯଦି ପ୍ରେମ ସତ୍ୟ ହୁଏ, ତେବେ ସେ କେବଳ ମିଳନରେ ନୁହେଁ, ଅପେକ୍ଷାରେ ମଧ୍ୟ ବଞ୍ଚିପାରେ । ବ୍ରତ ଭାଙ୍ଗିବା ପୂର୍ବରୁ ପ୍ରଥମ ପୁଲକର ପ୍ରାର୍ଥନା "ସେ ଯେଉଁଠି ଥାଉ, ସୁସ୍ଥ ଥାଉ ।"

ଖବର କାଗଜର ପ୍ରଥମ ପୃଷ୍ଠାରେ ସହରର ମୁଖ୍ୟ ରାସ୍ତାରେ ଏକ ଶିରିଜ ଦୁର୍ଘଟଣାରେ ଗୁରୁତର ଆହତ । ହସ୍ପିଟାଲରେ ସେମାନେ ଜୀବନ ସହ ଲଢୁଛନ୍ତି । ହସ୍ପିଟାଲର ଆଇସିୟୁରେ, ଔଷଧର ଗନ୍ଧ ଓ ଯନ୍ତ୍ରର ଶବ୍ଦ ମଧ୍ୟରେ ଶୋଇଥିବା ଅର୍ଣ୍ଣବଙ୍କୁ ଦେଖି ସେ ଭାଙ୍ଗିପଡ଼ିଲା। ମୁହଁ ଫିକା ପଡ଼ିଯାଇଥିଲା, ହାତରେ ସେହି ଲାଲ୍ ସୂତା ଏବେ ମଧ୍ୟ ଦୃଶ୍ୟମାନ ।

ଡାକ୍ତର କହିଥିଲେ ପରିସ୍ଥିତି ଗୁରୁତର। ଆଗାମୀ ଚବିଶ ଘଣ୍ଟା ବହୁତ ଜରୁରୀ । ସାରା ରାତି ଜାଗିବସିଛି । ଅର୍ଣ୍ଣବଙ୍କ ହାତ ଧରି କହୁଛି , "ତୁମେ ଫେରିଆସ। ଆମ କଥା ଏଯାଏଁ ଶେଷ ହୋଇନି ।"

ନିରବତା ଭିତରେ କ'ଣ ଗୋଟିଏ ଶବ୍ଦ ହେଲା । ଡାକ୍ତରମାନେ ଦୌଡ଼ିଆସିଲେ । ଧୀରେ ଧୀରେ ତାଙ୍କ ଆଖି ଖୋଲିଲା । ଶବ୍ଦ ହୀନ ପରିବେଶ ମଧ୍ୟରେ ଆଖି କୋଣରେ ଲୁହ ଜମିଗଲା। ମୃଦୁ ସ୍ୱରରେ ଅର୍ଣ୍ଣବର ଓଠ ତରଙ୍ଗାୟିତ ହେଲା, "ତୁମେ ଆସିବ ବୋଲି ମୁଁ ଜାଣିଥିଲି ହେଲେ...।"

ସୁସ୍ଥ ହେବାକୁ ଅନେକ ମାସ ଲାଗିଗଲା। ସେହି ସମୟରେ ଅନନ୍ୟା ତାଙ୍କ ପାଖରେ ରହିଥିଲା। ଡାକ୍ତରଙ୍କର ପରାମର୍ଶ 'ଔଷଧ ଠିକ୍ ସମୟରେ ଖାଇବ', କିଏ ଜଣେ ସୁମଧୁର କଣ୍ଠରେ କବିତା ..... ନାଁ ନାଁ କିଛି ନଥିଲା ! କୌଣସି ରୋମାଣ୍ଟିକ କଥା.... ନଥିଲା ! ଥିଲା କେବଳ ଜୀବନକୁ ଏକାଠି ଧରିରଖିବାର ଚେଷ୍ଟା ।

ଆକାଶରେ ଅସ୍ତମିତ ସୂର୍ଯ୍ୟର ଲାଲିମା ବିଛେଇ ଯାଇଥିଲା । ହାଲୁକା ପବନ ବହୁଥିଲା । ଅର୍ଣ୍ଣବ ଅନନ୍ୟାଙ୍କ ହାତ ଧରି କହିଲେ, "ଜୀବନରେ ଯେତେ ଝଡ଼ ଆସୁ, ତୁମେ ମୋ ପାଖରେ ଅଛ ପରା " ଅନନ୍ୟା ଆକାଶକୁ ଚାହିଁ ହସିଦେଲା । "ସାବିତ୍ରୀ ଯେପରି ସତ୍ୟବାନଙ୍କୁ ଛାଡ଼ିନଥିଲେ, ସେପରି ମୁଁ ମଧ୍ୟ ତୁମକୁ କେବେ ଛାଡ଼ିବି ..... ନାଁ କେବେ ନାହିଁ " ।

ଆଜି ସନ୍ଧ୍ୟାର କେତେଖଣ୍ଡ ଆଲୋକ ବତୀର ଦୁଇଟି ଛାୟା ନଦୀଜଳରେ ଲମ୍ବା ହୋଇପଡ଼ିଥିଲା । ସମୟ ଯେପରି ସେଠାରେ ଅଟକିଯାଇଥିଲା ରାତିକ ପାଇଁ । ଶବ୍ଦ ବାହାନାରେ ସମସ୍ତେ ଟାଣି ହୋଇ ଆସୁଥାନ୍ତି ବରଗଛ ପାଖ ପଡ଼ିଆରେ ଥିବା ଅଦିନିଆ ତମ୍ବୁ ନିକଟକୁ । ହେଲେ ଏତେ ରାତିରେ ସଭିଙ୍କ ମଧ୍ୟରେ ଏତେ ଅସ୍ତବ୍ୟସ୍ତ, ଚଞ୍ଚଳତା.... କାହିଁକି ? ସେ ଦିନ ଥିଲା ଜ୍ୱାଇଁର ଅନନ୍ୟ ସହିତ ବାହାଘର !

+ ଜଳେଶ୍ୱର ବାଲେଶ୍ୱର
ମୋ- ୮୧୧୮୦୪୦୩୯୦

# ମାଟି

ସତ୍ୟନାରାୟଣ ପ୍ରଧାନ

ସଦାଶିବ ବାବୁ ରାତି ପାହିଲେ ପ୍ରାତଃ ଭ୍ରମଣ କରିବାକୁ ମୋଟେ ଭୁଲନ୍ତି ନାହିଁ । ସରକାରୀ ଚାକିରୀରୁ ଅବସର ନେବା ପରେ ବାକି ଜୀବନ ସୁସ୍ଥ ଆଉ ନିରାମୟ ରଖିବାକୁ ବେଶି ଧ୍ୟାନ ଦେଉଥାନ୍ତି । ସେ ଚାକିରୀରେ ଥିଲା ବେଳେ ଗାଆଁକୁ ଛୁଟି ପାଇଲେ ବୁଲିବା ଆସିବାର ସୁଯୋଗକୁ ମୋଟେ ହାତ ଛଡା କରୁ ନ ଥିଲେ । ସେ ଭାରି ସରଳ ଆଉ ସାଧାସିଧା ମଣିଷ ଛନ୍ଦ କପଟ ମୋହ ମାୟା ତାଙ୍କୁ କେବେ ବିଚଳିତ କରି ପାରିନାହିଁ ।

ପିଲାଛୁଆ ବଡ଼ ହେବା ପରେ ଆଉ ଗାଁକୁ ଯିବା ପାଇଁ ମୋଟେ ରାଜି ହେଲେ ନାହିଁ । କିଛି ଉପାୟ ନ ପାଇ ଶେଷରେ ଜାଗା ବାଡ଼ି କିଣି ଘର କରିବାକୁ ପଡିଲା। ଆଗରୁ ଗାଁରେ ବାପା ମାଆ ବଞ୍ଚିଥିଲା ବେଳେ ମନଟା ମାସରେ ଥରେ ଦେଖା ଶୁଣା କରିବାକୁ ଭାରି ବ୍ୟାକୁଳ ହେଉଥିଲା। ଏବେ ଭାଇମାନେ ନିଜ ଘର ସଂସାର ପିଲାଛୁଆରେ ବ୍ୟସ୍ତ ଆଉ ସେ ସ୍ନେହ ସରାଗ ଖୋଜିଲେ ମିଳିବ ବା କେଉଁଠୁ ।

ରଜ ଅଷ୍ଟମୀ ପୁନେଇଁ ପରବ ହେଲେ ଯେତେ ହେଲେ ବି ମନଟା ଗାଁ ଘର ଭାଇ ବନ୍ଧୁ ସାଙ୍ଗସାଥୀଙ୍କୁ ଦେଖା କରିବାକୁ ଧାଇଁ ଯାଉଥିଲା । ଆଧୁନିକ ସମାଜରେ ବଢ଼ି ସହରିଆ ଢାଞ୍ଚାରେ ଅନୁପ୍ରାଣିତ ହେବା ତାଙ୍କ ପିଲାମାନଙ୍କର ସିଷ୍ଟମ ଧୀରେ ଧୀରେ ବଦଳି ଯାଇଥିଲା। ଯାହାକୁ ରୋକିବା ପାଇଁ ତାଙ୍କ ପାଖରେ ସମ୍ଭବ ନ ଥିଲା । ପିଲାମାନେ ବାହା ସାହା ହୋଇ ଘର ସଂସାର କଲେ। ତାଙ୍କୁ ଆଉ କୌଣସି କାର୍ଯ୍ୟରେ ହସ୍ତକ୍ଷେପ ନ କରି ଆରାମ ଖାଇ ପିଇ ବିଶ୍ରାମ କରିବାକୁ ଜଣାଇ ଦେଲେ । ପ୍ରତି ମାସରେ ସେ ପାଉଥିବା ପେନସନ ଟଙ୍କାକୁ ନିଜ ପାଇଁ ହାତଖର୍ଚ୍ଚ ରଖି ପୁଅ ବୋହୂଙ୍କ ହାତରେ ଧରାଇ ଦେଉଥିଲେ।



ଅନେକ ଦିନ ପରେ ଉପର ବେଳା ଟିଭି ଦେଖିବା ଲାଗି ସେ ବସି ପଡିଲେ । ଆମ ସଂସ୍କୃତି ଓ ପରମ୍ପରାକୁ ଆଧାର କରି ଓଡ଼ିଆ ଚଳଚ୍ଚିତ୍ର ଦେଖିବା ଭିତରେ ସେଇ ଝାଟି ମାଟିର ଘର ବିଲ ବଣ ପାହାଡ଼ ଭରା ସବୁଜ ପରିବେଶ ଟିକି ଝରଣା ସାଙ୍ଗକୁ ନଈ କୂଳ ଆମ୍ବ ତୋଟା ଶଗଡ଼ ଗାଡି ଧାନ କିଆରୀ ଗୋବରରେ ଲିପା ହୋଇଥିବା ଘର ଅଗଣା ଦାଣ୍ଡ ଦୁଆର ଭାଇ ଭାଇ ମଧ୍ୟରେ ଅନାବିଳ ଆନ୍ତରିକତା ପରିବାର ହସିଲା ପୁରିଲା ହୋଇ ଯିବା କଥା ବେଶ ମନଛୁଆଁ ହୋଇ ପଡିଥିଲା।

ସେ ଟିଭି ଦେଖିବା ପରେ ସନ୍ଧ୍ୟାରେ ଟିକେ ବୁଲିବା ପାଇଁ ବାହାରି ପଡିଲେ । ପିଲାଦିନ ସ୍ମୃତି ଗୁଡାକ ପୁଣି ଚଳ ଚଞ୍ଚଳ ହୋଇଗଲା ପରି ହୃଦବୋଧ କରୁଥିଲା । ଗାଁ ଘର ଅଗଣାରେ ବିଭିନ୍ନ ପ୍ରକାର ଫୁଲଗଛ ସାଙ୍ଗକୁ ଚାରିପାଖେ ବୁଜା ହୋଇଥିବା ବାଡ଼ ଜଣାଇ ଦେଉଥିଲା ଏଇ ଆମ ଛୋଟ ସଂସାର କରିବା ତାହାକୁ ସୁନ୍ଦର ।

ସେ ରାସ୍ତା କଡରେ ବିକ୍ରି ହେଉଥିବା ଫୁଲଗଛ ଦେଖି କିଣିବା ପାଇଁ ଠିଆ ହୋଇ ପଡିଲେ । ନିଜ ମନ ପସନ୍ଦର ଗୁଡ଼ାଏ ଗଛ ସହିତ କୁଣ୍ଡ ବି କିଣିଲେ । ଦୋକାନୀ ଠାରୁ ତାର ଦାମ୍ ଜାଣି ସେ ପୁରା ଆଶ୍ଚର୍ଯ୍ୟ ହୋଇଗଲେ । ଫୁଲଗଛ କୁଣ୍ଡର ଦାମ୍ ସହିତ ଲଗାଇବା ପାଇଁ ମାଟିର ମୂଲ୍ୟ ମଧ୍ୟ ତା ସହିତ ଯୋଡ଼ା ହୋଇଥିଲା। ଯାହା ସେ ପିଲାଦିନେ କେତେ ଧୂଳି ବାଲିର ଘର କରି ଖେଳ ଖେଳିଛି । କେତେ ମାଟିରେ ନିଜ ହାତଗଢା ଠାକୁର ଘୋଡା ଟିଭି ରେଡ଼ିଓ ତିଆରି କରିଛି ଯାହାର ହିସାବ ନାହିଁ । ଖରାଦିନ ଛୁଟିରେ ସାଙ୍ଗ ମାନଙ୍କ ସହିତ କେତେ ଆକାଶକୁ ମାଟି ଢେଲା ଫୋପାଡ଼ିଛି ତାର ହିସାବ ନାହିଁ ।

ଆଜି ପୁଣି ସେଇ ମାଟି ତାକୁ କିଣିବାକୁ ପଡିବା କଥା ଭାବିଲା ବେଳକୁ ଆଖି ତାର ଲୁହରେ ଛଳ ଛଳ ହୋଇ ଯାଇଥିଲା । ଆଜି ପୁଣି ତାର ମୂଲ ଦେବାକୁ ପଡିବ ଏତ ସହର କଳାରୁ ଧଳା ହେବା ଲାଗି ବେଶୀ ସମୟ ଲାଗୁନାହିଁ । ମାଟି ମାଆକୁ ହାତରେ ଧରି ଆଉ ପୁଣି ହରାଇବା ଲାଗି ଛାତି ତଳେ ଲୁଚି ରହିଥିବା ବିବେକଟା ମନା କରୁଥିଲା । ସବୁ କିଣିବା ପରେ ତାହାର ଉଚିତ ପାଉଣା ଧରାଇ ସିଧା ଘରକୁ ଫେରି ଆସିଲେ ।

ଏତେ ଦିନ ପରେ ନିଜ ହାତରେ ସେଇ ମାଟିକୁ ଫୁଲ କୁଣ୍ଡରେ ରଖି ଗଛ ଗୁଡାକୁ ଲଗାଇ ପାଣି ଦେବେ ବୋଲି ବାଟସାରା ଭାବି କେତେବେଳେ ଘରେ ପହଞ୍ଚି ଗଲେ ମୋଟେ ଜଣା ପଡି ନ ଥିଲା । ଘରେ ପୁଅ ଝିଅ ଏ ସବୁ ତାଙ୍କ ହାତରେ ଦେଖି ରାଗରେ ଜଳିଗଲେ । ବଜାରରେ ପ୍ଲାଷ୍ଟିକ ଗଛ ଘର ସଜାଇବା ପାଇଁ ତ ମିଳି ଯାଉଛି ଅସଲି ଗଛ ଲଗାଇ ତାକୁ ପାଣି ଦେଇ ଏତେ ଯାତ୍ରା କରିବା କିଛି ଦରକାର ନ ଥିଲା । ବାହାରେ କେଉଁଠି ଲଗାଇ ଦିଅ ବୋଲି ତାଙ୍କୁ ଶୁଣିବାକୁ ପଡିଥିଲା ।

ଏତେ ଶ୍ରଦ୍ଧାରେ କିଣି ଆଣିଥିବା ଗଛ ଗୁଡାକୁ ସେ ଫୋପାଡ଼ି ଦେବା କଥା ଭାବିଲା ବେଳକୁ ଛାତି ଭିତରଟା ଦୋହଲି ଯାଇଥିଲା । ସେ ଘରେ ଅଶାନ୍ତିର ବାତାବରଣ ନ ଘଟୁ ବୋଲି ଚିନ୍ତା କଲେ । ଘର ପାଖକୁ ଲାଗି ରାସ୍ତା କଡରେ ସେ ଆଣିଥିବା ଗଛ ଗୁଡାକୁ ଲଗାଇ ଦେଇଥିଲେ । ପ୍ରତିଦିନ ତାଙ୍କର ନିଜ କାମ ଥାଉ ଅବା ନ ଥାଉ ତା ମୂଳରେ ପାଣି ଦେବାକୁ ମୋଟେ ଭୁଲି ନ ଥିଲେ ।

ସେ ସହରୀ ମନରେ କିପରି ଚଳିବାକୁ ହୁଏ ହୃଦୟଙ୍ଗମ କରି ସାରିଥିଲେ । ସବୁଦିନ ଗଛରେ ପାଣି ଦେବା ଭିତରେ ଗୋଟେ ମାଆଟିଏ ପରି ମାଟିର ମୋହରେ ସେ ପଡି ଯାଇଥିଲେ । ଜୀବନରେ ବଞ୍ଚିଥିବା ଯାଏ ଗଛ ମାନଙ୍କର ଯତ୍ନ ନେବାରେ ମାଟି ମାଆକୁ ଭଲ ପାଇଲେ ସମାଜ ତଥା ଦେଶର ମଙ୍ଗଳ ହେବା ସହିତ ପୁଣ୍ୟ ଅଛି ବୋଲି ତାଙ୍କର ଭାବନା ରାଜ୍ୟକୁ ଚାଲି ଆସୁଥିଲା।

+ସା /ପୋ - ଅଣ୍ଡିଆ
ଜିଲ୍ଲା - ଯାଜପୁର
ମୋ -୯୧୭୮୩୧୩୬୪୪

# ସାବତ ବାପାଙ୍କ ନିର୍ମମ କାଣ୍ଡରେ କଠୋର ରାୟ : ନାବାଳିକାଙ୍କୁ ଦୁଷ୍କର୍ମ ମାମଲାରେ ଆଜୀବନ ସଜା

ଝାରସୁଗୁଡା, ୨୪/୦୫ (ନି.ପ୍ର): ସମାଜକୁ ଲଜ୍ଜିତ କରିଦେଇଥିବା ଏକ ସମ୍ବେଦନଶୀଳ ମାମଲାରେ ଝାରସୁଗୁଡ଼ା ପୋକ୍ସୋ କୋର୍ଟ ଦୃଢ଼ ଓ କଠୋର ରାୟ ଶୁଣାଇଛନ୍ତି। ନିଜ ୧୬ ବର୍ଷୀୟା ସାବତ ଝିଅଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିବା ଅଭିଯୋଗରେ ସାବତ ବାପା ରଞ୍ଜିତ କୁମାର ମିଶ୍ରଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ ଦିଆଯାଇଛି। ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲା ଜଜ୍ ତଥା ପୋକ୍ସୋ କୋର୍ଟର ମାଜିଷ୍ଟ୍ରେଟ୍ ପୂଜା ଷଡ଼ଙ୍ଗୀ ମାମଲାର ଶୁଣାଣି କରି ଏହି ରାୟ ପ୍ରକାଶ କରିଛନ୍ତି। ଅଦାଲତ ଅଭିଯୁକ୍ତଙ୍କୁ ପୋକ୍ସୋ ଆଇନର ଧାରା-୬ ଅନୁସାରେ ଆଜୀବନ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ଏକ ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିବ। ସୂଚନାଅନୁସାରେ, ଝାରସୁଗୁଡ଼ା ପୁରୁଣାବସ୍ତି ଓରାମ ପଡ଼ାର ବାସିନ୍ଦା ରଞ୍ଜିତ କୁମାର ମିଶ୍ର ନିଜ ସ୍ତ୍ରୀ ଓ ସାବତ ଝିଅ ସହ ରହୁଥିଲେ। ୨୦୨୪ ଜାନୁଆରୀ ଓ ମଇ ମାସରେ ସ୍ତ୍ରୀ ଘରେ ନଥିବା ସମୟରେ ସେ ନାବାଳିକାଙ୍କୁ ଜୋରଜବରଦସ୍ତି ଦୁଷ୍କର୍ମ କରିଥିଲେ। ଘଟଣା ବିଷୟରେ କାହାକୁ କହିଲେ ହତ୍ୟା କରିଦେବାକୁ ଧମକ ମଧ ଦେଇଥିବା ଅଭିଯୋଗ ରହିଛି। ଗତ ଜୁଲାଇ ୨୯ ତାରିଖରେ ଅଭିଯୁକ୍ତ ପୁଣିଥରେ ନାବାଳିକାଙ୍କୁ ଦୁଷ୍କର୍ମ କରୁଥିବା ବେଳେ ପୀଡ଼ିତାଙ୍କ ମା' ଘଟଣାଟି ଦେଖି ପ୍ରତିବାଦ କରିଥିଲେ। ପରେ ସେହିଦିନ ଝାରସୁଗୁଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ ଦାଖଲ ହୋଇଥିଲା। ପୋଲିସ ଟାଉନ ଥାନା କେସ୍ ନମ୍ବର ୪୯୭/୨୦୨୪ ଅନୁସାରେ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରା ଏବଂ ପୋକ୍ସୋ ଆଇନ ଲଗାଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମାମଲାର ତଦନ୍ତ ଦ୍ରୁତଗତିରେ ସମ୍ପନ୍ନ କରି ପୋଲିସ ମାତ୍ର ୫୮ ଦିନ ମଧ୍ୟରେ ଚାର୍ଜଶିଟ୍ ଦାଖଲ କରିଥିଲା। ଅଦାଲତ ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ସେହିପରି ପୀଡ଼ିତାଙ୍କୁ ୧୦ ଲକ୍ଷ ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ସହ ଜରିମାନାର ୫୦ ହଜାର ଟଙ୍କା ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ଓକିଲ ରାଜକୁମାର ଶ୍ରୀବାସ ପୀଡ଼ିତାଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିଲେ।

# ମାଛକୁଣ୍ଡ ପାୱାର ହାଉସରେ ଭୟାଭୟ ଅଗ୍ନିକାଣ୍ଡ

ଜୟପୁର, ୨୪/୦୫ (ନି.ପ୍ର): କୋରାପୁଟ ଜିଲ୍ଲା ମାଛକୁଣ୍ଡ ପାୱାର୍ ହାଉସରେ ଭୟାଭୟ ଅଗ୍ନିକାଣ୍ଡ। ପାୱାର ଜେନେରେସନ ବନ୍ଦ ରହିଥିବାରୁ ଏହାର ପ୍ରଭାବ ପଡ଼ିପାରେ। ସାର୍ଟ ସର୍କିଟ ପାଇଁ ହୋଇଥିବା ଅନୁମାନ କରାଯାଉଛି। କେତେକ କର୍ମଚାରୀ ଅଣ ନିଶ୍ୱାସୀ ହୋଇଥିବା କେଲେ ଚିକିତ୍ସା ଜାରିରହିଛି। କୋରାପୁଟ ଜିଲ୍ଲା ମାଛକୁଣ୍ଡ ଅଗ୍ନିକାଣ୍ଡ ଫଳରେ ବୈଦ୍ୟୁତିକ ଉପକରଣକୁ ବହୁତ କ୍ଷତି ପହଂଚାଇଥିଲା ଏବଂ ଜଣେ ସହକାରୀ ଯନ୍ତ୍ରୀ ଆହତ ହୋଇଥିବା ଜଣାଯାଇଛି।

ଉଚ୍ଚ ଭୋଲଟେଜ ଯୋଗୁଁ ପ୍ଲାଂଟର ପାଂଚଟି ଟର୍ବାଇନ ମଧ୍ୟରୁ ଚାରୋଟି ସ୍ୱୟଂଚାଳିତ ଭାବରେ ବନ୍ଦ ହୋଇଯାଇଥିଲା, କିନ୍ତୁ ଗୋଟିଏ ଟର୍ବାଇନ ଚାଲୁ ରହିଥିଲା। ବିଦ୍ୟୁତ୍ କେନ୍ଦ୍ରର ଅନ୍ୟ ଅଂଶକୁ ବ୍ୟାପିବା ପୂର୍ବରୁ ଏହି ଟର୍ବାଇନ ଏବଂ ଏହାର ସଂଲଗ୍ନ ପ୍ୟାନେଲ ବୋର୍ଡରୁ ନିଆଁ ଲାଗିଥିବା ଜଣାପଡ଼ିଛି। ଲମତାପୁଟରୁ ଅଗ୍ନିଶମ ବାହିନୀ ଘଟଣାସ୍ଥଳକୁ ପହଂଚି ବହୁତ ଚେଷ୍ଟା ପରେ ନିଆଁକୁ ନିୟନ୍ତ୍ରଣ କରିଥିଲେ। ପ୍ରାଥମିକ ଆକଳନ ଅନୁଯାୟୀ ଏହି ଘଟଣାରେ ଲକ୍ଷାଧିକ ବୈଦ୍ୟୁତିକ ଉପକରଣ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଜଣାଯାଇଛି। ଅଗ୍ନିକାଣ୍ଡର କାରଣ ସର୍ଟ ସର୍କିଟ ବୋଲି ସନ୍ଦେହ କରାଯାଉଛି, ଅଧିକାରୀମାନେ ସଠିକ୍ କାରଣ ନିର୍ଣ୍ଣୟ କରିବା ପାଇଁ ଏକ ବିସ୍ତୃତ ତଦନ୍ତ ଆରମ୍ଭ କରିଛନ୍ତି। ନିଆଁକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିବା ସମୟରେ ଜଣେ ସହକାରୀ ଇଞ୍ଜିନିୟର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ଯୋଗାଇ ଦିଆଯାଇଛି। ମାଛକୁଣ୍ଡ ଜଳବିଦ୍ୟୁତ କେନ୍ଦ୍ରରେ ଏପରି ଘଟଣା ଘଟିବା ଏହା ପ୍ରଥମ ଥର ନୁହେଁ। ତଥାପି, ଶନିବାର ଅଗ୍ନିକାଣ୍ଡ ଯୋଗୁଁ ବହୁତ ସମ୍ପତି କ୍ଷତି ହୋଇଛି ଏବଂ ଆଗାମୀ ଦିନରେ ବିଦ୍ୟୁତ୍ ଉତ୍ପାଦନ ଏବଂ ଯୋଗାଣ ପ୍ରଭାବିତ ହେବାର ସମ୍ଭାବନା ଅଛି। ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପର ସ୍ଥାପିତ କ୍ଷମତା ୧୨୦ ମେଗାୱାଟ ଏବଂ ଏଥିରେ ୨୦୦ ରୁ ଅଧିକ କର୍ମଚାରୀ ନିୟୋଜିତ ଥିବା ଜଣାଯାଇଛି। କୋରାପୁଟ ଜିଲାରେ ଥିବା ମାଛକୁଣ୍ଡ ଜଳ ବିଦ୍ୟୁତ୍ କେନ୍ଦ୍ରରେ ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ବୈଦ୍ୟୁତିକ ଉପକରଣ ନଷ୍ଟ ହୋଇଯାଇଛି। ଉକ୍ତ ଟର୍ବାଇନ ଓ ପ୍ୟାନେଲ ବୋର୍ଡରେ ନିଆଁ ଲାଗିଥିଲା। ଏହା ପ୍ଲାଂଟର ଅନ୍ୟାନ୍ୟ ଅଂଚଳକୁ ବ୍ୟାପି ଯାଇଥିଲା ଯାହା ଫଳରେ ନିଆଁ ଆହୁରି ତୀବ୍ର ହୋଇଥିଲା। ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଇବା ପାଇଁ ଘଟଣାସ୍ଥଳକୁ ଯାଇଥିଲେ। ଅଗ୍ନିକାଣ୍ଡ ପଛର କାରଣ ସର୍ଟ୍ସର୍କିଟ ବୋଲି ଅନୁମାନ କରାଯାଉଛି। ସଠିକ କାରଣ ଜାଣିବାକୁ ଚେଷ୍ଟା କରାଯାଉଛି। ନିଆଁ ଲିଭାଇବାକୁ ଯାଇ ଜଣେ ସହକାରୀ ଯନ୍ତ୍ରୀ ଆହତ ହୋଇଛନ୍ତି। ନିଆଁ ଲାଗି ଚାରିପଟେ ଧୂଆଁର ବତା ବରଣ ଖେଳିଯାଇଥିଲା।

# ଅଜଣା ରୋଗରେ ୫୦ରୁ ଉର୍ଦ୍ଧ୍ୱ ଗାଈ ମଡ଼କ

କେନ୍ଦ୍ରାପଡ଼ା, ୨୪/୦୫ (ନି.ପ୍ର): ଅଜଣା ରୋଗରେ ୫୦ରୁ ଉର୍ଦ୍ଧ ଗାଇ ମଡ଼କ ଅଜଣା ରୋଗ ଖାଲି କରି ଦେଇଛି ଗୋଠ। ଦୁଇ ମାସ ମଧ୍ୟରେ ୫୦ ରୁ ଉର୍ଦ୍ଧ ଗାଇ ମାରିଥିବା ଘଟଣା ହେଉଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ସହିରା ପଂଚାୟତ ଅଙ୍ଗାରଖିଅ ଗ୍ରାମରେ ଗାଈ ପାଳୁଥିବା ଲୋକେ କହିଛନ୍ତି। ସେମାନଙ୍କ କହିବା ଅନୁସାରେ କାହାର ଗୋଟେ ଗାଈ ତ କାହାର ସମ୍ପୂର୍ଣ ଗୋଠ ଖାଲି ହୋଇଯାଇଛି। ଏକାଧିକ ଗାଈ ମୃତ ପରେ ଗାଈ ପାଳକଙ୍କ ମଧ୍ୟରେ କୋକୁଆ ଭୟ ଦେଖା ଦେଇଛି। ଗତ ଦୁଇ ଦିନରେ ଦୁଇଟି ଗାଈ ମୃତ ବରଣ କରିଛନ୍ତି । ଦୁଇମାସ ମଧ୍ୟରେ ସୁଶାନ୍ତ ପରିଡାଙ୍କ ୧୧ ଟି, ସନାତନ ବେହେରାଙ୍କ ୬ ଟି, ବିଷ୍ଣୁ ଦାସଙ୍କ ୧ଟି, ଶରତ ପରିଡାଙ୍କ ୬ ଟି, ବିଶ୍ୱନାଥ ବେହେରାଙ୍କ ୩ଟି ଏଭଳି ଅନେକ ଗାଈ ମାରିଥିବା ନେଇ ଅଭିଯୋଗ କରିଛନ୍ତି ଗାଈ ପାଳକ। ଗାଈ ପାଳକଙ୍କ କହିବା ଅନୁସାରେ ସେମାନଙ୍କ ପରିବାର ଗାଈରୁ ଯାହା ରୋଜଗାର ହୁଏ ସେଥିରେ ପରିବାର ଚଳେ। ଯେତିକି ଗାଈ ମୃତ୍ୟୁବରଣ କରିଛନ୍ତି ସମସ୍ତେ କ୍ଷୀର ଦେଉଥିଲେ । ଗୋଟେ ପରେ ଗୋଟେ ଗାଈ ମୃତ ବରଣ କରିବା ପରେ ସେମାନେ ପ୍ରାଣୀ ଚିକିତ୍ସାକୁ ଅବଗତ କରିଥିଲେ ସୁଦ୍ଧା ସେମାନଙ୍କୁ ବିଭାଗ ତରଫରୁ କୌଣସି ସୁବିଧା ମିଳିନି। ଓଲଟା ପ୍ରାଣୀ ଚିକିତ୍ସକ ଗାଈକୁ ସେବା ଯୋଗାଇ ଦେବା ପରିବ୍ରତେ ସେମାନଙ୍କୁ ଟଙ୍କା ମାଗିଥିବା ନେଇ ଗାଈ ପାଳକ ଅଭିଯୋଗ କରିଛନ୍ତି। ଆଜି ଅଫିସ ଛୁଟି ଥିବାରୁ ଏନେଇ ଆମେ ପ୍ରାଣୀ ଚିକିତ୍ସଙ୍କ ସହିତ ଫୋନ ରେ କଥା ହେଉଥିଲୁ ସେ କହିଛନ୍ତି ଏନେଇ ସେ ଅବଗତ ଅଛନ୍ତି ଘଟଣା ସ୍ଥଳକୁ ମୋବାଇଲ ଭ୍ୟାନ୍ ପଠାଇ ଗାଈ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଗାଈ ଗୁଡିକ ମଧ୍ୟରେ କୃମି ଅଧିକ ଥିବା ଜଣାପଡିଛି। ଆସନ୍ତା କାଲି ମଧ ମୋବାଇଲ ଟିମ ଘଟଣା ସ୍ଥଳକୁ ପଠାଯିବ। ଏପଟେ ଗାଈ ମୃତ୍ୟୁବରଣ ସେପଟେ ଗାଈ କିଣିବା ପାଇଁ କରିଥିବା କରଜ ସୁଜିନିକ୍ଷ ସେମାନେ ଏବେ କରିବେ କଣ ପରିବାର କେମିତି ଚଳିବେ କେମିତି ସୁଝିବେ କରଜ ଯାହାକୁ ନେଇ ସେମାନେ ଚିନ୍ତାରେ ଭାଙ୍ଗି ପଡିଛନ୍ତି।

# ଆଗାମୀ ଶୀତଳଷଷ୍ଠୀ ପାଇଁ ଶାନ୍ତି ଓ ସମନ୍ୱୟ କମିଟି ବୈଠକ

ସମ୍ବଲପୁର, ୨୪/୦୫ (ନି.ପ୍ର): ଆଗାମୀ ଜୁନ୍ ୧୫ ତାରିଖରୁ ଆରମ୍ଭ ହେବ ସମ୍ବଲପୁରର ପ୍ରସିଦ୍ଧ ପବିତ୍ର ଶୀତଳଷଷ୍ଠୀ। ଏହି ଯାତ୍ରାକୁ ଅତି ଶୃଙ୍ଖଳିତ ଭାବେ ଆକର୍ଷଣୀୟ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ପାଇଁ ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଆଜି ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ଶାନ୍ତି ଓ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଜୁନ୍ ୧୫ ତାରିଖରୁ ଏହି ପବିତ୍ର ଯାତ୍ରା ଆରମ୍ଭ ହେବାକୁ ଯାଉଥିବା ବେଳେ ଏହାକୁ ସମ୍ପୂର୍ଣ୍ଣ ଶୃଙ୍ଖଳିତ ଭାବେ କରିବା ପାଇଁ ସମସ୍ତ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଗତ ବର୍ଷର ଶୀତଳଷଷ୍ଠୀ ଯାତ୍ରା ବିଭିନ୍ନ କମିଟି ଏବଂ ଜନସାଧାରଣଙ୍କ ସହଯୋଗରେ ଅତି ସୁଦୂରପ୍ରସାରୀ ଓ ସଫଳ ହୋଇଥିବାରୁ ଜିଲ୍ଲାପାଳ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଚଳିତ ବର୍ଷ ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଉଭୟ ସୁରକ୍ଷା ଓ ଶୃଙ୍ଖଳା ଉପରେ ସରକାର ଓ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ କହିଥିଲେ। ଯାତ୍ରାର ସଫଳ ପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ଶୀତଳଷଷ୍ଠୀ ଯାତ୍ରା କମିଟି ଗୁଡ଼ିକ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇଛି। ଯାତ୍ରା ସମୟରେ ଯେପରି ଗୋଟିଏ କମିଟି ଅନ୍ୟ କମିଟିର ଶୋଭାଯାତ୍ରା ଆଗରେ ସମସ୍ୟା ସୃଷ୍ଟି ନକରେ, ସେଥିପାଇଁ ମିନିଟ୍-ଟୁ-ମିନିଟ୍ ସମୟସୀମା ଅନୁସରଣ କରିବାକୁ କୁହାଯାଇଛି। ନନ୍ଦପଡ଼ା, ଝାଡୁଆପଡ଼ା ଏବଂ ବଡ଼ ସଡ଼କ ଭଳି ଅତ୍ୟଧିକ ଭିଡ଼ ହେଉଥିବା ଅଞ୍ଚଳରେ ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ପ୍ରସ୍ଥାନ ରୁଟ୍ ବ୍ୟବସ୍ଥା କରାଯିବ, ଯଦ୍ଦ୍ୱାରା ଜନସାଧାରଣ ସହଜରେ ଯାତ୍ରା ଦେଖି ବାହାରକୁ ଆସିପାରିବେ। ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା କରାଯିବ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ମହାନଗର ନିଗମ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ଖୋଲାଯିବ। ସହରର ବିଭିନ୍ନ ଛକରେ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରତି ପୂଜା କମିଟିକୁ ଓଆରଏସ୍ ପ୍ୟାକେଟ୍ ପ୍ରଦାନ ଏବଂ ଜରୁରୀକାଳୀନ ସେବା ପାଇଁ ମୋବାଇଲ୍ ଆମ୍ବୁଲାନ୍ସ ମୁତୟନ କରାଯିବ। ହୋଟେଲ ଓ ରେଷ୍ଟୁରାଣ୍ଟ ଗୁଡ଼ିକରେ ଖାଦ୍ୟର ମାନ ଯାଞ୍ଚ କରାଯିବ।ଉତ୍ସବ ସମୟରେ ସହରରେ ଅବିରତ ପାନୀୟ ଜଳ ଯୋଗାଣ କରାଯିବ। ୱାଟକୋ ଏବଂ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ସିଣ୍ଟେକ୍ସ ଟାଙ୍କି ଏବଂ ପ୍ରତ୍ୟେକ ଶୋଭାଯାତ୍ରା ପାଇଁ ଗୋଟିଏ ଲେଖାଏଁ ଜଳ ଟାଙ୍କରର ବ୍ୟବସ୍ଥା କରାଯିବ। ଏଥିସହ ଏନଜିଓ ମାନଙ୍କୁ ମଧ ଜଳ ଯୋଗାଣ କାର୍ଯ୍ୟରେ ସାମିଲ କରାଯିବ। ସହରରେ ୨୪ ଘଣ୍ଟିଆ ଅବିରତ ବିଦ୍ୟୁତ୍ ଯୋଗାଣ ପାଇଁ ଟିପିଡବ୍ଲୁଓଡିଏଲ୍ କୁ ନିର୍ଦ୍ଦେଶ ଦିଆଯାଇଛି। ରାସ୍ତାକଡ଼ ଏବଂ ରିଙ୍ଗ୍ ରୋଡ୍ରେ ଅଧିକ ଆଲୋକର ବ୍ୟବସ୍ଥା ସହ ଷ୍ଟ୍ରୀଟ୍ ଲାଇଟ୍ ଗୁଡ଼ିକର ମରାମତି କରାଯିବ। ସମ୍ବଲପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ, ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯିବ। କୌଣସି ଆପତ୍ତ କାଳୀନ ପରିସ୍ଥିତିକୁ ରୋକିବା ପାଇଁ ଅଗ୍ନିଶମ ବାହିନୀ ସଜାଗ ରହିବେ। ଶୀତଳ ଷଷ୍ଠୀ ପାଇଁ ରାସ୍ତାଘାଟ ସଫେଇ, ଡ୍ରେନେଜ୍ ମରାମତି, ଏନକ୍ରୋଚମେଣ୍ଟ (ଉଚ୍ଛେଦ) ଏବଂ ରାସ୍ତାରେ ଥିବା ଗଛର ଡାଳ କାଟିବା ଆଦି ସମସ୍ତ ପ୍ରାକ୍-ପ୍ରସ୍ତୁତି କାର୍ଯ୍ୟ ଶେଷ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସମୟବଦ୍ଧ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବଲପୁରର ଏହି ଗୌରବମୟ ସାଂସ୍କୃତିକ ଗଣପର୍ବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ପ୍ରଶାସନ ପକ୍ଷରୁ। ସମସ୍ତ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି।

# ଫାଟକ-ଗୋପାଳମାଳ ରୋଡରୁ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଜବରଦଖଲ ଉଚ୍ଛେଦ

ସମ୍ବଲପୁର, ୨୪/୦୫ (ନି.ପ୍ର): ସମ୍ବଲପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଆଜି ଏନଫୋର୍ସମେଣ୍ଟ ସ୍ୱାର୍ଡ ପକ୍ଷରୁ ବ୍ୟାପକ ଜବରଦଖଲ ଉଚ୍ଛେଦ ସଫଳତାର ସହିତ କାର୍ଯ୍ୟକାରୀ କରାଯାଇଛି। ଏହି ଅଭିଯାନ ସମୟରେ ଏନଫୋର୍ସମେଂଟ ଅଫିସର, ପୋଲିସ ପ୍ରଶାସନ, ଆର୍ ଏଣ୍ଡ ବି, ଟିପିଡବ୍ଲ୍ୟୁଓଡିଏଲ୍, ୱାଟକୋ ଓ ଅପରେଟରମାନଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ରାସ୍ତା ଉପରେ ଅବୈଧ ଭାବେ ହୋଇଥିବା ସମସ୍ତ ଅତିକ୍ରମଣକୁ ଶାନ୍ତିପୂର୍ଣ୍ଣ ଭାବରେ ହଟା ଯାଇଥିଲା। ଉଚ୍ଛେଦ ପୂର୍ବରୁ ଅତିକ୍ରମଣକାରୀମାନଙ୍କ ସହ ଆଲୋଚନା କରାଯାଇ ସେମାନଙ୍କୁ ବୁଝାଇବା ସହ ତାଙ୍କର ପୁନରୁଦ୍ଧାରଯୋଗ୍ୟ ସାମଗ୍ରୀ ଓ ସମ୍ପତି ହଟାଇ ନେବା ପାଇଁ ପର୍ଯ୍ୟାପ୍ତ ସମୟ ଦିଆଯାଇଥିଲା। ଏହି ଉଚ୍ଛେଦ ଅଭିଯାନ ଫଳରେ ଦୀର୍ଘଦିନ ଧରି ରହିଥିବା ଯାତାୟାତ ଜନିତ ସମସ୍ୟା, ଯାନବାହନ ଚଳାଚଳରେ ବାଧା ଏବଂ ସାଧାରଣ ଲୋକମାନଙ୍କ ଅସୁବିଧାର ସମାଧାନ ହୋଇପାରିଛି। ଦୀର୍ଘ ସମୟ ଧରି ଅତ୍ୟଧିକ ଅତିକ୍ରମଣରେ ପୀଡ଼ିତ ଥିବା ଏହି ରାସ୍ତା ବର୍ତମାନ ସାଧାରଣ ଲୋକଙ୍କ ସୁବିଧାଜନକ ଚଳାଚଳ ପାଇଁ ପୁନଃ ସୁଚଳ କରାଯାଇଛି। ଫାଟକ-ଗୋପାଳମାଳ ରୋଡ୍ ଆସନ୍ତା ଠାକୁରପଡ଼ା ଶୀତଳ ଷଷ୍ଠୀ ଯାତ୍ରାର ଏକ ମୁଖ୍ୟ ପଥ ଅଟେ, ଯେଉଁ ମାର୍ଗ ଦ୍ୱାରା ବହୁ ସଂଖ୍ୟକ ଭକ୍ତ ଓ ଯାତ୍ରା ସହଭାଗୀ ଗମନାଗମନ କରିଥାନ୍ତି । ଜନସୁରକ୍ଷା, ଭିଡ଼ ନିୟନ୍ତ୍ରଣ ଏବଂ ଆପାତକାଳୀନ ଯାନବାହନର ସୁଗମ ଯାତାୟାତକୁ ଦୃଷ୍ଟିରେ ରଖି ଏହି ଉଚ୍ଛେଦ ଅଭିଯାନକୁ ପ୍ରାଥମିକତା ଭିତିରେ କାର୍ଯ୍ୟକାରୀ କରାଯାଇଥିଲା। ଏହି ସଫଳ ଉଚ୍ଛେଦ ଅଭିଯାନ ପରେ ଯାତ୍ରା ପଥ ବର୍ତମାନ ଅଧିକ ପ୍ରଶସ୍ତ, ସୁରକ୍ଷିତ ଓ ଯାତାୟାତ ଜନିତ ସମସ୍ୟାମୁକ୍ତ ହୋଇଥିବାରୁ ଆସନ୍ତା ଶୀତଳ ଷଷ୍ଠୀ ଯାତ୍ରା ସୁଚାରୁ ଓ ନିର୍ବିଘ୍ନ ଭାବେ ସମ୍ପନ୍ନ ହେବ ବୋଲି ପ୍ରଶାସନ ଆଶାବ୍ୟକ୍ତ କରିଛି। ସାର୍ବଜନୀନ ସୁବିଧା ଓ ସହର ପରିଚାଳନାର ବ୍ୟାପକ ହିତକୁ ଦୃଷ୍ଟିରେ ରଖି ସମସ୍ତ ନାଗରିକ ଓ ବ୍ୟବସାୟୀ ପ୍ରତିଷ୍ଠାନମାନଙ୍କୁ ସରକାରୀ ରାସ୍ତାକୁ ଅତିକ୍ରମଣମୁକ୍ତ ରଖିବା ପାଇଁ ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

# ଦେଓଗାଁ ଠାରେ ବ୍ଲକ ସ୍ତରୀୟ କେମ୍ପ କୋର୍ଟ

ବଲାଙ୍ଗିର, ୨୪/୦୫ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ଦେଓଗାଁ ବ୍ଲକ ର ସମ୍ମିଳନୀ କକ୍ଷ ଠାରେ ବ୍ଲକ ସ୍ତରୀୟ କେମ୍ପ କୋର୍ଟ ୨୦୨୬ ଅନୁଷ୍ଠିତ ହୋଇଯାଇଛି।୨୦୨୫ ରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ବଲାଙ୍ଗୀର ଦ୍ୱାରା ଓରଫାନ୍ ସର୍ଭେ ଅନୁସାରେ ପିତୃ- ମାତୃ ହିନ ଶିଶୁ ମାନଙ୍କୁ ଶିଶୁ ମଙ୍ଗଳ ସମିତିରେ ହାଜର କରି ଉପସ୍ଥାପନା କରାଗଲା। ଏହି ଅବସରରେ ଦେଓଗାଁ ବ୍ଲକ୍ ର ସିଡିପିଓ କାର୍ଯ୍ୟାଳୟର ସୁପରଭାଇଜର ସୁଷମା ସାହୁ, ଅନିତା ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଚିହ୍ନଟ ହୋଇଥିବା ଶିଶୁ ମାନଙ୍କର ଅଭିଭାବକ, ଅଭିଭାବିକା ମାନଙ୍କୁ ଏହି ପିତୃ ମାତୃ ହିନ ଶିଶୁଙ୍କ କର୍ମଶାଳାକୁ ଉପସ୍ଥାପନା କରାଯାଇଥିଲା। ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଚାଇଲ୍ଡ ହେଲପ୍ ଲାଇନ୍ ର ଡଳି ବେହେରା, ବସନ୍ତ ହରପାଲ ଉପସ୍ଥିତ ରହି କିଶୋର ନ୍ୟାୟ ଆଇନ୍ ଅଧିନସ୍ଥ ୧୭,୨୦ ଫର୍ମ ଗୁଡ଼ିକ ପୂରଣ କରିଥିଲେ ଓ ଅନଲାଇନ ଜରିଆରେ ଶିଶୁ ମଙ୍ଗଳ ସମିତିରେ ହାଜର କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇ ସି ଡି ଏସ ର ସୁପଭାଇଜର, ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ରହି ସକ୍ରିୟ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୧ ଜଣ ଅନାଥ ଶିଶୁ ଉପସ୍ଥିତ ରହି ନିଜର ସମସ୍ତ ପ୍ରମାଣ ପତ୍ର ଯାଂଚ୍ କରାଇଥିଲେ । ଏଠାରେ ସୂଚନାଯୋଗ୍ୟ ଯେ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଶିଶୁ ମଙ୍ଗଳ ସମିତି ଆବଶ୍ୟକୀୟ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ ଥିବା ବିଭିନ୍ନ ଯୋଜନା ଗୁଡିକ ସଂଯୋଗ କରାଯିବ।

# ନବମ ଲୋକକଳା ଉତ୍ସବ ଉଦଘାଟିତ

ବଲାଙ୍ଗୀର, ୨୪/୦୫ (ନି.ପ୍ର): ଆଧୁନିକତାର ପ୍ରଭାବରେ ଆମର ପାରମ୍ପରିକ ଲୋକକଳା, ସଂସ୍କୃତି ତଥା ପରମ୍ପରା ଧୀରେ ଧୀରେ ହଜିଯାଉଛି। ଆମ ଅଂଚଳର ସ୍ୱତନ୍ତ୍ରତାକୁ ଦେଖାଇବାକୁ, ଏହାକୁ ଆମର ପରବର୍ତୀ ପିଢ଼ିକୁ ସମର୍ପି ଦେବାକୁ ବର୍ତମାନ ଠାରୁ ଉଦ୍ୟମ ଜରୁରୀ। ଲୋକକଳାହିଁ ଆମକୁ ପରିଚୟ ଦେଇ ଥିଲା, ଏବେ ଦେଉଛି ଓ ଆଗାମୀ ସମୟରେ ମଧ ଦେବ ବୋଲି ଗତ ସନ୍ଧ୍ୟାରେ ଲାଙ୍ଗୀରର ଐତିହାସିକ କୋଶଲ କଳାମଣ୍ଡଳ ପଡିଆରେ ଆୟୋଜିତ ନବମ ଲୋକକଳା ଉତ୍ସବ ୨୦୨୬ ର ଉଦ୍ଘାଟନୀ ସନ୍ଧ୍ୟାର ସାଂସ୍କୃତିକ ସଭାରେ ଆହ୍ୱାନ ଦେଇଛନ୍ତି ଅତିଥି ମାନେ। ବଲାଙ୍ଗୀରର ଦୂଲଦୂଲି କଳା ପରିଷଦ ତରଫରୁ ଆୟୋଜିତ ଏହି ଜାତୀୟ ସ୍ତରର ଉତ୍ସବରେ ଲୋକକଳାର ବିଭିନ୍ନ ସ୍ୱରୂପ ପ୍ରଦର୍ଶନ ଅବସରରେ ଏହି ମତ ପ୍ରକାଶ ପାଇଛି।

ଦୂଲଦୂଲି କଳା ପରିଷଦର ସଭାପତି ଅନନ୍ତ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସାଂସ୍କୃତିକ ସଭାରେ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ ଓଡିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ କଳାକାର ଗୁରୁଃଶ୍ରୀ ରଞ୍ଜନ କୁମାର ସାହୁ, ମୁଖ୍ୟ ପୃଷ୍ଠପୋଷକ ଚଳଚ୍ଚିତ୍ର ଅଭିନେତ୍ରୀ ବିଦୁସ୍ମିତା ଦାଶ ମନ୍ତ୍ରୀ, ପରିଷଦର ଉପଦେଷ୍ଟା ଶତ୍ରୁଘ୍ନ ପାଣିଗ୍ରାହୀ, ପରିଷଦର ପୂର୍ବତନ ଅଧ୍ୟକ୍ଷ ଡ. ସଞ୍ଜୟ କୁମାର ମିଶ୍ର।ଏହି ଅବସରରେ ଅତିଥିମାନେ ନବମ ଲୋକକଳା ଉତ୍ସବକୁ ସମଲେଶ୍ୱରୀ ଓ ପାଟଣେଶ୍ୱରୀଙ୍କ ପୂଜା ଅର୍ଚ୍ଚନା କରି ଉଦଘାଟନ କରିଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଲୋକକଳାର ଅନନ୍ୟ ଶିଳ୍ପୀ ସଂକୀର୍ତନ ଗୁରୁ ପ୍ରସାଦୀ ପୁଟେଲ, ଲୋକ ନାଟକ କଳାକାର ତଥା ଗୁରୁ ନବଦ୍ୱିପ ଚାନ୍ଦ ବେହେରା ଓ ଦଣ୍ଡ ନୃତ୍ୟଗୁରୁ ଯୁଗେଶ୍ୱର ପାତ୍ରଙ୍କୁ ନବମ ଲୋକକଳା ସମ୍ମାନରେ ସମ୍ମାନିତ କରିଥିଲେ ଅତିଥିମାନେ।

ସାଂସ୍କୃତିକ ସଭାକୁ ପରିଚାଳନା କରିଥିଲେ ସନ୍ଦୀପ କୁମାର କୁଅଁର। ପରେ ପରେ ଅର୍ଜୁନ ସାହୁଙ୍କ ସଂଯୋଜନାରେ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ସାଂସ୍କୃତିକ ଦଳ ବିହୁ, ଘୁଡକା ଓ ଅନ୍ୟ ନୃତ୍ୟ ପରିବେଷଣ କରିଥିଲେ।

ସୂଚନାଯୋଗ୍ୟ ଯେ ଗତକାଲି ସହସ୍ରାଧିକ କଳାକାର ଓ ବିଭିନ୍ନ ଲୋକନୃତ୍ୟ ଦଳ ସାଂସ୍କୃତିକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ।

# ଝାରସୁଗୁଡା ପୋଲିସର ବଡ ସଫଳତା : ନକଲି ଇ-ଚାଲାଣ ଓ ଏପିକେ ଫାଇଲ୍ ମାଧ୍ୟମରେ ଠକେଇ କରୁଥିବା ଆନ୍ତଃରାଜ୍ୟ ସାଇବର ଗ୍ୟାଙ୍ଗ ଧରାପଡିଲା

ଝାରସୁଗୁଡା, ୨୪/୦୫ (ନି.ପ୍ର): ଝାରସୁଗୁଡା ପୋଲିସ ସାଇବର ଠକେଇ ବିରୋଧରେ ଏକ ବଡ ସଫଳତା ହାସଲ କରିଛି। ଏପିକେ ଫାଇଲ୍ ଏବଂ ନକଲି ଇ-ଚାଲାନ ଲିଙ୍କ ମାଧ୍ୟମରେ ଲୋକଙ୍କ ମୋବାଇଲ୍ ଓ ବ୍ୟାଙ୍କ ଖାତାରୁ ଟଙ୍କା ଠକୁଥିବା ଏକ ଆନ୍ତଃରାଜ୍ୟ ସାଇବର ଗ୍ୟାଙ୍ଗକୁ ପୋଲିସ ଧରିବାରେ ସଫଳ ହୋଇଛି। ଏହି ମାମଲା ସାଇବର ଥାନା କେସ୍ ନମ୍ବର ୦୩/୨୦୨୬ ଅନୁସାରେ ରୁଜୁ ହୋଇଥିଲା।

ପୁରୁଣାବସ୍ତି ଅଂଚଳର ସୁଧୀର କୁମାର ମହାନ୍ତିଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ବ୍ୟାଙ୍କ ଖାତାରୁ ସାଇବର ଠକେଇ ମାଧ୍ୟମରେ ଅନଧିକୃତ ଭାବେ ୬ ଲକ୍ଷ ୪୦ ହଜାର ୨୯୬ ଟଙ୍କା ଉଠାଇ ନିଆଯାଇଥିଲା। ଅଭିଯୋଗ ପାଇବା ପରେ ଝାରସୁଗୁଡା ସାଇବର କ୍ରାଇମ ପୋଲିସ ତତ୍କ୍ଷଣାତ୍ ଭାରତୀୟ ନ୍ୟାୟ ସଂହିତା (ଇଘଝ) ଓ ସୂଚନା ପ୍ରଯୁକ୍ତି ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରି ବୈଜ୍ଞାନିକ ଓ ଟେକ୍ନିକାଲ୍ ତଦନ୍ତ ଆରମ୍ଭ କରିଥିଲା। ଡିଜିଟାଲ୍ ପ୍ରମାଣ ସଂଗ୍ରହ, ବ୍ୟାଙ୍କ ଖାତା ଯାଂଚ୍ ଓ ସାଇବର ଇଂଟେଲିଜେନ୍ସ ମାଧ୍ୟମରେ ପୋଲିସ ଏହି ଠକେଇ ଚକ୍ରର ସୂତ୍ର ପାଇଥିଲା। ତଦନ୍ତରେ ଜଣାପଡିଥିଲା ଯେ, ଅଭିଯୁକ୍ତମାନେ ଭୁଆ ଟ୍ରାଫିକ ଇ-ଚାଲାନ ଲିଙ୍କ ଓ ମାଲିସିୟସ ଏପିକେ ଫାଇଲ୍ ପଠାଇ ଲୋକଙ୍କ ମୋବାଇଲ୍ ହ୍ୟାକ୍ କରୁଥିଲେ ଏବଂ ବ୍ୟାଙ୍କିଙ୍ଗ ସୂଚନା ଚୋରି କରି ଟଙ୍କା ଠକୁଥିଲେ। ପୋଲିସର ବିଶେଷ ଟିମ୍ ପଶ୍ଚିମବଙ୍ଗର ବାଙ୍କୁରା ଜିଲ୍ଲାରେ ଚଢଉ କରି ଦୁଇ ଅଭିଯୁକ୍ତ ବାମାଚରଣ କାତାରି (୩୨) ଓ ବିଶ୍ୱଜୀତ କର୍ମକାର (୪୩)ଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କୁ ଅଧିକ ତଦନ୍ତ ପାଇଁ ଟ୍ରାନ୍ଜିଟ୍ ରିମାଣ୍ଡ ଅନୁମତି ସହ କୋର୍ଟରେ ହାଜର କରାଯାଇଛି। ଝାରସୁଗୁଡା ପୋଲିସ ବିଭିନ୍ନ ବ୍ୟାଙ୍କ, ପେମେଣ୍ଟ ଗେଟୱେ ଓ ଆର୍ଥିକ ସଂସ୍ଥା ସହ ସମନ୍ୱୟ ରଖି ଠକେଇ ହୋଇଥିବା ଟଙ୍କାକୁ ଫ୍ରିଜ୍ କରିବାରେ ମଧ ସଫଳ ହୋଇଛି। ପୋଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଫଳରେ ୨ ଲକ୍ଷ ୯୬ ହଜାର ୧୯୮ ଟଙ୍କା ୭୩ ପଇସା ଅଭିଯୋଗକାରୀଙ୍କୁ କୋର୍ଟ ନିର୍ଦ୍ଦେଶରେ ଫେରାଇ ଦିଆଯାଇଛି। ପୋଲିସ ସାଧାରଣ ଲୋକଙ୍କୁ ସତର୍କ କରି କହିଛି ଯେ, ଅଜଣା। ଏପିକେ ଫାଇଲ, ଭୁଆ ଇ-ଚାଲାନ ଲିଙ୍କ କିମ୍ବା ସନ୍ଦେହଜନକ ଏସ ଏମ ଏସ, ୱାଟସେପ ଓ ସୋସିଆଲ୍ ମିଡିଆ ଲିଙ୍କରେ କ୍ଲିକ୍ କରନ୍ତୁ ନାହିଁ। କୌଣସି ଅଜଣା ଆପ୍ ଇନଷ୍ଟଲ୍ କରିବା କିମ୍ବା ବ୍ୟାଙ୍କ ସମ୍ବନ୍ଧୀୟ ଗୋପନୀୟ ସୂଚନା ସେୟାର କରିବାରୁ ବିରତ ରହିବାକୁ ଅନୁରୋଧ କରାଯାଇଛି। ସାଇବର ଠକେଇ ଘଟିଲେ ତୁରନ୍ତ ୧୯୩୦ ସାଇବର ହେଲ୍ପଲାଇନ୍ କିମ୍ବା ଜାତୀୟ ସାଇବର କ୍ରାଇମ ପୋର୍ଟାଲରେ ଅଭିଯୋଗ କରିବାକୁ ପୋଲିସ ପରାମର୍ଶ ଦେଇଛି।

# ବଲାଙ୍ଗୀର ପବ୍ଲିକ ସ୍କୁଲ ମେଟ୍ରିକ ଓ ଯୁକ୍ତଦୁଇ ମେଧାବୀଙ୍କୁ ସମ୍ବର୍ଦ୍ଧନା ଶିକ୍ଷା ହିଁ ଅଂଚଳର ସର୍ବାଙ୍ଗୀନ ବିକାଶ କରିଥାଏ: ନରସିଂହ

ବଲାଙ୍ଗୀର, ୨୪/୦୫ (ନି.ପ୍ର): ପ୍ରତ୍ୟେକ ବର୍ଷ ଆମ ଅଂଚଳରୁ ଅନେକ ମେଧାବୀ ଛାତ୍ର ଛାତ୍ରୀ ମେଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷାରେ ଉତିର୍ନ୍ନ ହୋଇ ଉଚ୍ଚ ଶିକ୍ଷା ପାଇଁ ଆଗକୁ ବଢୁଛନ୍ତି। ଏ ବର୍ଷ ମଧ ଆମ ଜିଲ୍ଲା ପଛରେ ନାହିଁ। ଛାତ୍ର ଛାତ୍ରୀମାନେ ଜାଣିବା ଦରକାର ଯେ ଉତମ ଶିକ୍ଷା ଆରୋହଣ ଦ୍ୱାରା ନିଜ ଜ୍ଞାନର ଗଭିରତା ବଢିଥାଏ ଏବଂ ଉତମ ଜ୍ଞାନ ଶକ୍ତି ସମାଜର ପ୍ରତ୍ୟେକ ସମସ୍ୟାକୁ ଠିକ୍ ହିସାବରେ ବୁଝି ଏକ ଉତମ ନିଷ୍କର୍ଷରେ ପହଂଚିଥାଏ। ଆମ ଛାତ୍ର ଛାତ୍ରୀମାନେ କେବେ ହେଲେ ବି ଶିକ୍ଷା ପ୍ରତି ବିମୁଖ ହେବା କଥା ନୁହେଁ କାରଣ କେବଳ ଶିକ୍ଷା ହିଁ ଆମର ସର୍ବାଙ୍ଗୀନ ବିକାଶ କରିଥାଏ ଏବଂ ଅଂଚଳକୁ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶର ଚରମ ସୀମାକୁ ପହଂଚାଇଥାଏ ବୋଲି ଆଜି ବଲାଙ୍ଗୀର ପବ୍ଲିକ ସ୍କୁଲରୁ ମେଟ୍ରିକ ଏବଂ ଯୁକ୍ତଦୁଇ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ଛାତ୍ର ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବା ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଛାତ୍ର ଛାତ୍ରୀଙ୍କୁ ଉଦ୍ଦେଶ୍ୟରେ କହିଛନ୍ତି। ସେ ଏହା ବି କହିଛନ୍ତି ଯେ ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥଙ୍କ ଲିଖିତ ଏକ ପୁସ୍ତକ ଅନୁସାରେ ଏକଦା ଶିକ୍ଷା କ୍ଷେତ୍ରରେ ଆମ ଅଂଚଳ ଅନେକ ବିକାଶ କରିଥିଲା। ଆମ ଲୋକେ ସେ ସମୟରେ ଶିକ୍ଷା, ସଂସ୍କୃତି ଓ ଅର୍ଥନୈତିକ ସ୍ତରରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିପାରିଥିଲେ। ଅଂଚଳ ଧନଧାନ୍ୟରେ ପରିପୂର୍ଣ୍ଣ ଥିଲା କିନ୍ତୁ ପରବର୍ତି ସମୟରେ ରାଜତନ୍ତ୍ର ଶାସନ ଦ୍ୱାରା ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବା ସହ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରାଗଲା। ତେଣୁ ଆଜି ଉପସ୍ଥିତ ଥିବା ଅଭିଭାବକ ଏବଂ ଆମକୁ ଗର୍ବିତ କରିଥିବା ଏହି ମେଧାବୀ ଛାତ୍ର ଛାତ୍ରୀମାନଙ୍କୁ ମୁଁ କହିବାକୁ ଚାହେଁ ଯେ ସବୁବେଳେ ଶିକ୍ଷାକୁ ହିଁ ପ୍ରାଧାନ୍ୟ ଦିଅନ୍ତୁ। ଯେତେ ପ୍ରତିକୂଳ ପରିସ୍ଥିତି ଆସୁ ଆପଣମାନେ ଶିକ୍ଷା ଗ୍ରହଣ କୁ ନେଇ କୌଣସି ସାଲିସ କରନ୍ତୁ ନାହିଁ କାରଣ ଆପଣମାନେ ହିଁ ଏହି ଦେଶର ଭବିଷ୍ୟତ, ଏବଂ ଆପଣମାନଙ୍କ ଶିକ୍ଷା ହିଁ ଦେଶର ଗଣତନ୍ତ୍ରକୁ ସୁରକ୍ଷିତ ରହିପାରିବ ବୋଲି କହିଥିଲେ। ବଲାଙ୍ଗୀର ପବ୍ଲିକ ସ୍କୁଲର ସର୍ବାଙ୍ଗିନ ବିକାଶକୁ ନେଇ ପରିଚାଳନା କମିଟିକୁ ଅଭିନନ୍ଦନ ଜଣାଇବା ସହ ନାରୀ ଶିକ୍ଷା ଦିଗରେ ନାମଲେଖା ପାଇଁ ସ୍କୁଲ ତରଫରୁ ୩୩% ସିଟ ସଂରକ୍ଷଣ ରଖିବା ପାଇଁ ପ୍ରସ୍ତାବ ଦେଇଥିଲେ। ଦଶମ ଶ୍ରେଣୀ ରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ରଖିଥିବା ଛାତ୍ରୀ ମୁକ୍ତାରାଣୀ ସାହୁ, ସରନ୍ୟା ରେଡ୍ଡି, ନିଶିତା ନାୟକ, ପ୍ରମୁଖ ନାଗ, ଆରଜୁ ରଣା, ପ୍ରିୟାଂଶ ପଣ୍ଡା, ସଲୋନି ନାୟକ, ଆଦ୍ୟାଶା ସାହୁ, ଦେବଦର୍ଶିନି ସାହାଣି, ଶ୍ରିତମ ପଟେଲ, ଅରୋଶ୍ରୀ ମିଶ୍ରଙ୍କୁ ମୁଖ୍ୟ ଅତିଥି ଶ୍ରୀ ମିଶ୍ର ଉପଢ୍ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଠିକ୍ ସେହିପରି ଯୁକ୍ତ ଦୁଇ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ମାର୍କ ରଖି ପାସ କରିଥିବା ଛାତ୍ର କୌଶିକ କୁମାର ସାହୁ, ସାହିଲ କୁମାର ଦାଶ, ପୌଲମି ଯୋଷୀ, ବିଶ୍ୱଜିତ ସାହୁ, ଆଦର୍ଶ ଦାଶ, ବିନୟ ମେହେର, ଅନନ୍ୟା ପଣ୍ଡା, ଆର୍ଯ୍ୟଶ୍ଳୋକ ମୁଣ୍ଡ, ସିଦ୍ଧାର୍ଥ ଲେଙ୍କା, ଜ୍ୟୋତି ପ୍ରକାଶ ଭୋଇ, ସ୍ୱାଗତ ପ୍ରଧାନ, ଶ୍ଳୋକ ସୌରଭ ସାହୁ, ଗୌରୀ ବେହେରା ଓ ମୁକ୍ତିସୁଧା ପାତ୍ରଙ୍କୁ ଉପଢ୍ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜିର ସହି ସମ୍ବର୍ଦ୍ଧନା ସଭା ପୂର୍ବରୁ ବଲାଙ୍ଗୀର ପବ୍ଲିକ ସ୍କୁଲର ୧୨ଟି ଶ୍ରେଣୀ କୋଠରୀ ଥିବା ଏକ ତିନି ତଳ କୋଠାର ଉଦ୍‌ଘାଟନ ମୁଖ୍ୟ ଅତିଥି ଶ୍ରୀ ମିଶ୍ରଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଶ୍ରୀ ମିଶ୍ରଙ୍କ ବ୍ୟତିତ ସ୍କୁଲ ପରିଚାଳନା କମିଟି ସଭାପତି ବିରେନ୍ଦ୍ର କୁମାର ମିଶ୍ର, ସଂପାଦକ ଗୋପାଳ କୃଷ୍ଣ ସିଂଦେଓ, ସଭ୍ୟ ଶିରିଶ ଚନ୍ଦ୍ର ହୋତା, ବାଦଲ ମହାକୁର, ସ୍କୁଲ ଅଧ୍ୟକ୍ଷ ସତିଶ ପ୍ରଧାନ, ହରେକୃଷ୍ଣ ନାଏକ ପ୍ରମୁଖ ନାଏକ ପ୍ରମୁଖ ମଂଚାସିନ ଥିଲେ।

# ଗାଁରେ ସରକାରୀ ଯୋଜନାର ସ୍ଥିତି ଅନୁଧ୍ୟାନ କଲେ ସଚିବ ବି. ପରମେଶ୍ୱରନ

ଜୟପୁର, ୨୪/୦୫ (ନି.ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର କମିଶନର ତଥା ସଚିବ ବି. ପରମେଶ୍ୱରନ ଆଜି କୋରାପୁଟ ବ୍ଲକ ଅନ୍ତର୍ଗତ ମେଣ୍ଡାଗୁଡ଼ା ଓ ପଡେଇଗୁଡ଼ା ଆଦିବାସୀ ଗ୍ରାମ ଗସ୍ତ କରି ସରକାରୀ ସୁବିଧା ଓ ଜୀବିକା କାର୍ଯ୍ୟକ୍ରମର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଶ୍ରୀ ପରମେଶ୍ୱରନ ଗ୍ରାମବାସୀଙ୍କ ସହ ସିଧାସଳଖ ଆଲୋଚନା କରି ଶିକ୍ଷା, କୃଷି ପାଇଁ ଜଳସେଚନ, ପାନୀୟ ଜଳ, ଋତୁକାଳୀନ ଫସଲ ଓ ଜୀବିକାର ଉପଲବ୍ଧତା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ଋଣ, ପୁଞ୍ଜି ନିବେଶ ଓ ଆୟ, ଏବଂ କ୍ଲଷ୍ଟର ସ୍ତରରେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନର କାର୍ଯ୍ୟାନ୍ୱୟନ ତଥା କୃଷି ଓ କ୍ଷୁଦ୍ର ଉଦ୍ୟୋଗରୁ ମିଳୁଥିବା ଫଳାଫଳର ସମୀକ୍ଷା କରିଥିଲେ। ସେ ନିକଟସ୍ଥ ଗ୍ରାମ ଓ ଜିଲ୍ଲା ସଦରରେ ଉତ୍ପାଦିତ ସାମଗ୍ରୀ ପାଇଁ ଉପଲବ୍ଧ ବଜାର ସୁବିଧା ସମ୍ପର୍କରେ ମଧ ଆଲୋଚନା କରିଥିଲେ। ଗସ୍ତ ଅବସରରେ କମିଶନର-ତଥା-ସଚିବ ମେଣ୍ଡାଗୁଡ଼ା କ୍ଲଷ୍ଟରରେ ଯୁବ ଲକ୍ଷ୍ୟ କାର୍ଯ୍ୟକ୍ରମ ଅନ୍ତର୍ଗତ ରତିରାମ ପୂଜାରୀଙ୍କ କମ୍ପ୍ୟୁଟର ୟୁନିଟ ପରିଦର୍ଶନ କରିଥିଲେ। ଆଦିବାସୀ ଯୁବକମାନେ ସୂଚନା ପ୍ରଯୁକ୍ତି ମାଧ୍ୟମରେ କିପରି ଆତ୍ମନିର୍ଭରଶୀଳ ହେଉଛନ୍ତି, ତାହା ସେ ଅନୁଧ୍ୟାନ କରିଥିଲେ। ଶ୍ରୀ ପରମେଶ୍ୱରନ କହିଥିଲେ ଯେ, 'ସରକାରଙ୍କ ସମସ୍ତ ଯୋଜନା ଶେଷ ବ୍ୟକ୍ତି ପାଖରେ ପହଂଚିବା ଲକ୍ଷ୍ୟ। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଆଦିବାସୀ ଅଂଚଳରେ ଜୀବିକାର ସ୍ଥାୟୀ ବିକଳ୍ପ ସୃଷ୍ଟି କରାଯିବ।'

ସୋମବାର, ମଇ ୨୫, ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

ବସ୍ତା ୨୪/୫(ନିପ୍ର):ବସ୍ତା ବ୍ଲକ ଅନ୍ତର୍ଗତ ନଟାକଟା ପଞ୍ଚାୟତ ସ୍ଥିତ ଅମର୍ଦାରୋଡ ସିଦ୍ଧେଶ୍ୱର ମହାବିଦ୍ୟାଳୟର ଛାତ୍ର ବିଶ୍ୱନାଥ ବେହେରା ୫୪୬(୯୧%) ନମ୍ବର ରଖି ବସ୍ତା ବ୍ଲକର ଟପ୍ପର ସମ୍ମାନ ଅର୍ଜନ କରିଛନ୍ତି।ସେ ଅମର୍ଦାରୋଡ ସିଦ୍ଧେଶ୍ୱର ମହାବିଦ୍ୟାଳୟ ପରୀକ୍ଷା ଦେଇଥିବା ବେଳେ ମୋଟ ୬୦୦ ନମ୍ବରରୁ ୫୪୬ ନମ୍ବର ରଖି ବସ୍ତା ବ୍ଲକର ଟପ୍ପର ସମ୍ମାନ ଅର୍ଜନ କରିଛନ୍ତି। ଆଜି ଡିଭାଇନ ଏଞ୍ଜେଲ ଟ୍ୟୁଟରାଲ ପରିସରରେ ତାଙ୍କୁ ସମ୍ବର୍ଦ୍ଧନା କରିଛନ୍ତି।ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା।ଉକ୍ତ ସଭାରେ କବି ତଥା ସାହିତ୍ୟ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ମହାଳିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଡିଭା ଇନା ଏଞ୍ଜେଲ ଟ୍ୟୁଟରାଲର ମୁଖ୍ୟ ରବୀନ୍ଦ୍ର କୁମାର ପାଣିଗ୍ରାହୀ ଯୋଗ ଦେଇ କେମେଷ୍ଟ୍ରୀ ୯୪% ଓ ମେଥମେଟିକସରେ ୯୪%, ପଦାର୍ଥ ବିଜ୍ଞାନରେ ୯୪% ବିଷୟରେ ସର୍ବୋଚ୍ଚ ନମ୍ବର ରଖି ବ୍ଲକର ଟପର ସମ୍ମାନଅର୍ଜନ କରିଥିବା ଛାତ୍ର ବିଶ୍ୱନାଥ ବେହେରାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।ଶ୍ରୀ ବେହେରା ଏକ ଗରିବ ପରିବାରର ଅମର୍ଦାରୋଡ ସିଦ୍ଧେଶ୍ୱର ମହାବିଦ୍ୟାଳୟରୁ ପାଠ ପଢି ସର୍ବୋଚ୍ଚ ନମ୍ବର ରଖି ପରିବାର,ଡିଭାଇନ ଏଞ୍ଜେଲ ଟ୍ୟୁଟେରିଆଲ,ସିଦ୍ଧେଶ୍ୱର ମହାବିଦ୍ୟାଳୟ,ତାଙ୍କ ଗାଁ ଭଗିରଥପୁର ଓ ଅମର୍ଦାରୋଡ ମାଟିକୁ ଗର୍ବଗୌରବାନ୍ବିତ କରିଥିବାରୁ ତାଙ୍କର ଭବିଷ୍ୟତରେ ସେ ଆହୁରି ଆଗକୁ ନେବା ସହିତ ଶ୍ରୀ ପାଣିଗ୍ରାହୀ ଶୁଭ କାମନା ଜଣାଇଥିଲେ। ବସ୍ତା,ବାଲିଆପାଳ ଓ ଜଳେଶ୍ୱର ବ୍ଲକରେ ଟପ୍ପର ହୋଇଥିବାରୁ ଡ଼ିଭାଇନ ଇଞ୍ଜେଲ ଟ୍ୟୁଟରାଲର ଅଧ୍ୟାପିକା ଗଙ୍ଗା ରାଣୀ ମଣ୍ଡଳ,ଅଧ୍ୟାପକ ଆନନ୍ଦ ଦାସ,ଦେବାଶିଷ ରଣା,ମହେନ୍ଦ୍ର ପ୍ରଧାନ ଓ ନନ ଟିଚିଙ୍ଗ ଷ୍ଟାଫ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ବେହେରାଙ୍କ ଶୁଭ କାମନା ଜଣାଇଥିଲେ। ଶ୍ରୀ ବେହେରାଙ୍କୁ ପଚାରିବାରୁ ସେ ଡ଼ାକ୍ତର ହୋଇ ଦେଶର ସେବା କରିବାକୁ ଇଛା ପ୍ରକାଶ କରିବା ସହ ବାପା ଓ ମା,ମହାବିଦ୍ୟାଳୟର ଅଧକ୍ଷା, ଅଧ୍ୟାପକ/ଅଧ୍ୟାପିକା ଏବଂ ଟ୍ୟୁଟରାଲ ସମସ୍ତ ଅଧ୍ୟାପକ/ଅଧ୍ୟାପିକାଙ୍କୁ ଶ୍ରେୟ ଦେଇଛନ୍ତି।

## ସାମାଜିକ ସୁରକ୍ଷାରୁ ବଂଚିତ ମାଙ୍କିଡ଼ିଆ ଜନଜାତିର ବିଧବା ମା' 'ଚୁଡ଼ାମଣି'



ଉଦଳା, ୨୪/୫ (ନି.ପ୍ର): କପ୍ତିପଦା ବ୍ଲକର ଜେ.ଏସ୍. ଜାମଡ଼ିହା ପଂଚାୟତ ଅନ୍ତର୍ଗତ ଦାମାସାହିସ୍ଥିତ ମାଙ୍କିଡ଼ିଆ କଲୋନିରେ ବସବାସ କରୁଥିବା ବିଧବା ମା' ଚୁଡ଼ାମଣି ମାଙ୍କିଡ଼ିଆ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ଏ ପର୍ଯ୍ୟନ୍ତ ପାଇପାରିନଥିବାର ଜଣାଇଛନ୍ତି । ତାଙ୍କର ସ୍ୱାମୀ ପହଲି ମାଙ୍କିଡ଼ିଆ ଙ୍କର ଆଜକୁ ୨ ବର୍ଷ ତଳେ ଦେହାନ୍ତ ହୋଇଯାଇଥିବା ବେଳେ, ଦିନମଜୁରିଆ ଭାବରେ କାମ କରି ଚୁଡ଼ାମଣି ତାଙ୍କର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ବୟସ ଅତିକ୍ରାନ୍ତ ହୋଇଯାଇଥିବାରୁ ଚୁଡ଼ାମଣି ଆଉ ଆଗଭଳି କାମ କରିପାରୁ ନାହାଁନ୍ତି । ଫଳରେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା କହିଛନ୍ତି । ଭତା ପାଇବା ପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ଚୁଡ଼ାମଣି ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି ତାଙ୍କର ଗୁହାରି ଶୁଣିନଥିବାର ଅଭିଯୋଗ କରିଛନ୍ତି । ଖଡ଼ିଆ, ମାଙ୍କିଡ଼ିଆ ଓ ଲୋଧା ଜନଜାତିର ଲୋକେ ମୟୂରଭଂଜରେ ସବୁଠାରୁ ଅଧିକ ଅବହେଳିତ ବୋଲି ସରକାର ଘୋଷଣା କରିଛନ୍ତି । ଏହି ଜନଜାତି ଲୋକଙ୍କର ସବୁପ୍ରକାର ସୁଖ ଦୁଃଖ ଅଗ୍ରାଧିକାର ଭିତିରେ ବୁଝାଯାଉଛି ବୋଲି ସରକାରୀ ବାବୁ ମାନେ ନିୟମିତ ଢ଼ୋଲ ପିଟିଚାଲିଛନ୍ତି । ଏସବୁଯେ କେବଳ ପ୍ରହସନ ତାହା ବୁଝିବାରେ କିଛି ଅସୁବିଧା ହେଉନାହିଁ । ବିଭାଗୀୟ କତୃପକ୍ଷ ଚୁଡ଼ାମଣିଙ୍କୁ ତୁରନ୍ତ ଭତା ପ୍ରଦାନ କରିବାକୁ ବହୁ ସ୍ୱେଚ୍ଛାସେବି ସଂଗଠନ ଦାବି ଜଣାଇଛନ୍ତି ।

## ଖୋର୍ଦ୍ଧାରେ ନବବଧୂଙ୍କ ହତ୍ୟା ଅଭିଯୋଗ

ଖୋର୍ଦ୍ଧା, ୨୪/୫ (ନି.ପ୍ର): ପାଦରୁ ଅଳତା ଲିଭିବା ଆଗରୁ ନବବଧୁର ଜୀବନ ଦୀପ ସବୁଦିନ ପାଇଁ ଲିଭିଗଲା। ଏଭଳି ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଅଧିନ ତରାପି ଗ୍ରାମରେ। ମୃତକ ପୁର୍ଣ୍ଣିମା ତରାଇଙ୍କ ବାପଘର ଘର ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ହରିପୁର ପଞ୍ଚାୟତ ଅଧିନ ପରବଳ ଗ୍ରାମରେ। ଗତ ୨୭/୪/୨୬ରେ ମୃତକ ତରାପି ଗ୍ରାମର ଗୁରୁଚରଣ ତରାଇଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ସବୁ ଠିକଠାକ ଥିବା ବେଳେ ଗତକାଲି ନବବଧୂ ଶାଶୂଘରେ ବେକରେ ରାଶି ଲଗାଇ ଆତ୍ମହତ୍ୟା କରିଥିବା ଶାଶୁ ଘର ଲୋକ କହୁଥିବା ବେଳେ ବାପଘର ଲୋକ ଅଭିଯୋଗ ଆଣିଛନ୍ତି ଝିଅକୁ ହତ୍ୟା କରିଛନ୍ତି ସ୍ୱାମୀର ପରିବାର ଲୋକେ । ଟାଙ୍ଗୀ ପୋଲିସ ସହିତ ଖୋର୍ଦ୍ଧା ରୁ ଆସିଥିବା ସାଇଣ୍ଟିଫିକ ଟିମ ତଦନ୍ତ ଆରମ୍ଭ କରିଛି। ଅନ୍ୟ ପଟେ କାନ୍ଦ ବୋବାଳିରେ ଫାଟି ପଡୁଛି ଗାଁ ଦାଣ୍ଡ। ନବବଧୂ ଙ୍କ ଅଭିଯୋଗ ଝିଅକୁ ମାରି ଟଙ୍ଗେଇ ଦେଇଛନ୍ତି। ଏଣୁ ପୋଲିସ ସଠିକ ତଦନ୍ତ କରି ଦୋଷୀକୁ କଠୋର ଦଣ୍ଡ ଦେବାକୁ ଦାବି କରିଛନ୍ତି ଝିଅର ପରିବାର ଓ ଗ୍ରାମବାସୀ।

## ଲୋକଙ୍କୁ ଦହିସରବତ ବଣ୍ଟନ କଲେ ଫଟୋଗ୍ରାଫର ସଂଘ



ଖଇରା, ୨୪/୫ (ନି.ପ୍ର): ବର୍ତ୍ତମାନ ଖଇରାରେ ତାପମାତ୍ରା ୪୦ଡିଗ୍ରୀ ଛୁଇଁ ଥିବା ବେଳେ ଖଇରା-ଔ ପଦା ଫଟୋଗ୍ରାଫର ସଂଘ ପକ୍ଷରୁ ଗୁରୁବାର ଦହିସରବତ ବଣ୍ଟନ କରାଯାଇଛି । ସୋର-କୁପାରୀ ରାସ୍ତାର ଖଇରା ବ୍ଲକ ଛକ ନିକଟରେ ସଂଘର ସଭାପତି ସ୍ୱରୂପାନନ୍ଦ ରାଉଳ,ସମ୍ପାଦକ ରଞ୍ଜନ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ୱବଧାବରେ ସଦସ୍ୟ ଲମ୍ବୋଦର ରାଉଳ,ବିଜୟ ସ, ରଞ୍ଜିତ ପୃଷ୍ଟି,ବୁଲୁ ପଣ୍ଡା, ସୁର୍ଯ୍ୟକାନ୍ତ ଦାସ,ରଞ୍ଜନ ରାଉତଙ୍କ ସମେତ ଅନ୍ୟ ସଦସ୍ୟଗଣ ରାସ୍ତାରେ ଯାଉଥିବା ଯାତ୍ରୀ ମାନଙ୍କୁ ଦହିସରବତ ପିଆଇ ପ୍ରସଂସା ସାଉଁଟିଥିଲେ ।

## ଯୁକ୍ତ ୨ବିଜ୍ଞାନରେ କଲାମ କୋଚିଙ୍ଗ ସେଣ୍ଟର ଶତପ୍ରତିଶତ ସଫଳତା




ବସ୍ତା , ୨୪/୫ (ନି.ପ୍ର):ବସ୍ତା ବ୍ଲକ ଅନ୍ତର୍ଗତ ଅମର୍ଦାରୋଡ ନଟାକଟା ପଞ୍ଚାୟତର ବସନ୍ତପୁର ଗ୍ରାମ ସ୍ଥିତ କାଲାମ କୋଚିଙ୍ଗ ସେଣ୍ଟରର ଶତପ୍ରତିଶତ ସଫଳତା ହାସଲ କରିଛି। ଏହି ସେଣ୍ଟର ବିଜ୍ଞାନରେ ସମୁଦାୟ ୭୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଉନ୍ମମଧ୍ୟରୁ ୭୦ ଜଣ ପରୀକ୍ଷାର୍ଥୀ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଥିବା ବେଳେ କଲ୍ୟାଣୀ ସାହୁ ୬୦୦ ମାର୍କରୁ ୫୫୮ ମାର୍କ ରଖି ପ୍ରଥମ ହୋଇଥିବା ବେଳେ ବନିତା ପାଲ ୬୦୦ ରୁ ୫୫୫ ରଖି ୨ ସ୍ଥାନ ଅଧିକାର କରିଛନ୍ତି। ସେହିପରି ୨୩ ଜଣ ଛାତ୍ର/ଛାତ୍ରୀ କୋଚିଙ୍ଗ। କୋଚିଙ୍ଗ ସେଣ୍ଟର,ଗାଁ ଓ କଲେଜକୁ ଗର୍ବଗୌରାବନିତ କରିଥିବାରୁ ଛାତ୍ର/ଛାତ୍ରୀଙ୍କୁ ଶୁଭକାମନା ଜଣାଇଛନ୍ତି କାଲାମ କୋଚିଙ୍ଗ ସେଣ୍ଟରର ସଭାପତି ଶ୍ରୀ ପଣ୍ଡା। ତେବେ କୋଚିଙ୍ଗ ସେଣ୍ଟରର ପରିଚାଳନା କମିଟି ସଭାପତି ଶୁଭ୍ରାଂଶୁ ଶେଖର ପଣ୍ଡା, ସୁମନ୍ତ ବାରିକ, ସେକ ଆଜାରୁଦ୍ଦିନ, ବିଜୟ ସେନାପତି, ହରିହର ବେହେରା, ରଜନି କାନ୍ତ ଜେନା, ପ୍ରିୟବ୍ରତ ବେହେରା ଓ କୋଚିଙ୍ଗ ସେଣ୍ଟର ଅଧ୍ୟାପକ ପ୍ରବୀର ଭୂୟାଁ, ବିଜୟ ସେନାପତି କନେହି ମହାନ୍ତି ସମେତ ସମସ୍ତ ଅଧ୍ୟାପକ କୃତି ଛାତ୍ର/ଛାତ୍ରୀଙ୍କୁ ଶୁଭକାମନା ଜଣାଇବା ସହ ଭବିଷ୍ୟତରେ ସେମାନେ ଆହୁରି ଆଗକୁ ଯାଆନ୍ତୁ ବୋଲି ପ୍ରକାଶ କରିଛନ୍ତି।

## ବନ୍ଧୁ ମିଳନ ଓ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ



ବାସୁଦେବପୁର , ୨୪/୫ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବାରା ପୁର ଶହୀଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ୨୦୦୬ରୁ ୨୦୦୮ ମସିହା ବ୍ୟାଚ ଯୁକ୍ତ ଦୁଇର ପୁରାତନ ଛାତ୍ର ଛାତ୍ରୀ ମାନଙ୍କ ପକ୍ଷରୁ ଏକ ବନ୍ଧୁ ମିଳନ ଓ ଗୁରୁ ପୂଜନ କାର୍ଯ୍ୟକ୍ରମ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ଅଧ୍ୟାପକ ବ୍ରଜ ମୋହନ ଦାସ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ତଥା ବିଶିଷ୍ଟ କବି କାଳୀପଦ ପଣ୍ଡା,ବାସୁଦେବପୁର ବ୍ଲକ ସହ ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକ, ମୀନା କୁମାରୀ ଅଗସ୍ତି, ପ୍ରଫୁଲ୍ଲ କୁମାର ଗୋଛାୟତ, ଅମୀୟ ପାଣିଗ୍ରାହୀ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ବିଭିନ୍ନ ଶିକ୍ଷକ ଶିକ୍ଷୟତ୍ରୀ ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ସୁନିଲ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଅଧ୍ୟାପକ ପ୍ରତାପ କୁମାର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ପୁରାତନ ଛାତ୍ର ଛାତ୍ରୀ ପ୍ରଭାକର ବେହେରା, ରୋଜି ପ୍ରଧାନ, ସତ୍ୟଭାମା ସେଠୀ, ଗଣେଶ ଚନ୍ଦ୍ର ମଲ୍ଲିକ, ମମତା ପାଣିଗ୍ରାହୀ, ବିନୋଦିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଚେନ୍ନାଇରେ 'ଉତ୍କଳ ଆସୋସିଏସନ ଅଫ୍ ମାଡ୍ରାସ'ର ୯୦ତମ ଉତ୍କଳ ଦିବସ ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ, ୨୪/୫: ଇତିହାସ ହେଉଛି ଭବିଷ୍ୟତ ପଥରେ ଆଗକୁ ବଢ଼ିବାର ଏକ ଦର୍ପଣ ; ତେଣୁ କଳିଙ୍ଗର ସମୃଦ୍ଧ ନୌବାଣିଜ୍ୟ ପରମ୍ପରା ଓ ଗୌରବୋଜ୍ଜଳ ଅତୀତରୁ ପ୍ରେରଣା ନେଇ ଆମକୁ ଭବିଷ୍ୟତର ଓଡ଼ିଶା ଗଠନ ପାଇଁ ଏକ ସ୍ୱତନ୍ତ୍ର ସେତୁବନ୍ଧ ନିର୍ମାଣ କରିବାକୁ ହେବ ବୋଲି ରବିବାର ତାମିଲନାଡୁର ସାଂସ୍କୃତିକ ପ୍ରାଣକେନ୍ଦ୍ର ଚେନ୍ନାଇ ଠାରେ 'ଉତ୍କଳ ଆସୋସିଏସନ ଅଫ୍ ମାଡ୍ରାସ'ର ୯୦ତମ ଉତ୍କଳ ଦିବସ ସମାରୋହ ଓ ବାର୍ଷିକ ଉତ୍ସବରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । କାର ?ୟକ୍ରମରେ ଅଭିଭାଷଣ ଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ତାମିଲନାଡୁର ତାମିଲ ଏବଂ ଓଡ଼ିଶାର ଓଡ଼ିଆ - ଉଭୟ ଭାଷା ଭାରତର ଅତି ସମୃଦ୍ଧ ଶାସ୍ତ୍ରୀୟ ଭାଷା । ତାମିଲନାଡୁ ଯେପରି ଜ୍ଞାନ, ବିଜ୍ଞାନ, ଭାଷା ଓ ପ୍ରାଚୀନ ସଭ୍ୟତାର ଏକ ଅନନ୍ୟ ଭଣ୍ଡାର, ଆମ ଓଡ଼ିଶା ମଧ ସେହିପରି ସଂସ୍କୃତି, ଅଧ୍ୟାତ୍ମ ଓ କଳା-ଭାସ୍କର୍ଯ୍ୟର ଏକ ସମୃଦ୍ଧ କେନ୍ଦ୍ରସ୍ଥଳୀ । ତେବେ ଆଜି ମଧ ଜ୍ଞାନ ଏବଂ କର୍ମର ସେହି ପ୍ରାଚୀନ ସେତୁ ଆଦୌ ଦୁର୍ବଳ ହୋଇନାହିଁ । ଚେନ୍ନାଇ ସହରରେ ବସବାସ କରୁଥିବା ପ୍ରିୟ ପ୍ରବାସୀ ଓଡ଼ିଆ ଭାଇ ଓ ଭଉଣୀମାନଙ୍କ ଜରିଆରେ ଏହି ସମ୍ପର୍କ ଅଧିକ ଉଜାଗର ହୋଇଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ୧୯୩୬ ମସିହାରେ ଓଡ଼ିଶା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଗଠିତ ହୋଇଥିଲା। ଆଉ ୧୦ ବର୍ଷ ପରେ ଅର୍ଥାତ୍ ୨୦୩୬ରେ ଆମେ ଏହାର ୧୦୦ ବର୍ଷ ପାଳନ କରିବାକୁ ଯାଉଛୁ। ଆଗାମୀ ୧୦ ବର୍ଷ ଆମ ଜାତି ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଏହି ସମୟରେ ଓଡ଼ିଆ ଭାଷା, ଜାତି, ଅସ୍ମିତା ଓ ସ୍ୱାଭିମାନକୁ ନୂତନ ଉଚ୍ଚତାକୁ ନେବା ପାଇଁ ଆମର ଦାୟିତ୍ୱ ଆହୁରି ବଢ଼ିଯାଇଛି। ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ହେଲେ ମହାପ୍ରଭୁଙ୍କ ଆଶୀର୍ବାଦରେ ଓଡ଼ିଶାକୁ ଦେଶର ସବୁଠାରୁ ପ୍ରଭାବଶାଳୀ ଅର୍ଥନୀତି ଭାବେ ଗଢ଼ିବାକୁ ହେବ। ସେହିପରି ଅତୀତର ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇ ସେ କହିଛନ୍ତି ଯେ, ଆମର ପୂର୍ବଜ ତଥା ଓଡ଼ିଶାର ସାଧବ ପୁଅମାନେ ବୋଇତ ଧରି ଦକ୍ଷିଣ ସମୁଦ୍ର ଦେଇ ଯେତେବେଳେ ନୌବାଣିଜ୍ୟ ପାଇଁ ଯାତ୍ରା କରୁଥିଲେ, ସେତେବେଳେ ତାମିଲନାଡୁର ଉପକୂଳ ହିଁ ସେମାନଙ୍କର ସବୁଠାରୁ ପ୍ରମୁଖ କେନ୍ଦ୍ର ଥିଲା। ଏହି ସମ୍ପର୍କ କୌଣସି ନୂଆ ସମ୍ପର୍କ ନୁହେଁ, ଏହା ଆମ ରକ୍ତରେ ଅଛି, ଆମ ଇତିହାସର ପୃଷ୍ଠାରେ ଅଛି । ଆମକୁ କେବଳ ଅତୀତର ସ୍ମୃତିରେ ନବଞ୍ଚି, ଇତିହାସରୁ ପ୍ରେରଣା ନେଇ ଆଗକୁ ବଢ଼ିବାକୁ ହେବ । ରାଷ୍ଟ୍ର ନିର୍ମାଣର ଏହି ମହାନ ସେତୁବନ୍ଧରେ କୋଣାର୍କ ସୂର୍ଯ୍ୟ ମନ୍ଦିର ପାଇଁ ମୁକ୍ତି ମାରିଥିବା ଧର୍ମପଦ ଭଳି ଆମ ସମସ୍ତଙ୍କୁ ନିଜର ଅବଦାନ ଦେବାକୁ ପଡ଼ିବ । ୨୦୩୬ର ସେହି ଶତାବ୍ଦୀ ବର୍ଷର ଲକ୍ଷ୍ୟକୁ ଆଖିରେ ରଖି ଏକ ବୈଜ୍ଞାନିକ ସେତୁବନ୍ଧ ନିର୍ମାଣର ନେତୃତ୍ୱ ଏହି ତାମିଲନାଡୁ ମାଟିରୁ ହିଁ ଆରମ୍ଭ ହେଉ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଏହି ଗସ୍ତ କାଳରେ କେନ୍ଦ୍ରମନ୍ତ୍ରୀ 'ଉତ୍କଳ ସେବା ସଦନ'ର ଭୂମିପୂଜନ କରିବା ସହ ଏହି ଅନୁଷ୍ଠାନ ଓଡ଼ିଆ ଜାତି ପାଇଁ ସମାଜ ବିକାଶର ଏକ ପ୍ରୟୋଗଶାଳା ହେବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ, ଓଡ଼ିଆ ସମାଜ ଏକ ଦାୟିତ୍ୱସମ୍ପନ୍ନ ଓ ଆଧାତ୍ମିକ ସମାଜ । ସମ୍ପନ୍ନ ହେବା ପରେ କେବଳ ନିଜ କଥା ନଭାବି ସମାଜର ଗରିବ ଓ ଅସହାୟ ଲୋକଙ୍କ ଚିନ୍ତା କରିବା ଆମର ସଂସ୍କୃତି । 'ନର ସେବା ହିଁ ନାରାୟଣ ସେବା'ର ବିଚାର ନେଇ ଉତ୍କଳମଣି ଗୋପବନ୍ଧୁ ଦାସ, ବୀର ସୁରେନ୍ଦ୍ର ସାଏ ଓ ବକ୍ସି ଜଗବନ୍ଧୁଙ୍କ ଭଳି ମହାପୁରୁଷମାନେ ସର୍ବସ୍ୱ ତ୍ୟାଗ କରିଥିଲେ । ଶେଷରେ ଶ୍ରୀ ପ୍ରଧାନ ଓଡ଼ିଆ ସମାଜକୁ ଅଧିକ ସାହସୀ, ସ୍ୱାଭିମାନୀ, ପରିଶ୍ରମୀ ଏବଂ ଆତ୍ମବିଶ୍ୱାସୀ ହେବାକୁ ଆହ୍ୱାନ ଦେଇଛନ୍ତି। ଆଇଆଇଟି ମାଡ୍ରାସ ସହଯୋଗରେ ଓଡ଼ିଶାର ଗୌରବ କୋଣାର୍କ ମନ୍ଦିର ଏବଂ ଦେବଗଡ଼ ପ୍ୟାଲେସର ସଂରକ୍ଷଣ ଓ ପୁନରୁଦ୍ଧାର କାର୍ଯ୍ୟ ଚାଲୁ ରହିଥିବାରୁ ସେ ସନ୍ତୋଷ ପ୍ରକାଶ କରିଛନ୍ତି।

## ଅଡାରେ ନାରୀ ଅଧିକାର ଅଭିଯାନ ସମାବେଶ




ଖଇରା, ୨୪/୫ (ନି.ପ୍ର): ବାଲେଶ୍ୱର ଜିଲାର ଖଇରା ସିମୁଳିଆ ସୀମାନ୍ତ ବର୍ତ୍ତୀ ଅଡା କାଳିମଣ୍ଡପ ନିକଟରେ ଅନୁଷ୍ଠିତ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବିଜେଡି ମହିଳା ସମାବେଶରେ ରାଜ୍ୟ ମହିଳା ସଭାପତି ସ୍ନେହାଙ୍ଗୀନୀ ଛୁରିଆ ଯୋଗ ଦେଇ ବକ୍ତବ୍ୟରେ ବିଜୁବାବୁଙ୍କ ସ୍ୱପ୍ନ ଗାଁକୁ କାମ ମାଙ୍କୁ ସମ୍ମାନ ସ୍ଲୋଗାନକୁ କୁ ପାଥେୟ କରି ନବୀନ ବାବୁ ଆଉ ୨ପାଦ ଆଗକୁ ନେଇ ସେମାନଙ୍କ ପାଇଁ ପଞ୍ଚାୟତିରାଜ ଶାସନ ବ୍ୟାବସ୍ଥାରେ ୫୦ ପ୍ରତିଶତ ସଂରକ୍ଷଣ ଦେଇଥିଲେ । ମହିଳା ମାନଙ୍କୁ ପ୍ରଶିକ୍ଷଣ ପାଇଁ ଉଡାଜାହାଜରେ ଦୁବାଇ ପଠାଇଥିଲେ । ହେଲେ ବର୍ତ୍ତମାନର ମୋହନ ସରକାର ନିର୍ବାଚନ ବେଳର ସବୁ ପ୍ରତିଶୃତି ଭୁଲି ମହିଳା ଙ୍କୁ କିଛି ଟଙ୍କା ଦେଇ ଛେଳି ଚରାଇବାକୁ ପ୍ରୋତ୍ସାହିତ କରୁଛନ୍ତି। ଏଣୁ ମୋହନ ସରକାର ଅମଳରେ ମହିଳାଙ୍କ ଅଧିକାର କ୍ଷୁର୍ଣ୍ଣ ହୋଇଛି ବୋଲି ପ୍ରକାଶ କରିଛନ୍ତି । ରବିବାର ବିଜେଡି ବ୍ଲକ ମହିଳା ସଭାପତି ଜୟନ୍ତୀ ମହଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ସଭାପତିଙ୍କ ବ୍ୟତିତବିଜେଡି ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର,ସୋର ବିଧାୟକ ମାଧବ ଧଡା, ନିଳଗିରିର ପୁର୍ବତନ ବିଧାୟକ ସୁକାନ୍ତ ନାୟକ, ପ୍ରାକ୍ତନ ସଦର ବିଧାୟକ ସ୍ୱରୁପ ଦାସ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ପରିଡା, ପୁର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାଶ, ବସ୍ତା ବିଜେଡି ମୁଖ୍ୟ ମହାଦେବ ଦାସ ପ୍ରମୁଖ ଯୋଗଦେଇ ବିଜେପି ସରକାର ଅମଳରେ ପ୍ରତ୍ୟେକ ଦିନ ବିଚ ରାସ୍ତାରେ ମହିଳାଙ୍କୁ ନିର୍ଯ୍ୟାତନା ମିଳୁଛି ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଛି । ଆଗାମୀ ପଞ୍ଚାୟତ ନିର୍ବାଚନ ସେମାନଙ୍କୁ ଏହାର ଜବାବ ଦେବାର ସମୟ ଆସିଛି ବୋଲି ପ୍ରକାଶ କରିଥିଲେ । ଉକ୍ତ ସଭାରେ ପୁର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଉର୍ମିଳତା ଦାସ, ଜିଲା ପରିଷଦ ସଦସ୍ୟା ସୁଷମା ମହାପାତ୍ର, ରଶ୍ମିତା ମହାପାତ୍ର ଓ ସାବିତ୍ରୀ ପାଢ଼ୀ, ଜୟନ୍ତୀ ପତି, ସିମୁଳିଆ ବ୍ଲକ ମହିଳା ସଭାପତି ସୌଦାମିନ ଜେନା,ମଧୁଛନ୍ଦା ମହାପାତ୍ର, ରେମୁଣା ବିଧାୟିକା ପ୍ରାର୍ଥନୀ ବିଦ୍ୟାସ୍ମିତା ମହାଳିକ, ବିଷ୍ଣୁପ୍ରିୟା ବୁଗୁଡେଇ, ସ୍ଥାନୀୟ ସରପଞ୍ଚ ମନ୍ଦାକିନୀ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ । ଖଇରା ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ଦାସ ଓ ସିମୁଳିଆ ବ୍ଲକ ସଭାପତି ସମସ୍ତ କାର୍ଯ୍ୟର ସଂଯୋଜନା କରିଥିଲେ । ପ୍ରଥମେ ମହିଳାଙ୍କ ର ବିଶାଳ ଶୋଭାଯାତ୍ରା ମେଡିକାଲ ନିକଟରୁ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ମଞ୍ଚ ନିକଟକୁ ଆସିଥିଲା ।

## ସିଣ୍ଟର ପ୍ଲାଣ୍ଟ-୩ରେ ଅଭିନବ ପ୍ରୟାସ: ସେଲ୍, ରାଉରକେଲା ଇସ୍ପାତ କାରଖାନାର କାର୍ଯ୍ୟକ୍ଷମ ବିଶ୍ୱସନୀୟତା ଏବଂ ଦକ୍ଷତା ବୃଦ୍ଧି

ରାଉରକେଲା, ୨୪/୫ (ନି.ପ୍ର): କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ସ୍ଥାୟୀ ରକ୍ଷଣାବେକ୍ଷଣ ପ୍ରଣାଳୀ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ସେଲ୍‌ର ରାଉରକେଲା ଇସ୍ପାତ କାରଖାନା ର ସିଣ୍ଟର ପ୍ଲାଣ୍ଟ-୩ ପକ୍ଷରୁ ପ୍ରତ୍ୟେକ ୱିଣ୍ଡ୍ ମେନ୍ ସ୍ଲିଲେଜ୍ ହପର୍ ପାଇଁ ପୃଥକ ଡବଲ୍ କୋନ୍ ଡାଇଭର୍ଟର ଭାଲ୍ଭ ସ୍ଥାପନ କରି ଏକ ଅଭିନବ ପ୍ରୟାସ ସଫଳତାର ସହ କାର୍ଯ୍ୟକାରୀ କରାଯାଇଛି। ସ୍ଲିଲେଜ୍ ହ୍ୟାଣ୍ଡଲିଂ ସିଷ୍ଟମର ଦକ୍ଷତା ଓ ବିଶ୍ୱସନୀୟତାକୁ ସୁଧାରିବା ସହିତ ସିଷ୍ଟମରେ ସକ୍ସନ୍ ଲସ୍ କୁ ଯଥେଷ୍ଟ ହ୍ରାସ କରିବା ପାଇଁ ଏହି ପ୍ରଦକ୍ଷେପ ନିଆଯାଇଛି। ପୂର୍ବରୁ, ଦୁଇଟି ସ୍ଲିଲେଜ୍ ହପର୍ ସହିତ ଗୋଟିଏ ମାତ୍ର ଡି.ସି.ଡି.ଭି. ସଂଯୁକ୍ତ ହୋଇଥିଲା, ଯାହା ଫଳରେ ତୀକ୍ଷ୍ଣ ମୋଡ଼ ଏବଂ ଏକାଧିକ ମଧ୍ୟବର୍ତ୍ତୀ ସେକ୍ସନ୍ ବିଶିଷ୍ଟ ଲମ୍ବା ସ୍ଲିଲେଜ୍ ଲେଗ୍ସ ସୃଷ୍ଟି ହେଉଥିଲା। ଏହି ବ୍ୟବସ୍ଥା ଯୋଗୁଁ ପ୍ରାୟତଃ ଅତ୍ୟଧିକ କ୍ଷୟକ୍ଷତି, ସକ୍ସନ୍ ଲସ୍, ସ୍ଲିଲେଜ୍ ଲେଗ୍ସ ଜାମ୍ ହେବା ଏବଂ ସାମଗ୍ରୀ ଜମା ହୋଇ ରହିବା ଭଳି ସମସ୍ୟା ଦେଖାଯାଉଥିଲା, ଯାହାଫଳରେ ବାରମ୍ବାର କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିଲା ଏବଂ ସକ୍ସନ୍ ଲିକେଜ୍ ରୋକିବା ପାଇଁ ଅଧିକ ରକ୍ଷଣାବେକ୍ଷଣର ଆବଶ୍ୟକତା ପଡୁଥିଲା। ଏହି ସମସ୍ତ ଆହ୍ୱାନକୁ ଦୂର କରିବା ପାଇଁ, ନିକଟରେ ସିଣ୍ଟର ପ୍ଲାଣ୍ଟ-୩ ରେ ଦୁଇଟି ନୂତନ ସ୍ୱତନ୍ତ୍ର ଡି.ସି.ଡି.ଭି. ସଫଳତାର ସହ ସ୍ଥାପନ କରାଯାଇଛି। ଏହି ନୂତନ ବ୍ୟବସ୍ଥା ପରିବହନ ଲାଇନଗୁଡ଼ିକରେ ମୋଡ଼ ଏବଂ ମଧ୍ୟବର୍ତ୍ତୀ ସେକ୍ସନଗୁଡ଼ିକୁ ହ୍ରାସ କରି ସ୍ଲିଲେଜ୍ ହ୍ୟାଣ୍ଡଲିଂ ରୁଟ୍‌କୁ ଯଥେଷ୍ଟ ସରଳ କରିଦେଇଛି। ଏହାର ପରିଣାମ ସ୍ୱରୂପ, ବେଲ୍ଟ ସହିତ ସଂଯୁକ୍ତ ସ୍ଲିଲେଜ୍ ହ୍ୟାଣ୍ଡଲିଂ ସିଷ୍ଟମରେ ସାମଗ୍ରୀର ସହଜ ପ୍ରବାହ ସମ୍ଭବ ହୋଇଛି, ଚୋକିଂ ହ୍ରାସ ପାଇଛି ଏବଂ କାର୍ଯ୍ୟକ୍ଷମ ସ୍ଥିରତା ସୁଧାରିଛି। ଏହି ପଦକ୍ଷେପ ଦ୍ୱାରା ସକ୍ସନ୍ ଲସ୍‌ରେ ହ୍ରାସ, ଯନ୍ତ୍ରପାତିର କ୍ଷୟକ୍ଷତି କମିବା ଏବଂ ସିଷ୍ଟମର ବିଶ୍ୱସନୀୟତା ବୃଦ୍ଧି ଭଳି ଉତ୍ସାହଜନକ ପରିଣାମ ମିଳିସାରିଛି। ଏହା ଡାଉନ୍‌ଟାଇମ୍ ଏବଂ ରକ୍ଷଣାବେକ୍ଷଣ ହସ୍ତକ୍ଷେପକୁ ମଧ କମାଇଛି, ଯାହା ଫଳରେ ପ୍ଲାଣ୍ଟର ସାମଗ୍ରିକ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଛି। କାର୍ଯ୍ୟକ୍ଷମ ସୁବିଧା ବ୍ୟତୀତ, ଏହି ପ୍ରକଳ୍ପଟି କାର୍ଯ୍ୟକ୍ଷେତ୍ରର ସୁରକ୍ଷା ଏବଂ କାର୍ଯ୍ୟକ୍ଷମ ଅଞ୍ଚଳରେ ଉତ୍ତମ ହାଉସକିପିଂ ପରିସ୍ଥିତିରେ ମଧ ସହାୟକ ହେଉଛି। ସାମଗ୍ରୀ ଲିକେଜ୍ ଏବଂ ଚୋକିଂ ହ୍ରାସ ପାଇବା ଫଳରେ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ହାତରେ କରାଯାଉଥିବା ରକ୍ଷଣାବେକ୍ଷଣ କାର୍ଯ୍ୟ ସର୍ବନିମ୍ନ ହୋଇଛି ଏବଂ ସମ୍ପୂର୍ଣ୍ଣ ସିଷ୍ଟମରେ ସ୍ୱଚ୍ଛତା ମାନଦଣ୍ଡରେ ଉନ୍ନତି ଆସିଛି। ଏହି ସକାରାତ୍ମକ ପରିଣାମରେ ଉତ୍ସାହିତ ହୋଇ, ସିଣ୍ଟର ପ୍ଲାଣ୍ଟ-୩ ବର୍ତ୍ତମାନ ଆର୍ଥିକ ବର୍ଷ ୨୦୨୬-୨୭ ମଧ୍ୟରେ ଅବଶିଷ୍ଟ ସ୍ଲିଲେଜ୍ ହପର୍ ଗୁଡ଼ିକ ପାଇଁ ଆହୁରି ଆଠଟି ପୃଥକ ଡି.ସି.ଡି.ଭି. ସ୍ଥାପନ କରିବାକୁ ଯୋଜନା କରୁଛି। ଏହି ପ୍ରୟାସ ଦୀର୍ଘକାଳୀନ କାର୍ଯ୍ୟକ୍ଷମ ଏବଂ ରକ୍ଷଣାବେକ୍ଷଣ ସୁବିଧା ଆଣିଦେବ ବୋଲି ଆଶା କରାଯାଉଛି, ଯାହାଦ୍ୱାରା ସମ୍ପତ୍ତି ପରିଚାଳନା ପ୍ରଣାଳୀ ସୁଦୃଢ଼ ହେବ ଏବଂ କାରଖାନାର ଉତ୍ପାଦନ ଶକ୍ତି ବୃଦ୍ଧି ପାଇବ।

## ପୋଖରୀରେ ବୁଡି ଦୁଇ ଜଣଙ୍କ ମୃତ୍ୟୁ

ଗଞ୍ଜାମ, ୨୪/୫ (ନି.ପ୍ର): ଆଜି ସକାଳେ ବ୍ରହ୍ମପୁର ଆଙ୍କୁଲି ନୂଆ ପୋଖରୀରେ ଦୁଇ ଜଣ୍ବାଳକ ପହଁରୁ ଥିବା ସମୟରେ ବୁଡି ମୃତ୍ୟୁ ବରଣ କରିଛନ୍ତି। ଅଗ୍ନିଶମ ବାହିନୀ ପୋଖରୀରୁ ଦୁଇଜଣ ବାଳକକୁ ଉଦ୍ଧାର କରି ବହ୍ମପୁର୍ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ଏ ଦୁହିଁଙ୍କ ମୃତ୍ୟୁ ଘୋଷଣା କରିଛି। ମୃତକ ଦୁଇଜଣ ମଧ ରୁଜଣଙ୍କ ନାମ ବିଶ୍ୱ ଜିତ ପଣ୍ଡା ଓ ଅନ୍ୟ ଜଣେ ଅଭିଜିତ ମାରାଣ୍ଡି ବୋଲି ଜଣାପଡ଼ିଛି। ବ୍ରହ୍ମପୁର ପୁଲିସ ଡାକ୍ତରଖାନାକୁ ଯାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida